ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 174 ଭାଗ ୩୪ | ସଂଖ୍ୟା ୧୭୪

Monday 14 September 2026 | Page 8 Rs. 5.00

ଭୁବନେଶ୍ୱର ସୋମବାର, ୧୪ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

୨୫୨ ମଦ୍ରାସା ବନ୍ଦ କରିବାକୁ ନିର୍ଦ୍ଦେଶ

ପୃଷ୍ଠା ୫

"ପବିତ୍ର ବିନାୟକ ଚତୁର୍ଥୀ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

ମହିଳା ଏସିଆ କପ୍: ୨୦୨୪ ପରାଜୟର ବଦ୍‌ଲା

ଭାରତକୁ ଅଷ୍ଟମ ଟାଇଟଲ୍

ଦୁବାଇ,୧୩।୯: ଚଳିତ ମହିଳା ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଛି। ଆଜି ଏଠାରେ ଖେଳାଯାଇଥିବା ଫାଇନାଲ୍‌ରେ ଭାରତ ଗତ ସଂସ୍କରଣର ଚାମ୍ପିଅନ୍ ଶ୍ରୀଲଙ୍କାକୁ ୭୨ ରନ୍‌ରେ ପରାସ୍ତ କରି ଅଷ୍ଟମ ଥର ପାଇଁ ଟାଇଟଲ୍ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟ୍ ବିନିମୟରେ ୧୮୩ ରନ୍ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା ଅର୍ଦ୍ଧଶତକ ହାସଲ କରିବା ସହ ଏସିଆ କପ୍ ଟି-୨୦ ପ୍ରତିଯୋଗିତାରେ ରେକର୍ଡ ଭାଗୀଦାରୀ କରିଥିଲେ। ସେହିପରି ଶେଫାଳୀ ମଧ୍ୟ ମାତ୍ର ୨୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ଏସିଆ କପ୍ ଇତିହାସରେ ଦ୍ରୁତତମ ପୃଷ୍ଠା-୬

ଯାତ୍ରୀବାହୀ ଜାହାଜ ଦୁର୍ଘଟଣାଗ୍ରସ୍ତ

୬ ମୃତ, ୧୩୦ ନିଖୋଜ

ଜାକର୍ତ୍ତା,୧୩।୯: ପ୍ରତିକୂଳ ପାଗ କାରଣରୁ ନିୟନ୍ତ୍ରଣ କକ୍ଷ ସହ ସମ୍ପର୍କ ହରାଇଥିବା ଏକ ଯାତ୍ରୀବାହୀ ଜାହାଜ ରବିବାର ଜାଭା ସାଗରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୪୦ରୁ ଅଧିକ ଯାତ୍ରୀ ଥିବା ବେଳେ ୬ ଜଣଙ୍କର ମୃତ୍ୟୁ ଘଟିଛି ଓ ୧୩୦ ଜଣ ଏଯାବତ୍ ନିଖୋଜ୍ ରହିଛନ୍ତି। ଏଥିସହ ଉଦ୍ଧାରକାରୀ ଦଳ ୧୦୭ ଜଣ ଯାତ୍ରୀଙ୍କୁ ଉଦ୍ଧାର କରିଥିବା ଇଣ୍ଡୋନେସିଆ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।ଜାହାଜର ଅନ୍ତିମ ଗନ୍ତବ୍ୟ ସ୍ଥାନରେ ଉଦ୍ଧାର ଓ ତଲାସୀ ଅଭିଯାନକୁ ବ୍ୟାପକ କରାଯାଇଛି। ତଲାସୀ ଓ ଉଦ୍ଧାରକାରୀ ସଂସ୍ଥା କହିଛି ଯେ 'ଭର୍ଗୋ ଟ୍ରାନ୍ସପୋର୍ଟ-୮' ନାମକ ଜାହାଜଟି ଶନିବାର ପୂର୍ବ ଜାଭାର ସୁରବାୟାଠାରୁ ଯାତ୍ରା ପୃଷ୍ଠା-୬

ମୋଦିଙ୍କ ଉଦ୍‌ଯାପନୀ ଅଭିଭାଷଣ

ବ୍ରିକ୍ସ ସଦସ୍ୟ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ

- ୪ଟି ସ୍ତମ୍ଭ ଉପରେ ବିଶେଷ ଗୁରୁତ୍ୱ
- ତିନି ଦିନରେ ମୋଦିଙ୍କ ୧୫ ଦ୍ୱିପାକ୍ଷିକ ବୈଠକ
- ଯୁଦ୍ଧରେ ଖଣିଜ ସମ୍ପଦର ବିନିଯୋଗ ନେଇ ଉଦ୍‌ବେଗ

ନୂଆଦିଲ୍ଲୀ,୧୩।୯: ସାମ୍ପ୍ରତିକ ବିଶ୍ୱରେ ଦେଶ-ଦେଶ ମଧ୍ୟରେ ଭୂ-ରାଜନୈତିକ ଉତ୍ତେଜନା ବଢୁଛି। ଏହା ସମଗ୍ର ବିଶ୍ୱର ସାଧାରଣ ଲୋକଙ୍କ ଜୀବନ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏଭଳି ପରିପ୍ରେକ୍ଷୀରେ ଏହି ଆହ୍ୱାନ ସବୁର ମୁକାବିଲା କରିବା ପାଇଁ ବ୍ରିକ୍ସ ରାଷ୍ଟ୍ରସମୂହକୁ ଏକଜୁଟ୍ ହୋଇ କାମ କରିବାକୁ ପଡ଼ିବ। 'ଗ୍ଲୋବାଲ ସାଉଥ୍'ର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି (ଇନକ୍ଲୁସିଭ୍ ଗ୍ରୋଥ୍) ପାଇଁ ବ୍ରିକ୍ସକୁ ଏକତ୍ରିତ ହେବାକୁ ପଡ଼ିବ। ବିଶେଷକରି ମାନବତାର ବିକାଶ ଲାଗି ବ୍ରିକ୍ସ ରାଷ୍ଟ୍ର ସମୂହକୁ ପ୍ରସ୍ଫୁଟିତ ହେବାକୁ ପଡ଼ିବ ବୋଲି ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜକ ରାଷ୍ଟ୍ର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଶିଖର ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି।

ବିଶ୍ୱରେ ଏବେ ପ୍ରଯୁକ୍ତିବିଦ୍ୟାର ଆୟୁଧିକରଣ (ୱିପନାଇଜେସନ୍) ଚାଲିଛି। ଏଥିସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦକୁ ଯୁଦ୍ଧରେ ବିନିଯୋଗ କରାଯାଉଛି। ନିଜର ଉଦ୍‌ଯାପନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଏହି ଦୁଇ ପ୍ରସଙ୍ଗକୁ ନେଇ ଗଭୀର ଉଦବେଗ ପ୍ରକାଶ କରିବା ସହିତ ଏହା ମିଳିତ ଅଗ୍ରଗତି ଓ ସମୃଦ୍ଧି ପଥରେ ବାଧକ ସାଜିପାରେ ବୋଲି ଚିନ୍ତା ପ୍ରକଟ କରିଛନ୍ତି।

ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଓ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱ ସୁବିଆନ୍ତୋଙ୍କ ପରି ବ୍ରିକ୍ସ ରାଷ୍ଟ୍ର ସମୂହର ପ୍ରମୁଖ ନେତୃବୃନ୍ଦଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ଏଭଳି ବିବୃତି ରଖିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତର ଅଧ୍ୟକ୍ଷତାରେ ଆମେ ମୁଖ୍ୟତଃ ଚାରିଗୋଟି ସ୍ତମ୍ଭ ଉପରେ ଆମର ଉଦ୍ୟମକୁ କେନ୍ଦ୍ରୀଭୂତ କରିଛୁ ଯଥା- ସ୍ଥିତିସ୍ଥାପକତା, ନବସୃଜନ, ସହଯୋଗ ଓ ସ୍ଥାୟିତ୍ୱ। ମୁଁ ଖୁସି ଯେ ଆପଣମାନଙ୍କର ସହଯୋଗ ଓ ସମର୍ଥନରେ ଆମେ ଆମର ମିଳିତ ଦୃଷ୍ଟିକୋଣକୁ ଉଭୟ ପକ୍ଷ ଲାଗି ଏକ ଲାଭଦାୟକ ସ୍ଥିତିରେ ରୂପାନ୍ତରିତ କରିପାରିଛୁ।

ରବିବାର ବ୍ରିକ୍ସର ଅନ୍ତିମ ଦିନରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପୃଷ୍ଠା-୬

ଯୁବବର୍ଗଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ରାଜ୍ୟର ପ୍ରାଥମିକତା

ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ): ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ୟୁଏଇ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗସ୍ତର ସଫଳତା ସମ୍ପର୍କରେ ଗଣମାଧ୍ୟମକୁ ସେ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି। ଗତ ଦୁଇ ବର୍ଷ ଧରି 'ଉତ୍କର୍ଷ ଓଡ଼ିଶା- ମେକ ଇନ୍ ଓଡ଼ିଶା କନକ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଗୁଜରାଟଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ

ଜେନ-ଜି' ପାଇଁ ସର୍ବାଧିକ ସାମର୍ଥ୍ୟ ଉପଯୋଗ କରୁଛନ୍ତି ସରକାର

୨୨.୫ ଲକ୍ଷ କୋଟିରେ ପହଞ୍ଚିଲା ସମୁଦାୟ ପୁଞ୍ଜି ନିବେଶ ପ୍ରସ୍ତାବ

ୟୁଏଇରୁ ଆସିବ ୨.୪୩ ଲକ୍ଷ କୋଟିର ନିବେଶ, ସୃଷ୍ଟି ହେବ ୯ ଲକ୍ଷ ନିଯୁକ୍ତି

ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ୨୦୨୫ ଜାନୁଆରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ— ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି। ୟୁଏଇ ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଙ୍ଗ୍, ୬ଟି ରାଉଣ୍ଡ ଟେବୁଲ ମିଟିଂ, ୪୬ଟି ୱାନ୍-ଟୁ-ୱାନ୍ ମିଟିଂ ସହ ପ୍ରାୟ ୪୦୦ ଶିଳ୍ପ ପୃଷ୍ଠା-୬

ଓରାଙ୍ଗଉଟାନ ଚୋରାଚାଲାଣ ଲିଙ୍କର ଖୋଲୁଛି ଗୁମର

ହୋଟେଲ୍ ମାଲିକ ଓ ତାଙ୍କ ପୁଅ ମାଷ୍ଟରମାଇଣ୍ଡ!

ଜଳେଶ୍ୱର,୧୩।୯ (ସଂଚାର ବ୍ୟୁରୋ): ଓରାଙ୍ଗଉଟାନ ଚୋରାଚାଲାଣ ଲିଙ୍କ୍ ଧୀରେ ଧୀରେ ଖୋଲୁଛି। ଏହି ମାମଲାରେ ଘଣ୍ଟାଚକଟା ଚାଲିଥିବା ବେଳେ ଓରାଙ୍ଗଉଟାନ୍ କୋଲକାତାକୁ ଦୀଘା ଆସିଥିଲା ବୋଲି ଜଣାପଡୁଛି। ଦୀଘାରେ ଥିବା ଗ୍ରାଣ୍ଡ ହେରିଟେଜ୍ ହୋଟେଲର ମାଲିକ ଜୟନ୍ତ ମାଇତି ଓ ତାଙ୍କ ପୁଅ ହେଉଛନ୍ତି ପୂରା କାରବାରର ମାଷ୍ଟରମାଇଣ୍ଡ। ହାୱଡା ଆନ୍ଦୋଲ ଅଞ୍ଚଳରେ ଜୟନ୍ତଙ୍କ ଘର।

ଓରାଙ୍ଗଉଟାନଙ୍କ ପାଇଁ ୫ ଜଣିଆ ବୈଷୟିକ କମିଟି

ଖବର ଅନୁଯାୟୀ, ୪ ମାସ ପୂର୍ବରୁ ଦୀଘାରେ ସେ ହୋଟେଲ କରିଥିଲେ। ହୋଟେଲ ମାଲିକଙ୍କ ପତ୍ନୀ ଓ ତାଙ୍କ ଝିଅଙ୍କୁ ୫ ଘଣ୍ଟା ଧରି ଜେରା କରିଛି ଏସଟିଏଫ୍। ଏହି ଘଟଣାରେ ହୋଟେଲ ମାଲିକ ଓ ତାଙ୍କ ପରିବାର ସଦସ୍ୟଙ୍କ ସମେତ ମୋଟ ୧୨ ଜଣଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିଛି। ସେହିଭଳି ଘଟଣାରେ ବ୍ୟବହୃତ ବ୍ଲାକ୍ ଥାର୍ ଗାଡ଼ିକୁ ନେଇ ମଧ୍ୟ ସାମ୍ନାକୁ ଆସିଛି ନୂଆ ତଥ୍ୟ। ହୋଟେଲରେ ହିଁ ହୋଇଥିଲା ସବୁ ଡିଲ୍। ହୋଟେଲ ମାଲିକଙ୍କ ପୁଅ ନାଁରେ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲା ଥିବା ମଧ୍ୟ ଜଣାପଡ଼ିଛି।

ଅନ୍ୟପଟେ ପୂର୍ବରୁ ଅନ୍ୟ ଏକ ମାମଲାରେ ଉତ୍ତର ପ୍ରଦେଶ ପୁଲିସ ମଧ୍ୟ ହୋଟେଲ ମାଲିକଙ୍କ ପୁଅକୁ ଗିରଫ କରିଥିଲା। ଏବେ ଫେରାର୍ ବାପା-ପୁଅଙ୍କୁ ଖୁବ୍‌ଶୀଘ୍ର ଧରିବାକୁ ଚେଷ୍ଟା ଚଳାଇଛି ଏସଟିଏଫ୍। ସେପଟେ ଆଉ ଏକ କଳା ଥାର୍‌କୁ ନେଇ ସୃଷ୍ଟି ହୋଇଛି ସନ୍ଦେହ। ପୂର୍ବ ରାତିରେ ଜଙ୍ଗଲ ରାସ୍ତାରେ ଲାଗିଥିବା ଏକ ସିସିଟିଭିରେ କଏଦ୍ ହୋଇଥିଲା ଏହି କଳା ଥାର୍‌ର ଭିଜୁଆଲ୍। ଏହି କଳା ଥାର୍ ସହ ଆଉ ଏକ ଧଳା ଏସୟୁଭିକୁ ମଧ୍ୟ ଦେଖିବାକୁ ମିଳିଛି। ଅନୁମାନ କରାଯାଉଛି ଯେ ଓରାଙ୍ଗଉଟାନ୍ ଶାବକମାନଙ୍କୁ ଏହି ଗାଡ଼ିରେ ବିଚିତ୍ରପୁର ଜଙ୍ଗଲକୁ ଅଣାଯାଇଥିଲା।

ସେପଟେ ନନ୍ଦନକାନନରେ ଥିବା ୫ ଓରାଙ୍ଗଉଟାନ ଛୁଆଙ୍କ ପାଇଁ ଗଠନ କରାଯାଇଛି ୫ ଜଣିଆ ବୈଷୟିକ କମିଟି। ପିସିସିଏଫ (ବନ୍ୟପ୍ରାଣୀ) ପୃଷ୍ଠା-୬

ଦେବୀ ମୁହାଣରେ ଦ୍ୱିଖୋଳକ ଜୀବ

ନାଁ ରଖାଗଲା 'ଡେଲ୍ଟାକିଅନ୍ ରେଭେନ୍ସା'

କଟକ,୧୩।୯ (ସଂଚାର ବ୍ୟୁରୋ): ଓଡ଼ିଶାର ସାମୁଦ୍ରିକ ଜୈବ ବିବିଧତାକୁ ନେଇ ଗବେଷଣା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ଦେବୀ ନଦୀ ମୁହାଣ। ଏଠାରୁ ମିଳିଛି ୭ ମିଲିମିଟରରୁ କମ୍ ଆକାରର ଏକ ନୂଆ ପ୍ରଜାତିର ଦ୍ୱିଖୋଳକ ଜୀବ। ଏହି କ୍ଷୁଦ୍ର ଜୀବର ଆବିଷ୍କାର କେବଳ ଜୀବ ବିଜ୍ଞାନୀଙ୍କ ପାଇଁ ନୁହେଁ, ଓଡ଼ିଶା ଉପକୂଳରେ ଲୁଚି ରହିଥିବା ଅଜଣା ଜୀବଜଗତ ସମ୍ପର୍କରେ ନୂଆ ଆଶା ସୃଷ୍ଟି କରିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ନେଦରଲ୍ୟାଣ୍ଡସ୍ ନାଚୁରାଲିସ୍ ଜୈବ ବିବିଧତା କେନ୍ଦ୍ରର ଗବେଷକମାନେ ଏହି ଜୀବକୁ ଚିହ୍ନଟ କରିଛନ୍ତି। ନୂଆ ପ୍ରଜାତିର ନାମ 'ଡେଲ୍ଟାକିଅନ୍ ରେଭେନ୍ସା' ରଖାଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷଣା ଅବଦାନକୁ ସମ୍ମାନ ଜଣାଇ ଏପରି ନାମକରଣ କରାଯାଇଛି।

ଚଳିତ ବର୍ଷ ଫେବ୍ରୁଆରୀରେ ଦେବୀ ନଦୀ ମୁହାଣ ନିକଟ ଅସ୍ତରଙ୍ଗ ଅଞ୍ଚଳରେ ସାମୁଦ୍ରିକ ଜୀବଜନ୍ତୁ ସମ୍ପର୍କିତ ସର୍ବେକ୍ଷଣ ବେଳେ ଗବେଷକମାନେ ଏହି ଜୀବର ତିନୋଟି ନମୁନା ସଂଗ୍ରହ କରିଥିଲେ। ବାଲୁକାମୟ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ନମୁନାକୁ ପରେ ଅତ୍ୟନ୍ତ ସୂକ୍ଷ୍ମ ଭାବେ ପରୀକ୍ଷା କରାଯାଇଥିଲା। ଏହାର ଖୋଳର ଆକାର, ଗଠନ ଓ ପୃଷ୍ଠରେ ଥିବା ବିଶେଷ ଚିହ୍ନକୁ ଅନ୍ୟ ନିକଟ ସମ୍ପର୍କୀୟ ପ୍ରଜାତି ସହ ତୁଳନା କରାଯାଇଥିଲା। ଅଧ୍ୟୟନ ପରେ ଏହା ଏକ ସ୍ୱତନ୍ତ୍ର ପ୍ରଜାତି ବୋଲି ଗବେଷକମାନେ ନିଶ୍ଚିତ ହୋଇଥିଲେ। ଅଧ୍ୟୟନ ଅନୁଯାୟୀ, ଭାରତରେ ବର୍ତ୍ତମାନ ପୃଷ୍ଠା-୬

ଏସ୍‌ବିଆଇରେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ହିନସ୍ତା

ଦରମା ୧୩ ହଜାର; ୫୦୦ କିମି ଦୂରକୁ ବଦଳି

- ନିଯୁକ୍ତି ନାଁରେ ଲାଞ୍ଚ ଆଦାୟ ହେଉଥିବା ଅଭିଯୋଗ
- ବ୍ୟାଙ୍କ୍ ଉପରେ ଦୋଷ ଲଦିଲେ ସୁପରଭାଇଜର

ଭୁବନେଶ୍ୱର,୧୩।୯ (ସଂଚାର ବ୍ୟୁରୋ): ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ସମସ୍ତ ବ୍ରାଞ୍ଚରେ ନିଯୁକ୍ତି ନାଁରେ ଚାଲିଛି ବ୍ୟାପକ ଜାଲିଆତି ଓ ଲାଞ୍ଚ କାରବାର। ଆଉ ଏହି ଜାଲିଆତିର ମୁଖ୍ୟ ନାୟକ ସାଜିଛି ଆଉଟସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତି ଦାୟିତ୍ୱରେ ଥିବା ନୂଆଦିଲ୍ଲୀର ରାଜେନ୍ଦ୍ର ମ୍ୟାନେଜମେଣ୍ଟ ଗ୍ରୁପ୍। ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ପାଇଁ ଜଣଙ୍କ ପିଛା ୫୦ ହଜାର ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଆଉ ନୂଆ ନିଯୁକ୍ତି ପାଇଁ ପୁରୁଣା କର୍ମଚାରୀଙ୍କୁ ୫୦୦ କିମି ଦୂର ମାଲକାନଗିରି ଓ କୋରାପୁଟକୁ ବଦଳି କରାଯାଉଛି।

ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଏସ୍‌ବିଆଇର ସମସ୍ତ ବ୍ରାଞ୍ଚରେ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି କରାଯାଇଛି। ଏହି ଆଉଟସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତି ଦାୟିତ୍ୱ ନୂଆଦିଲ୍ଲୀର ରାଜେନ୍ଦ୍ର ମ୍ୟାନେଜମେଣ୍ଟ ଗ୍ରୁପ୍‌କୁ ମିଳିଛି। ଏହି ସଂସ୍ଥାର ଓଡ଼ିଶା ପରିଚାଳନା ଦାୟିତ୍ୱରେ ଅଛନ୍ତି ବାବୁଲା ବେହେରା। ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ସମସ୍ତ ବ୍ରାଞ୍ଚରେ ୧୨୨ ଜଣ ନିଯୁକ୍ତି ପାଇଛନ୍ତି। ଏହି କର୍ମଚାରୀଙ୍କ ମଧ୍ୟରୁ ଅନେକ ବିଭିନ୍ନ ବ୍ରାଞ୍ଚରେ ୫ରୁ ୧୫ ବର୍ଷ ଧରି କାର୍ଯ୍ୟ କରି ଆସିଛନ୍ତି।

ତେବେ ନିକଟରେ ୩୦ ଜଣ କର୍ମଚାରୀଙ୍କୁ ରାଜ୍ୟର ଅନ୍ୟ ଜିଲ୍ଲାକୁ ବଦଳି କରାଯାଇଛି। ମାସକୁ ୧୩ ହଜାର ୬୦୦ ଟଙ୍କା ଦରମା ପାଉଥିବା ଏହି କର୍ମଚାରୀମାନଙ୍କୁ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ବଦଳି କରାଯାଇଛି। ଫଳରେ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ ଅଳ୍ପସଂଖ୍ୟକ ଦରମାରେ ପରିବାର ସହ ୫୦୦ କିମି ଦୂରରେ ଚଳିବା ଆଦୌ ସମ୍ଭବ ନୁହେଁ। ଘରୋଇ କମ୍ପାନୀର ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲା ଦାୟିତ୍ୱରେ ଥିବା ସୁପରଭାଇଜରଙ୍କ ମନମୁଖୀ ଓ ଲାଭଖୋର ମନୋବୃତ୍ତି ପାଇଁ ଆଉଟସୋର୍ସିଂ କର୍ମଚାରୀମାନେ ହଇରାଣ ହରକତ ହେଉଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଶ୍ରୀ ବେହେରା ପିଲାଙ୍କଠାରୁ ନିଯୁକ୍ତି ଦେବାକୁ କହି ମୁଣ୍ଡପିଛା ୫୦ ହଜାର ଟଙ୍କା ଉତ୍କୋଚ ନେଇଛନ୍ତି। ନୂଆ ପିଲାଙ୍କୁ ନିଯୁକ୍ତି ଦେବାକୁ ଯାଇ ପୁରୁଣା ପିଲାଙ୍କୁ ଦୂରକୁ ବଦଳି କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କୁଆଡ଼େ ଶ୍ରୀ ବେହେରା ପିଲାଙ୍କୁ କହିଛନ୍ତି ଯେ ସେ ଯେଉଁ ୫୦ ହଜାର ଟଙ୍କା ନେଉଛନ୍ତି, ସେଥିରୁ ରିଜିଓନାଲ ମ୍ୟାନେଜରଙ୍କୁ ୧୦ ହଜାର, ଏଚଆର୍ ମ୍ୟାନେଜର ଓ ପୃଷ୍ଠା-୬

୨୦୨୯ ପୂର୍ବରୁ ସବୁ ଏନଡିଏ ଶାସିତ ରାଜ୍ୟରେ ୟୁସିସି

ନୂଆଦିଲ୍ଲୀ,୧୩।୯: ୨୦୨୯ ପୂର୍ବରୁ ସମସ୍ତ ୨୧ଟି ଏନଡିଏ ଶାସିତ ରାଜ୍ୟରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରାଯିବ ବୋଲି ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ସେ ସରଳ ଭାବରେ ବୁଝାଇ କହିଛନ୍ତି ଯେ, ୟୁସିସିର ଅର୍ଥ ହେଉଛି ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ବିବାହ, ଛାଡପତ୍ର, ସମ୍ପତ୍ତି ବିଭାଜନ ଓ ପୋଷ୍ୟ ସନ୍ତାନ ଗ୍ରହଣ ଭଳି କ୍ଷେତ୍ରରେ ସମାନ ଆଇନ ରହିବ। ଆମେ ଅନେକ ରାଜ୍ୟରେ ସମାନ ନାଗରିକ ସଂହିତା ଲାଗୁ କରିଛୁ। ମୁଁ ନିଶ୍ଚିତ ଯେ ଆମେ ୨୦୨୯ ପୂର୍ବରୁ ସମସ୍ତ ୨୧ ଏନଡିଏ-ଶାସିତ ରାଜ୍ୟରେ ୟୁସିସିକୁ ସମ୍ପୂର୍ଣ୍ଣ ଭାବରେ ଲାଗୁ କରିବୁ। ଏଥିସହ ନରେନ୍ଦ୍ର ମୋଦି ଶାସନ ଓ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ୧୭ ସେପ୍ଟେମ

ପୁନଃମିଳନ

ପୁଷ୍ପଲତା ମିଶ୍ର

ରଘୁ ଓ ରମଣୀର ବିବାହର ପାଞ୍ଚ ବର୍ଷ ପରେ ବାର ଓଷା ତେର ବ୍ରତ କରି ମାଆ ମଙ୍ଗଳାଙ୍କ କୃପାରୁ ତାଙ୍କ କୋଳ ମଣ୍ଡନ କଲା ଗୋଟିଏ ପୁଅ। ପୁଅଟି ରାଜ କୁମାର ପରି ସୁନ୍ଦର ତାର ଗୁଲ ଗୁଲିଆ କଥାରେ ପେଟ ପୁରି ଯାଉଥିଲା ରଘୁ ଆଉ ରମଣୀ ର।ପୁଅ କୁ ଯେତେବେଳେ ପାଞ୍ଚ ବରଷ ସେତେବେଳେ ରଘୁ ପୁଅ ବିକ୍ରମକୁ ଯାତ୍ରା ଦେଖେଇବାକୁ ନେଇ ଥିଲା। ଯାତ୍ରା ଗହଳି ରେ ବିକ୍ରମ ହଜିଗଲା, ଖୋଜି ଖୋଜି ରଘୁ ପାଗଳ ହେଇଗଲା ଖାଇବା ପିଇବା ବନ୍ଦ କରିଦେଲା । ପୁଅ ବିକ୍ରମକୁ ପାଇଲା ନାହିଁ ,କିଛି ଦିନ ପରେ ପୁଅକୁ ଝୁରି ଝୁରି ରଘୁ ଆର ପାରିକୁ ଚାଲିଗଲା। ରମଣୀ ଏକା ରହିଥାଏ ଆଉ ପ୍ରତି ବର୍ଷ ଯାତ୍ରା କୁ ଯାଏ ତା ପୁଅକୁ ଖୋଜିବାକୁ ଖୋଜି ଖୋଜି ନିରାଶ ହୋଇ କେମିତି ଚଳିବ ଖାଇବ କଣ ? କେତେଦିନ ଏମିତି ଭୋକ ଉପାସ ରେ ଘର ଭିତରେ ପଡ଼ିରହିବ।

ଏମିତି କିଛି ଦିନ ପରେ ରମଣୀ ସହରକୁ ଚାଲିଗଲା, ସେଠାରେ ପର ଘରେ ବାସନ ମାଜି ଚଳୁ ଥାଏ, ସେଥିରେ ମନ ବୁଝିଲାନି, ସେ ସହର କୁ କାହିଁକି ଆସୁଛି କେବଳ ତା ପୁଅ ବିକ୍ରମ କୁ ଖୋଜିବାକୁ, ବାପା ସିନା ତାର ଚାଲିଗଲା କିନ୍ତୁ ସେ ତ ବଞ୍ଚିଛି ମରିବା ପର୍ଯ୍ୟନ୍ତ ସେ ତା ପୁଅକୁ ଖୋଜିବ। ଭଲ ଦିନକୁ ପାଇବାକୁ ହେଲେ ତାକୁ ଖରାପ ଦିନ ମଧ୍ୟ ରେ ଲଢ଼ିବାକୁ ପଡ଼ିବ। କିଛି ଟଙ୍କା ଯୋଗାଡ କରି ସହରର ଗୋଟିଏ ଜାଗାରେ ବାଦାମ ଆଣି ବିକେ। କେତେ ଲୋକ ସେ ସହର ରେ ଯିଓ୍ୱା ଆସିବା କରୁଛନ୍ତି, ସେମାନଙ୍କ ଭିତରେ ରମଣୀ ଖୋଜି ଚାଲେ ତା ପୁଅକୁ .....। ପ୍ରତି ବର୍ଷ ପୁଅର ଜନ୍ମ ଦିନରେ ସେ ତା ପୁଅର ଜନ୍ମ ଦିନ ପାଳେ ସେ ଦିନର ଯାହା ରୋଜଗାର ହୋଇଥାଏ ଗରିବ ଲୋକଙ୍କୁ ବାଣ୍ଟି ଦିଏ। ଦୀର୍ଘ ପଚିଶି ବର୍ଷ ହେଲାଣି ପୁଅ କୁ ଖୋଜି ଖୋଜି ହାଲିଆ ହୋଇ ଗଲାଣି ରମଣୀ ! ରଘୁ ବି ପୁଅ କୁ ଖୋଜି ଖୋଜି ଦଶ ବାର ବର୍ଷ ହେଲାଣି ସେ ଆର ପାରି କୁ ଚାଲି ଗଲାଣି। ରମଣୀ ମନେ ମନେ ଭାବୁଛି ମୁଁ ବି ଏମିତି କୋଉ ଦିନ ଚାଲି ଯିବି କିଏ ଜାଣେ?ପାଗଳ ହେଇ ଯାଇଥିଲା ସିନା ରଘୁ କିନ୍ତୁ ସେ ପୁଅକୁ ଭୁଲି ନଥିଲା ରଘୁ ମରିବା ପୂର୍ବରୁ କହିଥିଲା ରମଣୀ, ମୁଁ ନ ଥିଲେ କଣ ହେଲା ତୁ ନିଶ୍ଚିନ୍ତ ପୁଅ କୁ ଖୋଜିବୁ। ମୁଁ ଆର ପାରି ରେ ତୋତେ ଅପେକ୍ଷା କରି ଥିବି ମୁଁ ଶୁଣିବି ତୁ ଆମ ପୁଅ କୁ ପାଇଛୁ ତେବେ ଯାଇ ମୋ ଆତ୍ମା ଶାନ୍ତି ପାଇବ। ରଘୁ ଏଇ ଶେଷ ପଦ କଥାକୁ ମନେ ରଖିଥାଏ ରମଣୀ। ରମଣୀ ର ବ୍ୟବହାର ଏତେ ମାର୍ଜିତ ଯେ ସମସ୍ତେ ତାକୁ ଭଲ ପାଆନ୍ତି ନିଜର ଖର୍ଚ୍ଚ ବ୍ୟତୀତ ଯାହା ଟଙ୍କା ବଳେ ସେଥିରେ ଛୋଟ ଛୋଟ ପିଲା ଙ୍କୁ ଖାଇବାକୁ ଦିଏ ରମଣୀ !

ସେ ଦିନ ଥାଏ ରମଣୀ ପୁଅର ଜନ୍ମ ଦିନ ସେ ତର ତର ହୋଇ ଦୋକାନ ଖୋଲି ବସିଲା ବିକ୍ରି ସରିଲେ ଅନାଥାଶ୍ରମ ରେ ଟିକି ଟିକି ପିଲା ଙ୍କୁ ଖାଇବାକୁ ଦବ। ସେଦିନ କିଛି ବିକ୍ରି ହେଇ ନ ଥାଏ ମାଇକ୍ ରେ କହିଗଲେ ଏଠି ଦୋକାନ ରହିବନି ଉଠେଇ ଦିଅ। ସବୁ ଦକୋନି ନିଜ ଜିନିଷ ଉଠେଇ ଦୋକାନ ବନ୍ଦ କରି - ଦେଲେ ,କିନ୍ତୁ ରମଣୀ ଦୋକାନ ବନ୍ଦ କରି ନଥାଏ। ଅନ୍ୟ ଦୋକାନୀ ଭାଇ ମାନେ ଆସି କହିଲେ ଭଉଣୀ ସରକାରୀ କଥା ତୁମେ ଦୋକାନ ବନ୍ଦ କରିଦିଅ। କିନ୍ତୁ ରମଣୀ ଦୋକାନ ବନ୍ଦ କଲା ନାହିଁ, କହିଲା ଆଜି ମୋ ପୁଅର ଜନ୍ମ ଦିନ ଯାହା ବିକିବି ନେଇ ଅନାଥ ପିଲାଙ୍କୁ ଖାଇବାକୁ ଦେବି ସେ ଟିକି ଟିକି ଛୁଆ ମତେ ଚାହିଁ ଥିବେ। ଏହି ସମୟରେ ଜଣେ ପୋଲିସ ବାବୁ ଆସିଲେ କହିଲେ ମାଆ ଏଠୁ ଦୋକାନ ଉଠେଇବାକୁ ପଡିବ। ବାବୁ ଆଜି ମୋ ପୁଅର ଜନ୍ମ ଦିନ ମୋ ପୁଅ ଗାଁ ଯାତ୍ରା ରୁ କୁଆଡେ ହଜି ଗଲା ତାକୁ ଖୋଜି ଖୋଜି ତା ବାପା ଆରପାରିକୁ ଚାଲି ଗଲେ ,ମୁଁ ବିଚାରି ବଞ୍ଚି ରହିଛି। ମୁଁ ଏ ସହର କୁ ଆସି ଏଠି ଦୋକାନ ଟେ କରିଛି ସତ ମୋର ଲକ୍ଷ୍ୟ ମୋ ପୁଅକୁ ଖୋଜିଓ୍ୱା। ଆଜି ମୋ ପୁଅ ର ଜନ୍ମ ଦିନ ଆଜି ଯାହା ବିକ୍ରି ହବ ସବୁ ଟଙ୍କା ରେ ଅନାଥ ପିଲାଙ୍କୁ ଖାଇବାକୁ ଦେବି ଏଠି ନ ବିକିଲେ ଖାଇବାକୁ ଦେବି କେମିତି। ପୋଲିସ ଅଫିସର ଙ୍କ ମନ ତରଳି ଗଲା,କହିଲା ମାଆ ତୁମ ପୁଅର ନାମ ବିକ୍ରମ କି ?? ହଁ ବାବୁ ତୁମେ କେମିତି ଜାଣିଲ ମୋ ପୁଅର ନାମ ବିକ୍ରମ ? ମାଆ ତୁମ ହଜି ଯାଇଥିବା ପୁଅ ମୁଁ ବିକ୍ରମ !!ରମଣୀ ପାଟିରୁ କଥା ବାହାରିଲା ନାହିଁ ଅତି ଖୁସି ହେଇ ଉପରକୁ ହାତ ଟେକି କହିଲା ଦେଖା ବିକ୍ରମ ବାପା ତୁମ ପୁଅକୁ ମୁଁ ଖୋଜି ପାଇଛି ତୁମେ କହିଥିଲ ନା ତୁମ ପୁଅକୁ ଖୋଜି ପାଇଲେ ତୁମ ଆତ୍ମା ଶାନ୍ତି ପାଇବ। ଦେଖ ତୁମ ପୁଅ ଆଜି ପୋଲିସ ଅଫିସର୍। ପୁଅ କୁ ଜାବୁଡି ଧରିଥାଏ ରମଣୀ ,ପୁଅ ବିକ୍ରମ କହୁଥାଏ ମା ତୁମକୁ ମୁଁ ମୋ ପାଖକୁ ନେଇଯିବି ମା ତୁମେ ମୋ ପାଖରେ ରହିବ। ଏ ମାଆ ପୁଅଙ୍କର ପୁନଃମିଳନକୁ ଖୁସିରେ ସମସ୍ତଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହି ଯାଉଥିଲା।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭

କାହାଣୀ ଏଇଠି ସରିନି

ଡ଼ଃ ଅନୁପମା ବିଶ୍ୱାଳ

ଦୁଇଥର ଅସଫଳ ହେବାପରେ ଅନିମେଶ ଟେବୁଲ ଉପରେ ପଡିଥିବା ନିଜ ଚିତ୍ରକଳା ସରଞ୍ଜାମଗୁଡିକୁ ପ୍ୟାକ କରିବାରେ ଲାଗିଥିଲା।ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ତାହାର ଚିତ୍ରଟି ଏଥର ବି ସ୍ଥାନ ପାଇଲା ନାହିଁ।ମନର ସବୁ ଆଶା ଭାଙ୍ଗି ଚୂରମାର ହୋଇଯାଇଥିଲା।ସେ ଭାବିଥିଲା,ହୁଏତ ରଙ୍ଗ ତୂଳୀ ସହ ତା ସମ୍ପର୍କ ଏଇଠି ତୁଟିଗଲା। ହଠାତ ତା' ସାତ ବର୍ଷର ଝିଅ ମିନୁ କୋଠରୀ ଭିତରକୁ ଦୌଡ଼ି ଆସିଲା।ହାତରେ ଗୋଟିଏ ଅଙ୍କାବଙ୍କା ରଙ୍ଗ କରାଯାଇଥିବା ଧଳା କାଗଜ।ସେ ଖୁସିରେ ଚିତ୍କାର କରି କହିଲା,"ବାପା !ଦେଖ୍,ତୁମେ ଫିଙ୍ଗିଥିବା କାଗଜରେ ମୁଁ ଏକ ନୂଆ ସୂର୍ଯ୍ୟୋଦୟ ଆଙ୍କିଛି।ତୁମେ ହିଁ ତ କହିଥିଲ,ଧଳା ରଙ୍ଗ ଉପରେ ଝୁଣ୍ଟି ପଡିଲେ ବି କଳା ରଙ୍ଗ ଆଲୋକ ଛାଡିଦିଏ ନାହିଁ ।ଝିଅର ହାତରେ ଥିବା ସେଇ କଞ୍ଚା ଅଙ୍କନକୁ ଅନିମେଶ କିଛି ସମୟ ଅପଲକ ନୟନରେ ଚାହିଁ ରହିଲା।ସତରେ ତ, ଥରେ ଦୁଇଥର ହାରିଯିବା ମାନେ ଜୀବନର ପୂର୍ଣ୍ଣଚ୍ଛେଦ ନୁହେଁ।ଝିଅଟି ଯେଉଁ କାଗଜ ଖଣ୍ଡକୁ ଆଶାର କ୍ୟାନଭାସ୍ କରିଦେଇଛି,ସେଠାରେ ସେ କିପରି ହାର ମାନି ପାରିବ। ଅନିମେଶ ତଳେ ପଡିଥିବା ତୂଳୀଟିକୁ ପୁଣି ଉଠାଇ ନେଲା।ଆଖିରୁ ଲୁହ ପୋଛି ସେ ନୂଆ କ୍ୟାନଭାସ ଉପରେ ରଙ୍ଗ ଛୁଆଁଇଲା।ମନ ଭିତରୁ ସ୍ୱର ଆସୁଥିଲା-ପରାଜୟ କେବଳ ଗୋଟିଏ ଅଧ୍ୟାୟ ଥିଲା, କାହାଣୀ ଏଇଠି ସରିନି।

ସମ୍ବଲପୁର

ବିଘ୍ନ ବିନାଶକ ଶ୍ରୀଗଣେଶ

ଡଃ ତାନଶ୍ରୀ ପାଣିଗ୍ରାହୀ

ଚନ୍ଦନ ଚର୍ଚ୍ଚିତ ସିନ୍ଦୂର ଶୋଭିତ
ଅଗ୍ରପୂଜ୍ୟ ଶ୍ରୀଗଣେଶ
ଶିବଙ୍କ ନନ୍ଦନ ମୂଷିକ ବାହନ
ଦିଅ ତୁମ ଶୁଭାଶିଷ...
ଅଗ୍ରପୂଜ୍ୟ ଶ୍ରୀ ଗଣେଶ...

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀରେ
ତୁମ ଶୁଭ ଆଗମନ
ତୁମେ ସିଦ୍ଧିଦାତା ତୁମେ ବୁଦ୍ଧିଦାତା
ହେ ପ୍ରଭୁ ଗୌରୀ ନନ୍ଦନ
ଭକ୍ତି ଅର୍ଘ୍ୟ ଘେନ କରୁ ଆବାହନ
ତୁମେ ସର୍ବ ବିଘ୍ନ ନାଶ...
ଅଗ୍ରପୂଜ୍ୟ ଶ୍ରୀଗଣେଶ...

ମହାଭାରତକୁ ଲେଖିଥିଲ ପ୍ରଭୁ
ବ୍ୟାସଦେବଙ୍କଠୁ ଶୁଣି
ପିତାମାତାଙ୍କର ଚାରିପଟେ ବୁଲି
କାର୍ତ୍ତିକ ଗଲେ ଜିଣି
ବୁଦ୍ଧିର ସାଗର ତୁମେ ବିରାଜିତ
ଜାଣିଛି ଏ ସାରା ବିଶ୍ୱ...
ଆହେ ପ୍ରଭୁ ଶ୍ରୀଗଣେଶ...

ତୁମ କୃପା ବଳେ ମୂର୍ଖ ଯେ ପଣ୍ଡିତ
ହୋଇପାରେ ଏ ମହୀରେ
ସତ୍ୟ ଧର୍ମ ପଥେ ନେଇ ମାଆ ତୁମେ
ଜ୍ଞାନର ଆଲୋକ ଧାରେ
ତୁମେ ବିଦ୍ୟାଦାତା ହେ ଭାଗ୍ୟ ବିଧାତା
କାହାକୁ କରନା ନିଃସ୍ୱ...
ଅଗ୍ରପୂଜ୍ୟ ଶ୍ରୀଗଣେଶ...॥

ଆଚାର୍ଯ୍ୟା, ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ବାଲିଆ, ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫

ଶରତ ଶୋଭା

ସ୍ୱାଗତିକା ସାହୁ

ହେ ଶରତ ! ...
ଅଦ୍ୱିତୀୟ ବିନ୍ଧାଣୀର ନଇବେଦ୍ୟ ତୁମେ
ତୁମେ ପବନରେ ମୁଣ୍ଡ ଟୁଙ୍ଗାରି ହସୁଥିବା
ଧବଳ କାଶତଣ୍ଡିର ପଣତଟିଏ..!
ଶୁଭ୍ର ,ହଳଦୀ ରଙ୍ଗରେ ନିଶ୍ୱାସ ମାରୁଥିବା
ରହସ୍ୟମୟୀ ପାର୍ବଣର ସେତୁଟିଏ ତୁମେ
ତୁମେ ଅଜ୍ଞାତ ହୃଦୟର ପ୍ରୀତିଟିଏ ।

ହେ! ଶରତ ,
ଏଇ ମୋ ମନର ମଧୁ-ଯାମିନୀର
ତୁମେ ଆଖିର ସପନ
ସୁପ୍ତ ମନର ଜାଗୃତି ଗୋ ତୁମେ
ମୋ ପାଇଁ ସାଜ ଆହ୍ୱାନ।(୩)

ହେ!ଶରତ
ତୁମରି ଶବଦେ ନିନାଦିତ ଧରା
ନେଇ ମାଁ ଙ୍କ ଅଗମନିର ଝଙ୍କାର
ତୁମେ ଶବ୍ଦର ନିଆରା ଶୃଙ୍ଗାର
କେବେ ଢାଳିଦିଅ ବାତ୍ସଲ୍ୟ ମାଁଙ୍କ
ଅନାନ୍ତିମା ଆଶିଷ ସାମିଆନା...
କେବେ ହୁଅ ପୁଣି ଉଲ୍ଲାସ ।

ହେ! ଶରତ ...
ତୁମେ ପୁଲକ ପୂରିତ ମୋହିତ ମୂର୍ଚ୍ଛନା
ତୁମେ କୁହୁକ ଜହ୍ନି ଫୁଲିଆ ରାଣୀ
ତୁମ ପାଇଁ ହସେ ପ୍ରକୃତି ରୋଷଣୀ
ପ୍ରକୃତି ଜୀବନ୍ୟାସ ଲଭେ ।

ହେ! ଶରତ ...
ତୁମରି ଆତ୍ମୀୟ ସ୍ୱରରେ
ଦିଶିଯାଏ ଲୁଚିଥିବା ନେତ୍ରାଏ ନିର୍ମଳ ଶୋଭା
ତୁମେ ଭାବନାର ନଈଟିଏ ସାଜି
ହୃଦରୁ କର ନିସୃତ ...
କୁଆଁର ପୁନେଇଁ ମଧୁ ଗୀତ ।

ହେ! ଶରତ
ଅଦମ୍ୟ ଇଚ୍ଛାର ଦିବ୍ୟ ପଥ ତୁମେ
ତୁମେ ଅନ୍ତରର କଥା ଶୁଣେ
ଅରଣ୍ୟ,ଗିରି କନ୍ଦର...
ତୁମେ ତ ଝରାଅ ମନେ ହାସ୍ୟରସ
ଭୁଲାଇ ଯେତେକ ଅନ୍ତର ବ୍ୟଥା ।

ହେ! ଶରତ
ପାର୍ବଣ ଦିବସରେ ତୁମ ଛନ୍ଦମୟ ପାଦ
ହୁଏ ଜାଗ୍ରତ ଗାଏ ଅନୁରକ୍ତି ମନ୍ତ୍ର
ଆବାଳ-ବୃଦ୍ଧ-ବନିତାକୁ ସତେ
ବାନ୍ଧ ଏକତାର ସୂତ୍ରରେ ।

ହେ ! ଶରତ
ତୁମେ ଅନୁପମା ରୂପ କଳ୍ପନାରେ
ଭରେ ଜୀବନର ଭିତ୍ତି...
ସଜାଡେ ମଥାର ଅଲରା କେଶ
କେତେ ଅନ୍ତରଙ୍ଗ ତୁମେ ହେ ଶରତ
ଚିର ଦିନ ତୁମେ ନିଭୃତ ଆଶାର ଆଲୋକ ।

ଉମରକୋଟ, ନବରଙ୍ଗପୁର

ପୂଜିବା ଆସ ଶ୍ରୀଗଣେଷ

ଜୟଶ୍ରୀ ପଟ୍ଟନାୟକ

ଆସ ପିଲେ ପୂଜିବା
ବିଦ୍ୟାଦାତା ଗଣେଷ
ଲମ୍ବୋଦର ପଦ୍ମାସନା ଗଣପତି ଗଣେଷ
ଗିରିଜାନନ୍ଦନ ବିଘ୍ନ ବିନାଶନ ଶ୍ରୀ ଗଣେଷ
ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ଜନ୍ମିଲେ ଗଣେଷ..
ଚତୁର୍ଭୁଜ ବିନାୟକ ସିଦ୍ଧିଦାତା ଗଣେଷ
ଏକଦନ୍ତ ଦୟାବନ୍ତ ଭାଲଚନ୍ଦ୍ର ଗଣେଷ
ଅଗ୍ରେ ପୂଜିତ ଦେବ ନମୋ ନମୋ ଗଣେଷ
ମହାଭାରତ ରଚିଲ ଆଦେଶରେ ବ୍ୟାସ..
ମୂଷିକ ବାହାନେ ବ୍ରମିଲ ତୁମେ ସାରା ବିଶ୍ୱ
ବିଦ୍ୟାଦାତା ବିଦ୍ୟାଗୁରୁ ବିଘ୍ନରାଜ ଗଣେଷ
ରାଶି ଲଡୁ ମୋଦକରେ ଥାଏ ତୁମ୍ଭ ଆଶ
ସଜାଇବା ଶ୍ରେଣୀଗୃହ ପିଲେ ସବୁ ଆସ..
ଆଜି ପରା ଜନ୍ମଦିନ ବିଦ୍ୟାଦାତା ଙ୍କର
ସଜାଇବା ଫୁଲମାଳ ରଖି ବହି ପତର
ଚନ୍ଦନ ସିନ୍ଦୂର ଦୁର୍ବ ଦେଇ ଶିର ପର
ନଡ଼ିଆ କଦଳୀ ଚୁଡାଘସା ପ୍ରସାଦର...
ମନ୍ତ୍ର ପୂଜା, କରି ହୋମ ପୁଷ୍ପାଞ୍ଜଳି ଦେବା
ପଞ୍ଚାମୃତ ପାଇ ତାଙ୍କ ଆଶିଷ ଘେନିବା
ବିଦ୍ୟାରମ୍ଭେ ଶ୍ରୀଗଣେଷ ଦେବ ପୁତ୍ର ଶିବା
ରିଦ୍ଧି ସିଦ୍ଧି ଦାତା ବୋଲି ପ୍ରଣାମ କରିବା..
ନମୋ ନମୋ ଗଣନାଥ ନମୋ ଲମ୍ବୋଦର
ତୁମ ନାମ ସ୍ମରଣରେ ପାପ ହୁଏ ଦୂର
ଆମେତ ବାଳୁତ ଆମ ଦୋଷ କ୍ଷମା କର
ଦିଅ ବୁଦ୍ଧି ଦିଅ ଜ୍ଞାନ ପ୍ରାର୍ଥନା ଆମର...

ମଧୁସୂଦନ ନଗର, ଜଟଣୀ, ଖୋର୍ଦ୍ଧା

ଗଣ ସଂସ୍କୃତିରେ ଗଣପତି

ଡକ୍ଟର ଲକ୍ଷ୍ମଣ ସାହୁ

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ସର୍ବବିଘ୍ନ ବିନାଶକ ଭାବରେ ପୂଜା ପାଆନ୍ତି ଶ୍ରୀଗଣେଶ। ପିତା ଦେବଦେବ ମହାଦେବ, ମାତା ପାର୍ବତୀଙ୍କର ପୁତ୍ର ଗଣନାଥ। ତାଙ୍କୁ ବେଦରେ ଅନାଦି ଅନନ୍ତ ରୂପେ ବର୍ଣ୍ଣନା କରାଯାଇଛି। ପ୍ରତ୍ୟେକ କାର୍ଯ୍ୟାରମ୍ଭ ତାଙ୍କରି ନାମରେ ଶ୍ରୀଗଣେଶ କରାଯାଏ। ବିଧି ଅନୁସାରେ ତାଙ୍କୁ ଆଦିଦେବ କୁହାଯାଏ। ତେଣୁ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ ପ୍ରଥମେ କରାଯାଏ। ତାଙ୍କ ଜପ, ଧ୍ୟାନର ମନ୍ତ୍ର ବେଦାନୁସାରେ - "ନମୋ ଗଣେଭ୍ୟୋ ଗଣପତି " ଭାବରେ ସୂଚିତ ହୋଇଛି। ଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ। ଗଜ ବା ହାତୀ ମୁଣ୍ଡ ଥିବା ଦେବତା ଗଜାନନ। ଶରୀର ମଣିଷର ମସ୍ତକ ହାତୀର। ଶାସ୍ତ୍ରରେ କୁହାଯାଇଛି ଉଭୟ ମଣିଷ ଓ ହାତୀର ଆୟୁ ୧୨୦ ବର୍ଷ। ଉଭୟର ଗୁଣକୁ ଏକାଠି ହେଲେ ମଣିଷ ସଫଳ ହେବ। ତେଣୁ ଗଣେଶ ନିଜେ ଏହି ରୂପ ଧାରଣ କରିଛନ୍ତି। 'ଗ'ର ଅର୍ଥ ମୋକ୍ଷ ପ୍ରାପ୍ତି ପାଇଁ ସମାଧିରେ ଥିବା ଯୋଗୀ। 'ଜ'ର ଅର୍ଥ ଜୀବନ ପ୍ରତି ସାଂସାରିକ ଦୃଷ୍ଟିକୋଣ। ଅର୍ଥାତ୍ ସଂସାର ଭିତରେ ମୋକ୍ଷ ପ୍ରାପ୍ତ ସମ୍ଭବ କରାଇପାରନ୍ତି ଗଜାନନ।

ଗଣେଶ ଗଣପତି ଭାବେ ବିଦିତ। ସେ ଗଣ ବା ଲୋକଙ୍କର ଦେବତା ବା ଗଣଦେବତା। ସେ ମଧ୍ୟ ବିଘ୍ନରାଜ ବିନାୟକ। ଗଣେଶଙ୍କର ଏହିନାମର ଅର୍ଥ ବିଶେଷ ନାୟକ। ଏହାର ଅନ୍ତର୍ନିହିତ ଅର୍ଥ ହେଉଛି ଯେତେବେଳେ ପ୍ରିୟବଚନ ବା ପ୍ରାର୍ଥନାଦ୍ୱାରା ଗଣେଶଙ୍କୁ ସନ୍ତୁଷ୍ଟ କରାଯାଏ , ସେତେବେଳେ ସେ ଭକ୍ତର ରାସ୍ତାରେ ଥିବା ସବୁ ବାଧା ଦୂର କରନ୍ତି। ଅର୍ଥାତ୍ ଭକ୍ତ ଜୀବନରେ ଥିବା ବିପର୍ଯ୍ୟୟ, ସବୁ ଅମଙ୍ଗଳ, ସବୁ ବାଧା ଦୂରେଇ ଦିଅନ୍ତି। ତାଙ୍କର ସୁନ୍ଦର ଶରୀର ଧୂମ୍ରବର୍ଣ୍ଣ ,ଭାଲଚନ୍ଦ୍ର , ଲମ୍ବୋଦର ଦର୍ଶନରେ ଭକ୍ତ ସଦା ତନ୍ମୟ ହୋଇ ଉଠେ। ଲମ୍ବା ଉଦର ବା ବଡ଼ ପେଟ ଥିବାରୁ ତାଙ୍କୁ ଲମ୍ବୋଦର ବୋଲି କୁହାଯାଇଥାଏ। କିନ୍ତୁ ପ୍ରକୃତ ଅର୍ଥରେ ଲମ୍ବୋଦର ତାଙ୍କୁ ହିଁ କୁହାଯାଏ, ଯିଏ ସବୁକିଛି ଭଲ ବିଦ୍ୟା ଗ୍ରହଣ କରିପାରନ୍ତି ଓ ସାଇତି ରଖି ପାରନ୍ତି। ଗଣେଶ ପାର୍ବତୀଙ୍କ ନୁପୂରର ଶବ୍ଦଶୁଣି ସଙ୍ଗୀତ ଶିଖୁଥିଲେ। ପିତା ଶିବଙ୍କ ଡମ୍ବରୁ ଶବ୍ଦଶୁଣି ଚାରିବେଦ ଆୟତ କରିଥିଲେ। ତାଙ୍କର ଏହି ବିଶାଳ ବିଦ୍ୟାର ଭଣ୍ଡାର ହେଉଛି ତାଙ୍କର ପେଟ। ତେଣୁ ତାଙ୍କ ପେଟ ଖୁବ୍ ବଡ଼।

ଗଣେଶଙ୍କ ଜନ୍ମ ବୃତ୍ତାନ୍ତକୁ ନେଇ ଅନେକ ପୌରାଣିକ କଥା ଅଛି। ସ୍କନ୍ଦ ପୁରାଣରେ ବିନାୟକ ବ୍ରତକଥା ଓ ତାର ମାହାତ୍ମ୍ୟ ବର୍ଣ୍ଣିତ ଅଛି। ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି କହିଛନ୍ତି, ବିନାୟକ ବ୍ରତ ପାଳନ କଲେ ବ୍ରତଚାରୀମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି ଓ ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ। ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି। ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିବାରୁ ତାଙ୍କର ନାମ ସିଦ୍ଧି ବିନାୟକ ହୋଇଛି। ଶିବ ପୁରାଣ ଉଲ୍ଲେଖ ଅଛି ମାଆ ପାର୍ବତୀଙ୍କ ଅଙ୍ଗ ମଳୁଖିରୁ ଜାତ ଶ୍ରୀଗଣେଶ। ମା ପାର୍ବତୀ ଅନେକ ଦିନ ଶିବଙ୍କ ଧ୍ୟାନରେ ଧ୍ୟାନରତ ଥାଇ ନଦୀକୁ ସ୍ନାନ କରି ଯାଇଥିଲେ। କେତେବେଳେ ସେ ନିଜ ଅଙ୍ଗରୁ ମଳୁଖ କାଢ଼ି ସେଥିରେ ପ୍ରତିମାଟିଏ ଗଢ଼ି ସାରିଥିଲେ ତାଙ୍କୁ ଜଣାନଥିଲା। ସଚେତନ ହେବାବେଳେ ନିଜ ହାତଗଢ଼ା ପିତୁଳାକୁ ନିଜେ ଦେଖି ଅଭିଭୂତ ହୋଇ ପଡିଥିଲେ। ମନ ଭିତରେ ଥିବା କାମନା ତାଙ୍କୁ ବିବଶ କରି ଆଶାତୁର କରିଥିଲା। ସତରେ ଏ ମଳୁଖ ତିଆରି ପ୍ରତିମାଟି ଜୀବନ୍ୟାସ ପ୍ରାପ୍ତ ହୁଅନ୍ତା କି। ଯେହେତୁ ସେ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ଧ୍ୟାନରେ ମଗ୍ନ ଥିଲେ, ସେହି କାରଣରୁ ଅବିଳମ୍ବେ ପାର୍ବତୀଙ୍କର ମନୋକାମନା ସାକାର ରୂପ ନେଲା। ଏହି ଅଦ୍ଭୁତ ପୂର୍ବ ସ୍ୱୟଂ ଶିବଙ୍କୁ ମଧ୍ୟ ଅଗୋଚର ରହିଗଲା। ଯାହାଫଳରେ ପାର୍ବତୀଙ୍କୁ ଖୋଜି ଖୋଜି ଶିବଙ୍କୁ ଦିନେ ଶ୍ରୀଗଣେଶଙ୍କ ସହ ଯୁଦ୍ଧ କରି ବାଳକ ଗଣେଶଙ୍କ ମସ୍ତକ କାଟିବାକୁ ପଡିଲା। ଯେତେବେଳେ ସେ ଗଣେଶଙ୍କ ପରିଚୟ ପାଇଲେ ହତବିମ୍ବ ହୋଇ ପଡିଲେ। କ୍ରନ୍ଦନରତା ପାର୍ବତୀ ପତିଙ୍କ ନିକଟରେ ନିଜ ମାନସ ସନ୍ତାନର ଜୀବନ ଭିକ୍ଷାକଲେ। ଫଳରେ ସ୍ୱର୍ଗବୈଦ୍ୟ ଅଶ୍ୱିନୀ କୁମାରଙ୍କ ପରାମର୍ଶ କ୍ରମେ ନନ୍ଦୀଭୃଙ୍ଗୀ ସମେତ ଅନ୍ୟ ଶିବଗଣ ମୁଣ୍ଡର ଅନୁସନ୍ଧାନରେ ଯାଇ ଛିନ୍ନ ଗଜମସ୍ତକ ଧରି ଫେରିଲେ। ଜୀବନ୍ୟାସ ପାଇବା ପରେ ଶ୍ରୀଗଣେଶ ଗଜାନନ ରୂପ ଓ ନାମରେ ବିଦିତ ହେଲେ। ସ୍କନ୍ଦ ପୁରାଣରେ ଶ୍ରୀଗଣେଶଙ୍କର ଜନ୍ମସ୍ଥାନ ରାଜସ୍ଥାନ ସ୍ଥିତ ପର୍ବତ ବୋଲି ସୂଚିତ କରାଯାଇଅଛି। ପୁରାଣ ବର୍ଣ୍ଣିତ ରହିଛି ପୁତ୍ର ପ୍ରାପ୍ତିର ବରଦାନ ପାଇବା ପରେ ପାର୍ବତୀଙ

■ ଜେଡବ୍ଲ୍ୟୁ ମାରିଅଟ ହୋଟେଲ ଭୁଶୁଡ଼ିବା ଘଟଣା

ଡିଏନ ହୋମ୍ସ ଡାଇରେକ୍ଟରଙ୍କୁ ଗିରଫ କରାଯାଉ

ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ଜେଡବ୍ଲ୍ୟୁ ମାରିଅଟ ହୋଟେଲ ଭୁଶୁଡ଼ିବା ପ୍ରସଙ୍ଗରେ ଡିଏନ ହୋମ୍ସ ପ୍ରାଇଭେଟ ଲିମିଟେଡର ଡାଇରେକ୍ଟର ଜଗଦୀଶ ପ୍ରସାଦ ନାୟକ ଓ ତତ୍କାଳୀନ ବିଡିଏ ପ୍ଲାନିଂ ମେମ୍ବର ଗୌରୀ ଶଙ୍କର ଭୂୟାଁଙ୍କୁ ଦୋଷୀ ବୋଲି ଅଭିଯୋଗ କରିବା ସହ ସେମାନଙ୍କୁ ତୁରନ୍ତ ଗିରଫ କରିବା ସକାଶେ ଦାବି କରିଛି ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ। ଏନେଇ ଦଳ ପକ୍ଷରୁ ଆଜି ସଭାପତି ମହମ୍ମଦ ଗୁଲଫାମଙ୍କ ନେତୃତ୍ୱରେ ଖଣ୍ଡଗିରି ଥାନାରେ ଏକ ଏତଲା ଦିଆଯାଇଛି।

ଉକ୍ତ ଏତଲାରେ ଯୁବ କଂଗ୍ରେସ ପକ୍ଷରୁ ଦର୍ଶାଯାଇଛି ଯେ ଏହି ବହୁତଳ ଅଟ୍ଟାଳିକା ନିର୍ମାଣାଧୀନ ଥିବା ସମୟରେ ଭୁଶୁଡ଼ି ପଡ଼ିବା ଦୁର୍ଭାଗ୍ୟଜନକ। ଜେଡବ୍ଲ୍ୟୁ ମାରିଅଟ ହୋଟେଲ ନିର୍ମାଣ ଓ ଏହି ହୋଟେଲର ମାଲିକାନାରେ ଡିଏନ ହୋମ୍ସ ଅଂଶୀଦାର ରହିଛି। ଯେହେତୁ ନିର୍ମାଣ ଅତି ନିମ୍ନମାନର ଥିଲା, ତେଣୁ ତାହା ନିର୍ମାଣାଧୀନ ଥିବାବେଳେ ଭୁଶୁଡ଼ି ପଡ଼ିଛି, ଏଥିରେ ପ୍ରଶାସନ ପକ୍ଷରୁ ଡିଏନ ହୋମ୍ସକୁ ସୁରକ୍ଷା ଦିଆଯାଉଛି। ତେଣୁ ଉକ୍ତ କୋଠା ଭୁଶୁଡ଼ିବାର ପ୍ରକୃତ କାରଣ, ଏହାର ନିର୍ମାଣଗତ ତ୍ରୁଟି, ନିମ୍ନମାନର କାର୍ଯ୍ୟ, ନିମ୍ନମାନର ସାମଗ୍ରୀ ଓ ଡିଜାଇନରେ ତ୍ରୁଟି ହୋଇଥିବାରୁ ଏହାର ତଦନ୍ତ ଜରୁରୀ। ଡିଏନ ହୋମ୍ସର ଭୂମିକା, ଦାୟିତ୍ୱ ଓ ନିର୍ମାଣ କାର୍ଯ୍ୟକାରୀ କରୁଥିବା ସଂସ୍ଥାର ତ୍ରୁଟିର ତଦନ୍ତ ହେଉ। ଆର୍କିଟେକ୍ଟ, ଷ୍ଟ୍ରକଚରାଲ ଇଞ୍ଜିନିୟର, କଣ୍ଟ୍ରାକ୍ଟର, ସବ୍-କଣ୍ଟ୍ରାକ୍ଟର, ପ୍ରୋଜେକ୍ଟ ମ୍ୟାନେଜର ଓ ଦାୟିତ୍ୱରେ ଥିବା ଅନ୍ୟ ବ୍ୟକ୍ତି ବିଶେଷଙ୍କ ଭୂମିକାର ତଦନ୍ତ ହେବା ଦରକାର। ସେହିପରି କୋଠାରେ ପୂର୍ବରୁ ଫାଟ, ସଂରଚନାଗତ ସମସ୍ୟା, ବସିଯିବା, ବଙ୍କା ହେବା କିମ୍ବା ଅନ୍ୟ ଚେତାବନୀ ସଂକେତ ଦିଆଯାଇଥିଲା କି ନାହିଁ, ଓଡ଼ିଶା ବିଲ୍ଡିଂ ଓ ବିକାଶ ନିୟମାବଳୀ ଆଇନର ଉଲ୍ଲଙ୍ଘନ ହୋଇଛି କି ନାହିଁ ଆଦି ଜାଣିବା ସକାଶେ ତଦନ୍ତ ପାଇଁ ଯୁବ କଂଗ୍ରେସ ଦାବି କରିଛି। ଏହି ଘଟଣାରେ ଶ୍ରୀ ନାୟକ ଓ ଭୂୟାଙ୍କ ବ୍ୟତୀତ ପ୍ରୋଜେକ୍ଟ ଇଞ୍ଜିନିୟର ଓ କଣ୍ଟ୍ରାକ୍ଟର, ଇଞ୍ଜିନିୟରିଂ ପରାମର୍ଶଦାତା, ଆର୍କିଟେକ୍ଟ ଓ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ମଧ୍ୟ ଗିରଫ କରିବା ସକାଶେ ଦଳ ପକ୍ଷରୁ ଦାବି କରାଯାଇଛି। ସେହିପରି ଏଭଳି ବିଲ୍ଡିଂ ପାଖରେ ବହୁ ଶିକ୍ଷାନୁଷ୍ଠାନ ରହିଥିବାରୁ ବର୍ତ୍ତମାନ ଏହାର ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସକାଶେ ଦଳ ଦାବି କରିଛି।

'ସେବା ସଂକଳ୍ପ ଅଭିଯାନ'କୁ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ

ସେବାରୁ ସଂକଳ୍ପ, ସଂକଳ୍ପରୁ ବିକଶିତ ଓଡ଼ିଶା

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଓ ଜନସେବାରୁ ପ୍ରେରଣା ନେଇ ଦେଶବ୍ୟାପୀ ଭାବେ ଆରମ୍ଭ ହେଉଥିବା 'ସେବା ସଂକଳ୍ପ ଅଭିଯାନ'କୁ ଓଡ଼ିଶାରେ ଏକ ବ୍ୟାପକ ଜନସେବା ଅଭିଯାନରେ ପରିଣତ କରାଯିବ। ସେବାକୁ କେବଳ ଏକ କାର୍ଯ୍ୟକ୍ରମରେ ସୀମିତ ନ ରଖି ଏହାକୁ ଜନଭାଗୀଦାରୀର ଏକ ଆନ୍ଦୋଳନରେ ପରିଣତ କରିବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଆହ୍ୱାନ ଦେଇଛନ୍ତି।

ଡଃ ମହାପାତ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ହେଉଛି ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଏକ ଦୀର୍ଘ ଯାତ୍ରା। ଏହି ଯାତ୍ରାରୁ ପ୍ରେରଣା ନେଇ 'ସେବା ସଂକଳ୍ପ ଅଭିଯାନ'ର ଲକ୍ଷ୍ୟ ହେଉଛି ସମାଜର ପ୍ରତ୍ୟେକ ବର୍ଗ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜନସେବା ସହ ଯୋଡ଼ିବା। ରାଜନୀତି କେବଳ ନିର୍ବାଚନକୁ କେନ୍ଦ୍ର କରି ନୁହେଁ, ବରଂ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଓ ଆବଶ୍ୟକ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ଜନସେବା ବୋଲି ସେ କହିଛନ୍ତି।

ଓଡ଼ିଶାରେ ଏହି ଅଭିଯାନକୁ ସାଙ୍ଗଠନିକ ଜିଲ୍ଲା, ମଣ୍ଡଳ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ନେଇଯିବା ସହ ସମାଜର ଶେଷ ପର୍ଯ୍ୟାୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱ ଦିଆଯିବ। ଜନଜାତି ସମାଜ, ମହିଳା,

ଚାଷୀ, ଯୁବକ, ଗରିବ ଓ ବଞ୍ଚିତ ବର୍ଗଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଶୁଣିବା, ସେମାନଙ୍କ ଆବଶ୍ୟକତା ବୁଝିବା ଓ ଯଥାସମ୍ଭବ ସହଯୋଗ କରିବା ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ରହିବ। ଯୁବଶକ୍ତିକୁ ଅଭିଯାନର ଏକ ପ୍ରମୁଖ ଅଂଶ କରାଯିବ। ସ୍କୁଲ ଓ କଲେଜ ସ୍ତରରେ ଚିତ୍ରାଙ୍କନ, ଭାଷଣ, ଆଲୋଚନା ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ମାଧ୍ୟମରେ 'ବିକଶିତ ଭାରତ-୨୦୪୭', ରାଷ୍ଟ୍ର ନିର୍ମାଣ, ଜନସେବା ଓ ଯୁବଶକ୍ତି ଭଳି ବିଷୟ ଉପରେ ଯୁବପିଢ଼ିଙ୍କ ଚିନ୍ତନ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରାଯିବ। ଆଜିର ଯୁବପିଢ଼ି କେବଳ ନିଜର ଭବିଷ୍ୟତ ନୁହେଁ, ଓଡ଼ିଶା ଓ ଭାରତର ଭବିଷ୍ୟତ ଗଢ଼ିବାର ମୁଖ୍ୟ ଶକ୍ତି ବୋଲି ମନ୍ତ୍ରୀ କହିଛନ୍ତି। 'ସେବା ସଂକଳ୍ପ ଅଭିଯାନ' କେବଳ ଏକ ମାସର କାର୍ଯ୍ୟକ୍ରମ ନୁହେଁ; ଏହା ଏକ ଚିନ୍ତାଧାରା, ଏକ ଦାୟିତ୍ୱ ଓ ଏକ ଦୀର୍ଘକାଳୀନ ସଂକଳ୍ପ। ସେବାରୁ ସମୃଦ୍ଧି, ସଂକଳ୍ପରୁ ବିକାଶ ଏବଂ ଜନଭାଗୀଦାରୀରୁ ବିକଶିତ ଓଡ଼ିଶା, ଏହା ଆମର ଲକ୍ଷ୍ୟ ବୋଲି ଡଃ ମହାପାତ୍ର କହିଛନ୍ତି।

ମୁମ୍ବାଇରୁ ଆସିଥିବା ଯାତ୍ରୀଙ୍କଠାରୁ ଲୁଟିନେଲେ ଟଙ୍କା

ଷ୍ଟେସନରୁ ଅଟୋରେ ଲିଫ୍ଟ ଦେଇ ବାଣୀବିହାରରୁ ଲୁଟିଲେ

ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ପାର୍ବଣ ପୂର୍ବରୁ ମାତିଲେ ଲୁଟେରା। ଲିଫ୍ଟ ଦେବା ବାହାନାରେ ଲୁଟିନେଲେ ଟଙ୍କା। ମୁମ୍ବାଇରୁ ଆସିଥିବା ଯାତ୍ରୀଙ୍କଠାରୁ ଭୁବନେଶ୍ୱରରେ ହୋଇଛି ଲୁଟ୍। ଷ୍ଟେସନରୁ ଅଟୋରେ ଲିଫ୍ଟ ଦେଇ ବାଣୀବିହାରରୁ ଲୁଟିଲେ ଟଙ୍କା। ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ୨୧ ହଜାର ଟଙ୍କା ଲୁଟିନେଇଥିଲେ। ଖଣ୍ଡା କାତି ଦେଖାଇ ଲୁଟ୍ କରିଥିବା ଡକାୟତି ଗ୍ୟାଙ୍ଗକୁ ଧରିଲା ପୁଲିସ। ଦୁଇ ଜଣ ଅପରାଧୀଙ୍କୁ ଗିରଫ କଲା ସହିଦ ନଗର ଥାନା। ଦୁଇ ଅଭିଯୁକ୍ତ ହେଲେ

ସନ୍ତୋଷ ମହାରଣା ଓ କୁନାଲ ମଲ୍ଲିକ। ଘଟଣାରେ ଅଟୋ ଡ୍ରାଇଭର ଫେରାର ଅଛନ୍ତି। ପୂର୍ବରୁ ଦୁଇ ଜଣଙ୍କୁ ଗିରଫ କରିଥିଲା ସହିଦ ନଗର ଥାନା। ସୂଚନା ମୁତାବକ ଗତ ୯ ତାରିଖ ରାତିରେ ମୁମ୍ବାଇରୁ ଜଣେ ଯାତ୍ରୀ ଭୁବନେଶ୍ୱର ଷ୍ଟେସନ ରେ ପହଞ୍ଚିଥିଲେ। ଷ୍ଟେସନରୁ ଅଟୋ ଡ୍ରାଇଭର ତାଙ୍କୁ ଲିଫ୍ଟ ଦେଇଥିଲା। ହେଲେ ଅଟୋ ଚାଳକ ତା'ର ସହଯୋଗୀଙ୍କ ଜରିଆରେ ଲୁଟ୍ କରିବା ସକାଶେ ପ୍ଲାନ୍ କରିଥିଲା। ବାଣୀ ବିହର ଛାଡ଼ିବା ବଦଳରେ ସତ୍‌ସଙ୍ଗ ବିହାର ବ୍ରିଜ୍ ତଳକୁ ନେଇ ଖଣ୍ଡା କାତି ଦେଖାଇ ଲୁଟ୍ କରିଥିଲା। ଏନେଇ ସହିଦ ନଗର ଥାନାରେ ଅଭିଯୋଗ କରିଥିଲେ ଅଭିଯୋଗକାରୀ। ଘଟଣାରେ ମୋଟ ୪ ଜଣ ଲୁଟେରାଙ୍କୁ କାବୁ କରିଛି ପୁଲିସ।

ଘରୋଇ ବସ୍ ଧକ୍କାରେ ନାବାଳିକା ମୃତ

■ ରାସ୍ତାରୋକ କଲେ ଉତ୍ତ୍ୟକ୍ତ ଲୋକେ

ସୋରଡ଼ା,୧୩।୯(ସଂଚାର ବ୍ୟୁରୋ): ଘରୋଇ ବସ୍ ଧକ୍କାରେ ନାବାଳିକା ମୃତ। ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ଢଉପଦା ଗାଁ ନିକଟରେ ଘଟିଛି ଦୁର୍ଘଟଣା। ଘରୋଇ ବସ୍‌ଟି ବ୍ରହ୍ମପୁରରୁ ସୋରଡ଼ା ଯାଉଥିବା ବେଳେ ଢଉପଦା ନିକଟରେ ନାବାଳିକାକୁ ଧକ୍କା ଦେଇଥିଲା। ଫଳରେ ବସ ତଳେ ନାବାଳିକା ଜଣଙ୍କ ଚାପି ହୋଇଯାଇଥିଲେ। ମୃତ ନାବାଳିକା ଜଣଙ୍କ ୬ ବର୍ଷିୟା କଳ୍ପନା ନାୟକ ବୋଲି ଜଣାପଡ଼ିଛି। ଘଟଣାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ୍ କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଆସିକା ଏସଡିପିଓ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛନ୍ତି। ତେବେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିବାରୁ ଉକ୍ତ ରାସ୍ତା ଦେଇ ଯାନବାହନ ଯାତାୟାତ ପ୍ରଭାବିତ ହୋଇଥିଲା। ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ ସକାଶେ ଉଦ୍ୟମ କରିଥିଲା। ଖବର ପାଇ ଆସିକା ଏସଡିପିଓ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ବୁଝାସୁଝା କରିଥିଲେ। ଅନ୍ୟପକ୍ଷରେ ଦୁର୍ଘଟଣାର ପ୍ରକୃତ କାରଣ ଓ ବସ ଚାଳକଙ୍କ ଭୂମିକା ସମ୍ପର୍କରେ ଜାଣିବା ସକାଶେ ପୁଲିସ ତଦନ୍ତ କରୁଛି। ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଅଞ୍ଚଳର ଲୋକେ ଶୋକାଭିଭୂତ ହୋଇପଡ଼ିଛନ୍ତି।

■ ଜୟଦେବ ବିହାରରେ ହଙ୍ଗାମା

ମାଲିକଙ୍କ ଆକ୍ରମଣରେ ହଷ୍ଟେଲ୍ ଛାତ୍ରୀ ଗୁରୁତର

ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର ଜୟଦେବ ବିହାର ଅଞ୍ଚଳରେ ଥିବା ଏକ ଘରୋଇ ମହିଳା ହଷ୍ଟେଲ୍ ପରିସରରେ ରବିବାର ଏକ ଅଭାବନୀୟ ଘଟଣା ଘଟିଥିବା ବେଳେ ଏହାକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ହଷ୍ଟେଲ୍ ମାଲିକଙ୍କ ଆକ୍ରମଣରେ ଜଣେ ଛାତ୍ରୀ ଗୁରୁତର ଭାବେ ଆହତ ହୋଇଥିବା ଅଭିଯୋଗ ହୋଇଛି। ଆହତ ଛାତ୍ରୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ

ଭର୍ତ୍ତି କରାଯାଇଛି, ଯେଉଁଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ମିଳିଥିବା ସୂଚନାନୁଯାୟୀ, କୌଣସି କାରଣରୁ ହଷ୍ଟେଲ୍ ମାଲିକ ଓ ସେଠାରେ ରହୁଥିବା ଛାତ୍ରୀମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ବିବାଦ ଉଗ୍ର ରୂପ ଧାରଣ କରିବାରୁ ହଷ୍ଟେଲ୍ ମାଲିକ ହଠାତ୍ ଉତ୍କ୍ଷିପ୍ତ ହୋଇପଡ଼ିଥିଲେ ଏବଂ ଏକ ଧାରୁଆ ଅସ୍ତ୍ର ବା ଛୁରି ସାହାଯ୍ୟରେ ଜଣେ ଛାତ୍ରୀଙ୍କୁ ଆକ୍ରମଣ କରିଥିଲେ। ହଠାତ୍ ଘଟିଥିବା ଏହି ଘଟଣା ଯୋଗୁଁ ହଷ୍ଟେଲରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ଅନ୍ୟ ଅନ୍ତେବାସୀମାନେ ଭୟଭୀତ ହୋଇ ଚିତ୍କାର କରିବାରୁ ଆଖପାଖ ଲୋକେ ସେଠାରେ ରୁଷ୍ଟ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ପୁଲିସ ହଷ୍ଟେଲ୍ ପରିସରରୁ ତଥ୍ୟ ସଂଗ୍ରହ କରିବା ସହ ଉତ୍ତେଜିତ ଅନ୍ତେବାସୀମାନଙ୍କୁ ବୁଝାସୁଝା କରିଥିଲା।

ନୂଆଁଖାଇ ପୂର୍ବରୁ ମାଁ ସମଲେଶ୍ୱରୀଙ୍କ ସ୍ୱତନ୍ତ୍ର ନୀତି

ସମ୍ବଲପୁର,୧୩।୯ (ସଂଚାର ବ୍ୟୁରୋ) : ନୂଆଁଖାଇ ପାଇଁ ମାଁ ସମଲେଶ୍ୱରୀଙ୍କ ଠାରେ ଆଜି ନୂତନ ସିନ୍ଦୁର ଲାଗି ହୋଇଛି । ପ୍ରଥମେ ଶ୍ରୀ ଗଣେଶଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିବା ପରେ ମାଁ ସମଲେଶ୍ୱରୀଙ୍କ ପାର୍ଶ୍ୱରେ ଥିବା ୧୧୫ ଦେବାଦେବୀଙ୍କୁ ନୂତନ ସିନ୍ଦୂର ଲାଗି କରାଯାଇଥିଲା । ପୂଜକ ମାନେ ମିଶି ଏହି କାର୍ଯ୍ୟ ସମାପନ କରିଥାନ୍ତି । ଆଜି ସିନ୍ଦୁର ଲାଗି ପରେ ମନ୍ଦିରର ଚତୁଃପାର୍ଶ୍ୱକୁ ସଫା କରାଯାଇଥାଏ । ଏହାପରେ ମାଁ ଙ୍କ ଠାରେ ଲାଗିଥିବା ଗହଣାକୁ ମଧ୍ୟ ସଫା କରାଯାଇଥାଏ । ମନ୍ଦିର ପ୍ରଶାସନ, ପୂଜକ ଓ ପୋଲିସର ଉପସ୍ଥିତିରେ ଏହି ଗହଣା ସଫା କରାଯାଇଥାଏ।

● ଆସିକା ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ଘଟଣା

ବିଧାୟକଙ୍କ ପୁଅଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ଆସିକା ବିଧାୟକ ସରୋଜ ପାଢ଼ୀଙ୍କ ଦୁଇ ପୁଅ ପଞ୍ଚାୟତ ସମିତି ବୈଠକରେ ଦଳିତ ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିବାକୁ ନିନ୍ଦା କରିଛି ବିଜେଡି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ହରିଡ଼ାପଦର ସରପଞ୍ଚ ଜୟନ୍ତୀ ବେହେରାଙ୍କ ସହ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ମହିଳା ବିଜୁ ଜନତା ଦଳର ସାଧାରଣ ସମ୍ପାଦିକା ମାନସୀ ସୁନ୍ଦରାୟ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି।

କ୍ଷମତା ଅହଂକାରରେ ଅନ୍ଧ ହୋଇଯାଇଛନ୍ତି ଆସିକା ବିଧାୟକ

ସାଂସଦ ସୁଲତା ଦେଓ କହିଛନ୍ତି ଯେ ନାରୀ ଶକ୍ତି ବନ୍ଦନ କଥା କହୁଥିବା ବିଜେପି ନିଜ ଦଳର ବିଧାୟକ ମହିଳା ପ୍ରତିନିଧିଙ୍କୁ ଆକ୍ରମଣ କରିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରୁନାହାନ୍ତି। ପଞ୍ଚାୟତ ତଥା ଲୋକଙ୍କ ସମସ୍ୟା ଉତ୍ଥାପନ କଲା ବେଳେ ମହିଳା ଜନପ୍ରତିନିଧିଙ୍କୁ ଏହିଭଳି ଆକ୍ରୋଶ ବିରୁଦ୍ଧରେ ବିଜେଡି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ।

ଜୟନ୍ତୀ ବେହେରା କହିଛନ୍ତି, ୧୬ ମାସ ଧରି ପଞ୍ଚାୟତ ସମିତି ବୈଠକ ନ ଡାକିବାରୁ ୧୦ ଦିନ ଧାରଣା ପରେ ସମିତି ବୈଠକ ଡକାଗଲା। ପଞ୍ଚାୟତର ସମସ୍ୟା କଥା କହିବା ବେଳେ ବିଧାୟକ ଉତ୍କ୍ଷିପ୍ତ ହୋଇ ମୋତେ ବସିବା ପାଇଁ କହିଥିଲେ ଓ ତାଙ୍କର ଦୁଇ ପୁଅ ଅଶାଳୀନ ଓ ଜାତିଆଣ ମନ୍ତବ୍ୟ ଦେଇଥିଲେ। ଥାନାରେ ଏତଲା ଦାୟର କରିଥିଲେ ବି ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆମେ ଗଞ୍ଜାମ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛୁ। ବିଧାୟକଙ୍କ ପୁଅ ସୋସିଆଲ ମିଡିଆରେ ମୋର ଫଟୋକୁ କଦର୍ଥ କରି ପୋଷ୍ଟ କରିଛନ୍ତି। ଏ ସମ୍ପର୍କରେ ସାଇବର ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି।

ଡିକେ ଶିବକୁମାର-ଭକ୍ତ ସାକ୍ଷାତାଲୋଚନା

ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ): ବେଙ୍ଗାଲୁରୁରେ ଆଜି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ। ଏହି ଅବସରରେ ବେଙ୍ଗାଲୁରୁରେ ରହୁଥିବା ଓଡ଼ିଆ ସମୁଦାୟଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ସେ ବିଶଦ ଆଲୋଚନା କରିଥିଲେ। ଏଥିସହ ଆସନ୍ତା ବର୍ଷ ଜାନୁଆରୀରେ ଓଡ଼ିଶା ଗସ୍ତ କରି ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ ଦାସଙ୍କ ଅନୁରୋଧକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଶିବକୁମାର ରକ୍ଷା କରି ନିଶ୍ଚୟ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ମହିଳାଙ୍କୁ ପଥରରେ ଛେଚି ହତ୍ୟା

କଟକ ,୧୩।୯ (ସଂଚାର ବ୍ୟୁରୋ) : କଟକ ସି ଡି ଏ ସେକ୍ଟର ୧୩ ନମ୍ବର କାଠଯୋଡ଼ି ନଦୀ କୂଳ ବସ୍ତିରେ ମହିଳାଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ମହିଳା ଜଣଙ୍କ ହେଲେ ମୟୂରଭଞ୍ଜ ରାଇରଙ୍ଗପୁର ଅଞ୍ଚଳର ଫୁଲ କୁମାର। ଫୁଲ ଜଣେ ବିବାହିତା ମହିଳା। ତାଙ୍କ ସ୍ୱାମୀ ମୟୂରଭଞ୍ଜରେ ରହୁନ୍ତି। ସେ ୫ ପିଲାର ଜନନୀ ହୋଇଥିବା ବେଳେ ତାଙ୍କ ପାଖରେ ଦୁଇଟି ପିଲା ରହୁଥିଲେ। ଫୁଲ ସେକ୍ଟର ୧୨ ଅଞ୍ଚଳରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ଆଜି ମଧ୍ୟାହ୍ନ ସମୟରେ ସେକ୍ଟର ୧୩ ବସ୍ତିରେ ଫୁଲଙ୍କୁ ହତ୍ୟା କରାଯାଇଥିବା ବେଳେ ଫୁଲଙ୍କ ଝିଅ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହା ପରେ ଘଟଣା ସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ କୁ ବ୍ୟବଚ୍ଛେଦ ପାଇଁ ଏସିବି ମେଡ଼ିକାଲ ପଠାଇଛନ୍ତି। ଏହି ଘଟଣାରେ ସି ଡି ଏ ସେକ୍ଟର ୧୨ ବସ୍ତିରେ ରହୁଥିବା ଜଣେ ଯୁବକ ନନ୍ଦୁଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୁନ୍ଦରଗଡ଼ରେ ସାଇବର ଠକେଇରେ ବଡ଼ ଆକ୍ସନ୍

ଦମ୍ପତି ଗିରଫ, କୋଟିଏରୁ ଅଧିକ ଟଙ୍କାର ଠକେଇ

ସୁନ୍ଦରଗଡ଼,୧୩।୯(ସଂଚାର ବ୍ୟୁରୋ): ମାଇଁ ଡିଜିଟାଲ୍ ଲକର୍ କୟ ନାଁରେ ଫ୍ରଡ୍ ସଂସ୍ଥା ଖୋଲି ଟଙ୍କା ନିବେଶ କଲେ ନିର୍ଦ୍ଦିଷ୍ଟ ସମୟରେ ଦୁଇ ଗୁଣ ହେବ ବୋଲି ଲୋଭ ଦେଖାଉଥିଲେ। ଏହି ଜାଲରେ ପଡ଼ି ସୁନ୍ଦରଗଡ଼ ଟାଉନ ଥାନା ରଙ୍ଗାଢ଼ିପା ଅଞ୍ଚଳର ପ୍ରଶାନ୍ତ ନାଏକ ହରାଇଥିଲେ ୧ କୋଟି ୨୬ ଲକ୍ଷ ୩୪ ହଜାର ଟଙ୍କା। ଅଭିଯୋଗ ପରେ ସାଇବର ଥାନା କେସ୍ ନମ୍ବର ୫/୨୦୨୬ରେ ତଦନ୍ତ କରି ଅଭିନାଶ ଗ୍ରହାଚାର୍ଯ୍ୟ ଓ ତାଙ୍କ ସ୍ତ୍ରୀ ଇନ୍ଦୁଲେଖା ଓଝାଙ୍କୁ ଗିରଫ କରିକୋର୍ଟ ଚାଲାଣ କରାଯାଇଛି। ସମ୍ପୃକ୍ତ ଫ୍ରଡ୍ ସାଇଟ୍ ଓ ନିବେଶ ସମ୍ପର୍କିତ ଆକାଉ

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ସୋମବାର ୧୪ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର
Monday 14 September 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସହଭାଗିତା ଓ ସମତା ବିଶ୍ୱର ଆବଶ୍ୟକତା

ନୂଆଦିଲ୍ଲୀରେ ଅନୁଷ୍ଠିତ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ କେବଳ ଏକ ଆନ୍ତର୍ଜାତିକ ଗୋଷ୍ଠୀର ବାର୍ଷିକ ସଭା ନୁହେଁ। ଏହା ଭାରତର ଚେୟାରମ୍ୟାନସିପ୍ ଅଧୀନରେ ଗ୍ଲୋବାଲ୍ ସାଉଥ୍‌କୁ ନିୟମ ଗ୍ରହଣକାରୀରୁ ନିୟମ ନିର୍ମାତା ଭାବେ ରୂପାନ୍ତରିତ କରିବାର ଏକ ସ୍ପଷ୍ଟ ସଙ୍କେତ। ଥିମ୍ 'ରେଜିଲିଏନ୍ସ, ଇନୋଭେସନ୍, କୋ-ଅପରେସନ୍ ଏବଂ ସଷ୍ଟେନେବିଲିଟି' ଭାରତର ଲୋକକେନ୍ଦ୍ରିକ ଓ ମାନବତା-ପ୍ରଥମ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମିଳନୀରେ ସ୍ପଷ୍ଟ କହିଛନ୍ତି ଯେ ଆମର ଭବିଷ୍ୟତ ଯଦି ସହଭାଗିତା, ତେବେ ସେହି ଭବିଷ୍ୟତ ଗଢ଼ିବାର ଅଧିକାର ମଧ୍ୟ ସହଭାଗିତା ହେବା ଉଚିତ। ଗ୍ଲୋବାଲ୍ ସାଉଥ୍ ଆଜି ସଙ୍କଟର ଆଗଧାଡ଼ିରେ ରହିଛି, କିନ୍ତୁ ନିଷ୍ପତ୍ତି ପ୍ରକ୍ରିୟାରେ ପଛରେ। ଏହି "ସୁବିଧାର ପିରାମିଡ୍"କୁ "ସହଭାଗିତାର ମଞ୍ଚ"ରେ ପରିଣତ କରିବା ହେଉଛି ଭାରତର ମୂଳ ବାର୍ତ୍ତା। ଛବିଶ ସୁପାରିଶ ସହିତ ଏକ ବ୍ରିକ୍ସ ରିଫର୍ମ ରୋଡମ୍ୟାପ୍ ପ୍ରସ୍ତାବ ଦେଇ ଭାରତ ବହୁପାକ୍ଷିକ ପ୍ରତିଷ୍ଠାନଗୁଡ଼ିକରେ ଅଧିକ ପ୍ରତିନିଧିତ୍ୱ, ପ୍ରତିକ୍ରିୟାଶୀଳତା ଓ ନିୟମ-ନିର୍ମାଣରେ ଗ୍ଲୋବାଲ୍ ସାଉଥ୍‌ର ଭୂମିକା ବଢ଼ାଇବାକୁ ଗୁରୁତ୍ୱ ଦେଇଛି।

ନୂଆଦିଲ୍ଲୀ ଘୋଷଣାପତ୍ରରେ ଏକପାକ୍ଷିକ ଟାରିଫ୍ ଓ ବାଧ୍ୟତାମୂଳକ ପଦକ୍ଷେପ ବିରୋଧ, ଡବ୍ଲ୍ୟୁଟିଓ ସଂସ୍କାର, କ୍ରସ-ବର୍ଡର ଆତଙ୍କବାଦ (ବିଶେଷକରି ପାହଲଗାମ ଆକ୍ରମଣ)ର କଠୋର ନିନ୍ଦା ଓ ପାଶ୍ଚାତ୍ୟ ଏସିଆରେ ସଂଯମର ଆହ୍ୱାନ ଅନ୍ତର୍ଭୁକ୍ତ। ଏହା ଭାରତର କୂଟନୀତିକ ସଫଳତା। ବିଭିନ୍ନ ଭୌଗୋଳିକ-ରାଜନୀତିକ ସ୍ୱାର୍ଥ ଥିବା ସଦସ୍ୟମାନଙ୍କ ମଧ୍ୟରେ ସହମତି ଗଢ଼ିବା ଦ୍ୱାରା ଭାରତ ଦେଖାଇଛି ଯେ ବ୍ରିକ୍ସ କେବଳ ଆଲୋଚନା ମଞ୍ଚ ନୁହେଁ, ବରଂ ସମାଧାନର ପରିବେଶ। ଭାରତ ପ୍ରାୟୋଗିକ ସହଯୋଗକୁ ଗୁରୁତ୍ୱ ଦେଇଛି। ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକଚର୍, କୃଷିରେ ଏଆଇ, ଷ୍ଟାର୍ଟଅପ୍ ଇନକ୍ୟୁବେଟର୍ ନେଟୱାର୍କ୍, ସପ୍ଲାଇ ଚେନ୍ ସ୍ଥିତିସ୍ଥାପକତା, ସ୍ୱାସ୍ଥ୍ୟ ଓ ବିପଦ ପ୍ରବନ୍ଧନ ପାଇଁ ନୂତନ ଢାଞ୍ଚା ପ୍ରସ୍ତାବିତ ହୋଇଛି। ଟେକ୍ନୋଲୋଜି ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅସ୍ତ୍ରୀକରଣ ବିରୋଧରେ ସତର୍କତା ମଧ୍ୟ ଦିଆଯାଇଛି। ଏହା ଦେଖାଏ ଯେ ଭାରତ କେବଳ ସମାଲୋଚନା କରୁନାହିଁ, ବରଂ ବିକଳ୍ପ ମଡେଲ୍ ଉପସ୍ଥାପନ କରୁଛି। ବ୍ରିକ୍ସକୁ ପାଶ୍ଚାତ୍ୟ-ବିରୋଧୀ ଗୋଷ୍ଠୀ ଭାବେ ଦେଖିବା ଭୁଲ୍। ଭାରତର ବାର୍ତ୍ତା ହେଉଛି ଅଧିକ ଅନ୍ତର୍ଭୁକ୍ତିମୂଳକ, ପ୍ରତିନିଧିତ୍ୱମୂଳକ ଓ ସମତା-ଆଧାରିତ ବହୁପାକ୍ଷିକ ବ୍ୟବସ୍ଥା। ସମସ୍ତ ଦେଶର ସ୍ୱର ଶୁଣାଯିବା, ଅନୁଭବ ସମ୍ମାନିତ ହେବା ଓ ସମାଧାନ ଏକତ୍ର ଗଢ଼ାଯିବା ଆବଶ୍ୟକ। ଭାରତ ଏହି ସମ୍ମିଳନୀ ମାଧ୍ୟମରେ ବିଶ୍ୱକୁ କହୁଛି ଯେ ବିକାଶଶୀଳ ଦେଶମାନେ ଏବେ କେବଳ ଅନୁସରଣକାରୀ ନୁହଁନ୍ତି; ସେମାନେ ଭବିଷ୍ୟତର ଆକାର ଦେବାରେ ସମାନ ଅଂଶୀଦାର।

ନୂଆଦିଲ୍ଲୀ ଘୋଷଣାପତ୍ର କେବଳ କାଗଜରେ ରହିବ ନାହିଁ। ଏହାକୁ ସମୟସୀମା ଭିତରେ କାର୍ଯ୍ୟକାରୀ କରିବା ଓ ଶେଷ ମାଇଲ୍ ପର୍ଯ୍ୟନ୍ତ ପ୍ରଭାବ ସୃଷ୍ଟି କରିବା ହେଉଛି ପ୍ରକୃତ ପରୀକ୍ଷା। ଭାରତ ଏହି ସମ୍ମିଳନୀ ମାଧ୍ୟମରେ ବିଶ୍ୱକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି-ସହଭାଗିତା, ସମତା ଓ ବ୍ୟବହାରିକ ସହଯୋଗ ହିଁ ଆଜିର ବିଶ୍ୱର ଆବଶ୍ୟକତା। ଏହା ଭାରତର କୂଟନୀତିକ ପରିପକ୍ୱତା ଓ ଗ୍ଲୋବାଲ୍ ସାଉଥ୍‌ର ଆତ୍ମବିଶ୍ୱାସର ପ୍ରତୀକ।

ସାଂଘାଇ ସହଯୋଗ ସଂଗଠନରୁ ବ୍ରିକ୍ସ: ୟୁରେସିଆର ନୂତନ ଭୂ-ରାଜନୈତିକ ବ୍ୟବସ୍ଥାରେ ଭାରତର ରଣନୈତିକ ଯାତ୍ରା

ଇଂ. ଶୁଭମ ଶାଶ୍ୱତ ପୃଷ୍ଟି

ଏକବିଂଶ ଶତାବ୍ଦୀରେ ବିଶ୍ୱ ଏକ ନୂଆ ଭୂ-ରାଜନୈତିକ ପରିଦୃଶ୍ୟର ଉଦୟ ଦେଖୁଛି। ଏହି ନୂଆ ପରିବର୍ତ୍ତିତ ବ୍ୟବସ୍ଥାରେ ସାମରିକ ଶକ୍ତି ଯେତିକି ଗୁରୁତ୍ୱପୂର୍ଣ୍ଣ, ଆର୍ଥିକ ପ୍ରଭାବ, ପ୍ରଯୁକ୍ତିଗତ ନବସୃଜନ, ଆର୍ଥିକ ସହନଶୀଳତା, ଶକ୍ତି ସୁରକ୍ଷା ଓ ରଣନୈତିକ ସଂଯୋଗ ମଧ୍ୟ ସେତିକି ଗୁରୁତ୍ୱ ବହନ କରୁଛି। ଏହି ପରିବର୍ତ୍ତନର ପ୍ରମୁଖ ପ୍ରତୀକ ଭାବେ ସାଂଘାଇ ସହଯୋଗ ସଂଗଠନ (ଏସ୍.ସି.ଓ) ଓ ବ୍ରିକ୍ସରଉଦୀୟମାନ ଏବେ ବହୁମେରୁ ବିଶ୍ୱ ବ୍ୟବସ୍ଥାର ପ୍ରଭାବଶାଳୀ ସ୍ତମ୍ଭରେ ପରିଣତ ହୋଇଛି।ଏସ୍.ସି.ଓରେ ସକ୍ରିୟ ଅଂଶଗ୍ରହଣରୁ ବିସ୍ତାରିତ ବ୍ରିକ୍ସରେ ନେତୃତ୍ୱ ପର୍ଯ୍ୟନ୍ତ ଭାରତର କୂଟନୈତିକ ଯାତ୍ରା କେବଳ ଏକ ବୃହତ୍ ଅର୍ଥନୀତିର ଉଦୟକୁ ପ୍ରତିଫଳିତ କରୁନାହିଁ ବରଂଏହା ରଣନୈତିକ ସ୍ୱାୟତ୍ତତା, ସନ୍ତୁଳନ ଓ ବ୍ୟବହାରିକ ସହଯୋଗ ଉପରେ ଆଧାରିତ ଭାରତର ଏକ ନୂଆ କୂଟନୈତିକ ଦର୍ଶନର ଉଦୟକୁ ମଧ୍ୟ ପ୍ରକାଶ କରୁଛି।

୨୦୦୧ରେ ଚୀନ, ରୁଷିଆ ଓ ମଧ୍ୟ ଏସିଆର ଦେଶଗୁଡ଼ିକର ମିଳିତ ପ୍ରୟାସରେଏସ୍.ସି.ଓ ଔପଚାରିକ ଭାବେ ଗଠିତ ହୋଇଥିଲା। ଆରମ୍ଭରେ ଆଞ୍ଚଳିକ ସୁରକ୍ଷା, ଆତଙ୍କବାଦ ବିରୋଧୀ ପଦକ୍ଷେପ ଓ ସ୍ଥିରତା ଏହାର ପ୍ରମୁଖ ଲକ୍ଷ୍ୟ ଥିଲା। ପରବର୍ତ୍ତୀ ସମୟରେ ଏହା ବାଣିଜ୍ୟ, ସଂଯୋଗ, ଶକ୍ତି ଓ ବିକାଶକୁ ନେଇ ଏକ ବ୍ୟାପକ ୟୁରେସିଆ ମଞ୍ଚରେ ପରିଣତ ହୋଇଛି। ୨୦୧୭ରେ ଭାରତ ପୂର୍ଣ୍ଣ ସଦସ୍ୟହେବା ସହ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ପଦକ୍ଷେପ ଗ୍ରହଣ କରିଛି। ଭାରତ ପାଇଁ ଏସ୍.ସି.ଓ କେବଳ ଏକ ସୁରକ୍ଷା ମଞ୍ଚ ନୁହେଁ। ୨୦୨୨-୨୩ର ଏସ୍.ସି.ଓଅଧ୍ୟକ୍ଷତାସମୟରେ ଭାରତ ଡିଜିଟାଲ ସମାବେଶ, ନବସୃଜନ, ଯୁବଶକ୍ତି ଓ ସ୍ଥାୟୀ ବିକାଶ ଭଳି ବିଷୟକୁ ଗୁରୁତ୍ୱ ଦେଇଥିଲା। ଏହା ମାଧ୍ୟମରେ ଭାରତ ସଂଗଠନର ଏଜେଣ୍ଡାକୁ ପାରମ୍ପରିକ ସୁରକ୍ଷା ପ୍ରସଙ୍ଗରୁ ଆର୍ଥିକ ଓ ସାମାଜିକ ବିକାଶ ଦିଗକୁ ବିସ୍ତାର କରିବାର ପ୍ରୟାସ କରିଥିଲା।

୨୦୦୧ରେବ୍ରିଟିଶ ଅର୍ଥନୀତିବିତ୍ଜିମ୍ ଓ'ନିଲ୍ଲୁବିଷ୍ୟତର ଉଦୟମାନ ଅର୍ଥନୀତିଗୁଡ଼ିକୁ ଚିହ୍ନଟ କରି "ବ୍ରିକ୍" ଶବ୍ଦର ପ୍ରଚଳନ କରିଥିଲେ। ପରେ ବ୍ରାଜିଲ, ରୁଷିଆ, ଭାରତ ଓ ଚୀନର ଏହି ଗୋଷ୍ଠୀ୨୦୦୯ରେ ଆନୁଷ୍ଠାନିକ ରାଜନୈତିକ ମଞ୍ଚରେ ପରିଣତ ହୋଇଥିଲା।୨୦୧୦ରେ ଦକ୍ଷିଣ ଆଫ୍ରିକାଯୋଗଦେବା ପରେ ଏହା "ବ୍ରିକ୍ସ"ନାମରେ ପରିଚିତ ହେଲା।୨୦୨୬ ସୁଦ୍ଧା ବ୍ରିକ୍ସ୧୧ଟି ପୂର୍ଣ୍ଣ ସଦସ୍ୟ ଦେଶକୁ ନେଇ ବିସ୍ତାରିତ ହୋଇଛି: ବ୍ରାଜିଲ, ରୁଷିଆ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା ସହିତ ଇଜିପ୍ଟ, ଇଥିଓପିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଓ ଇଣ୍ଡୋନେସିଆ ଭଳି ରାଷ୍ଟ୍ର ଏହି ସମିତିର ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ଏହି ବିସ୍ତାର ବିଶ୍ୱ ଦକ୍ଷିଣ ଗୋଲାର୍ଦ୍ଧ ରାଷ୍ଟ୍ର ଗୁଡିକର ଆର୍ଥିକ ଓ କୂଟନୈତିକ ଆକାଂକ୍ଷାକୁ ଅଧିକ ଶକ୍ତିଶାଳୀ କରିଛି।ଆଜିର ବିସ୍ତାରିତ ବ୍ରିକ୍ସ ବିଶ୍ୱ ଜିଡିପିର ପ୍ରାୟ ୩୭ ପ୍ରତିଶତଅର୍ଥନୀତିକୁ ପରିଚାଳିତ କରୁଛି ଏବଂ ଏହାର ସଦସ୍ୟ ଦେଶଗୁଡ଼ିକ ମିଶିବିଶ୍ୱର ଅର୍ଦ୍ଧାଧିକ ଜନସଂଖ୍ୟାକୁ ପ୍ରତିନିଧିତ୍ୱ କରୁଛନ୍ତି। ଏହି ଆର୍ଥିକ ଓ ଜନସାଂଖ୍ୟିକ ଓଜନ ବ୍ରିକ୍ସକୁ ଭବିଷ୍ୟତର ବିଶ୍ୱ ଆର୍ଥିକ ଶାସନ ବ୍ୟବସ୍ଥାରେ ଏକ ପ୍ରଭାବଶାଳୀ ଶକ୍ତିରେ ପରିଣତ କରିଛି।

ବ୍ରିକ୍ସ ମାଧ୍ୟମରେ ଭାରତର କୂଟନୈତିକ ଗୁରୁତ୍ୱର ଏକ ବିଶେଷ ଦିଗ ହେଉଛିଭାରତ ଏକାସାଙ୍ଗରେ ପଶ୍ଚିମ ଓ ଅଣ-ପଶ୍ଚିମ ଶକ୍ତିକେନ୍ଦ୍ର ସହ ଗଠନମୂଳକ ସମ୍ପର୍କର କ୍ଷମତା ରଖିବା ସହ ଚୀନ ଓ ରୁଷିଆ ଯେଉଁଠାରେ ପ୍ରାୟତଃ ବ୍ରିକ୍ସକୁ ପଶ୍ଚିମୀ ପ୍ରଭାବର ଏକ ପ୍ରତିବଳ ଭାବେ ଦେଖୁଛନ୍ତିଭାରତ ସେଠାରେ ଅଧିକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରୁଛି।ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀକୁ ପଶ୍ଚିମ ବିରୋଧୀ ମେଣ୍ଟ ଭାବେ ନୁହେଁବରଂ ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବା, ବିକାଶର ସହଯୋଗ ବଢ଼ାଇବା ଓ ଉଦୀୟମାନ ଅର୍ଥନୀତିଗୁଡ଼ିକର ସ୍ୱରକୁ ଅଧିକ ଶକ୍ତିଶାଳୀ କରିବାର ଏକ ମଞ୍ଚ ଭାବେ ଅବଲୋକନ କରିବା ଆବଶ୍ୟକ।ଭାରତ ବ୍ରିକ୍ସଓ ଏସ୍.ସି.ଓରେ ସକ୍ରିୟ ଥିବା ସହିତକ୍ୱାଡର ମଧ୍ୟ ଏକ ପ୍ରମୁଖ ସଦସ୍ୟ ଭାବେ ନିଜକୁ ଉପସ୍ଥାପିତ କରିଛି। ଏହା ସହିତ ଆମେରିକା, ୟୁରୋପ, ଜାପାନ ଓ ଅଷ୍ଟ୍ରେଲିଆ ସହ ଭାରତର ଗଭୀର ରଣନୈତିକ ସମ୍ପର୍କ ରହିଛି। ତେଣୁ ବହୁଥିବା ବିଶ୍ୱ ଧ୍ରୁବୀକରଣର ଭାରତ କୌଣସି ଗୋଟିଏ ପକ୍ଷ ବାଛିବା ପରିବର୍ତ୍ତେ 'ବହୁ-ସମୀକରଣ' ନୀତି ଅନୁସରଣ କରୁଛି।

ସୀମା ବିବାଦ, ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା ଓ ଆଞ୍ଚଳିକ ପ୍ରଭାବକୁ ନେଇ ମତଭେଦ ଥିଲେ ମଧ୍ୟ ଭାରତ-ଚୀନ ସମ୍ପର୍କ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବ୍ୟାପକ ଭାବେ ପରିଦର୍ଶିତ ହେଉଛି।ଏସ୍.ସି.ଓଓ ବ୍ରିକ୍ସଭଳି ମଞ୍ଚ ଉଭୟ ଦେଶକୁ ଆଲୋଚନାର ସୁଯୋଗ ଦେଉଥିବା ସହ ଭବିଷ୍ୟତ ଏସିଆରେ 'ପ୍ରତିସ୍ପର୍ଦ୍ଧୀ ସହାବସ୍ଥାନ'ର ଏକ ବାସ୍ତବବାଦୀ ରଣନୈତିକ ପରିଭାଷା ଭାବେ ପ୍ରଦର୍ଶିତ କରୁଛି।ଦକ୍ଷିଣ ଏସିଆରେ ଚୀନ "ବେଲ୍ଟ ଆଣ୍ଡ ରୋଡ଼ ଇନିସିଏଟିଭ" ଭଳି ପରିଯୋଜନା ଉପରେ କାର୍ଯ୍ୟ କରିବା ସହବେଜିଂର ଆର୍ଥିକ ଓ ରଣନୈତିକ ପ୍ରଭାବକୁ ବିସ୍ତାର କରିଛି। ସେହିପରି ସମାନାନ୍ତରାଳର ଭାବେ ଭାରତ ମଧ୍ୟ ଚାବାହାର ବନ୍ଦର ଦ୍ୱାରା ୟୁରେସିଆ ସଂଯୋଗ ପ୍ରକଳ୍ପ, ଡିଜିଟାଲ କୂଟନୀତି, ବିକାଶ ସହାୟତା ଓ ଆଞ୍ଚଳିକ ସହଯୋଗ ମାଧ୍ୟମରେ ନିଜର ପ୍ରଭାବ ବୃଦ୍ଧି କରୁଛି।ବାଂଲାଦେଶ, ଶ୍ରୀଲଙ୍କା, ନେପାଳ ଓ ମାଲଦ୍ୱୀପ ଭଳି ଦେଶ ଉଭୟ ଶକ୍ତି ସହ ସମ୍ପର୍କ ରଖୁଥିବାରୁ ଭାରତର ଆହ୍ୱାନ କେବଳ ଚୀନକୁ ପ୍ରତିହତ କରିବା ନହୋଇବିଶ୍ୱସନୀୟ ଆର୍ଥିକ ଓ ବିକାଶମୂଳକ ବିକଳ୍ପପ୍ରତି ଆଗକୁ ବଢିବା।

ଭାରତର ବଢୁଥିବା କୂଟନୈତିକ ପ୍ରଭାବର ମୂଳ ଆଧାର ହେଉଛି ବିଶ୍ୱ ଅର୍ଥନୀତିର ବୃଦ୍ଧି ହାର ପ୍ରାୟୀ ପ୍ରତିଶତଥିବା ସମୟରେ, ଆଇ.ଏମ.ଏଫର ଆକଳନ ଅନୁସାରେ ଭାରତର ଅର୍ଥନୀତି୨୦୨୬ରେ ପ୍ରାୟ ୬.୪ ପ୍ରତିଶତହାରରେ ବଢ଼ିବାର ଆଶା ଥିବାବେଳେ ଏହା ବୃଦ୍ଧି ହୋଇ ୭.୮ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ବିଶ୍ୱ ହାରଠାରୁ ଭାରତର ଅଭିବୃଦ୍ଧି ପ୍ରାୟ ଦୁଇଗୁଣ ବୃଦ୍ଧି ହେବାସହ ୪ ଟ୍ରିଲିୟନଅର୍ଥନୀତିର ସୀମା ଅତିକ୍ରମ କରି ଭାରତ ଏବେ ବିଶ୍ୱରତୃତୀୟ ବୃହତ୍ତମ ଅର୍ଥନୀତିହେବା ଦିଗରେ ଅଗ୍ରସର ହେବା ପାଇଁ ପ୍ରୟାସ କରୁଛି। ଏହି ଆର୍ଥିକ ଶକ୍ତି ଭାରତକୁ କେବଳ ଏକ ବୃହତ୍ ବଜାର ନୁହେଁବରଂ ଉତ୍ପାଦନ କେନ୍ଦ୍ର, ପ୍ରଯୁକ୍ତିରେ ଭାଗୀଦାର ଓ ବିଶ୍ୱସନୀୟ ଯୋଗାଣଶୃଙ୍ଖଳା ସହଯୋଗୀ ଭାବେ ପ୍ରତିଷ୍ଠିତ କରୁଛି।

ବ୍ରିକ୍ସ ଓ ଏସ୍.ସି.ଓର କିଛି ଦେଶ ଆନ୍ତର୍ଜାତୀୟ ବାଣିଜ୍ୟରେ ଡଲାର ଉପରେ ନିର୍ଭରତା କମାଇବା, ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଓ ବିକଳ୍ପ ଦେୟ ବ୍ୟବସ୍ଥା ବିକଶିତ କରିବା ନେଇ ଆଲୋଚନା କରୁଥିବା ବେଳେ ଭାରତର ଆଭିମୁଖ୍ୟ ଅଧିକ ସନ୍ତୁଳିତ ରହିଛି। ଭାରତର ଡଲାରକୁ ପ୍ରତିସ୍ଥାପିତ ନକରି ଆର୍ଥିକ ବିବିଧତା, ଦେୟ ବ୍ୟବସ୍ଥାର ସୁଦୃଢ଼ତା ଓ ରଣନୈତିକ ଆର୍ଥିକ ସ୍ୱାୟତ୍ତତାବଢ଼ାଇବା ଦିଗରେ ଅଗ୍ରସର ହେଉଛି।ଭାରତର ୟୁ. ପି.ଆଇ, ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ଆର୍ଥିକ ପ୍ରଯୁକ୍ତି ଓ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଏହି ଆଭିମୁଖ୍ୟର ପ୍ରତୀକ ଭାବେ ଉଭା ହୋଇଛି। ଏହାର ଉଦ୍ଦେଶ୍ୟ ବର୍ତ୍ତମାନର ବିଶ୍ୱ ଆର୍ଥିକ ବ୍ୟବସ୍ଥାକୁ ଧ୍ୱଂସ କରିବା ନୁହେଁବରଂ ଭାରତର ଆର୍ଥିକ ସହନଶୀଳତା ବଢ଼ାଇବା।୨୦୨୬ରେ ବ୍ରିକ୍ସ ଅଧ୍ୟକ୍ଷତାଭାରତକୁ ଏହାର ଆର୍ଥିକ ଓ କୂଟନୈତିକ ଦୃଷ୍ଟିକୋଣକୁ ବିଶ୍ୱ ମଞ୍ଚରେ ଅଧିକ ସ୍ପଷ୍ଟ କରିବାର ସୁଯୋଗ ଦେଇଛି। ଭାରତ ଏହାର ଅଧ୍ୟକ୍ଷତାରେ "ସ୍ଥିରତା, ନବସୃଜନ, ପାରସ୍ପରିକ ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ଭବିଷ୍ୟତ ନିର୍ମାଣ" ବିଷୟବସ୍ତୁକୁ ଗୁରୁତ୍ୱ ଦେଇଛି। ସେହିପରି ଜଳବାୟୁ ପରିବର୍ତ୍ତନ, ଶକ୍ତି ପରିବର୍ତ୍ତନ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ଡିଜିଟାଲ ଭିତ୍ତିଭୂମି, ସବୁଜ ଅର୍ଥନୀତି ଓ ସହନଶୀଳ ଯୋଗାଣ-ଶୃଙ୍ଖଳା ଭବିଷ୍ୟତ ବିକାଶର ମୁଖ୍ୟ ଆଧାର ହେବା ସହ ଭାରତ ବିକାଶ ଓ ସ୍ଥାୟୀତ୍ୱର ଏକ ସେତୁ ଭାବେ ଉଭା ହେବା ପାଇଁ ପ୍ରୟାସ କରୁଛି।

ଏସ୍.ସି.ଓର ସକ୍ରିୟ ଅଂଶୀଦାରରୁ ବ୍ରିକ୍ସର ନେତୃତ୍ୱ ପର୍ଯ୍ୟନ୍ତ ଭାରତର ଯାତ୍ରା କେବଳ ଦୁଇଟି ଆନ୍ତର୍ଜାତୀୟ ମଞ୍ଚରେ ଅଂଶଗ୍ରହଣର କାହାଣୀ ନହୋଇ ବିଶ୍ୱ ଭୂମିକାର ଏକ ବୃହତ୍ ପରିବର୍ତ୍ତନର ପ୍ରତିଫଳନ ଭାବେ ପ୍ରଦର୍ଶିତ ହୋଇଛି।ଭାରତ ଏବେ କେବଳ ଶକ୍ତିକେନ୍ଦ୍ରଗୁଡ଼ିକ ମଧ୍ୟରେ ସନ୍ତୁଳନ ରକ୍ଷା କରୁନାହିଁବରଂ ସେମାନଙ୍କ ମଧ୍ୟରେ ସହଯୋଗର ନୂଆ ଭିତ୍ତି ଗଢ଼ିବାରେ ଭୂମିକା ନେଉଛି। ଏକବିଂଶ ଶତାବ୍ଦୀର ବିଶାଳ ୟୁରେସିଆନ୍ ଚେସ୍‌ବୋର୍ଡରେ ଭାରତ ନିଜର ସାମର୍ଥ୍ୟର ପରାକାଷ୍ଠା ପ୍ରଦର୍ଶନ କରିବା ସହ କୌଣସି ଏକ ଶିବିରରେ ସ୍ଥାୟୀ ଭାବେ ବାନ୍ଧି ନ ରହି ସମସ୍ତ ଶକ୍ତିକେନ୍ଦ୍ର ସହ ନିଜ ଜାତୀୟ ସ୍ୱାର୍ଥ ଅନୁଯାୟୀ ସମ୍ପର୍କ ରଖିବାର ପ୍ରଚେଷ୍ଟା କରୁଛି।ଆର୍ଥିକ ଶକ୍ତି, ରଣନୈତିକ ସ୍ୱାୟତ୍ତତା, ଡଲାର-ନିର୍ଭରତାର ବିବିଧୀକରଣ, ସ୍ଥାୟୀ ବିକାଶ ଓ କୂଟନୈତିକ ଦକ୍ଷତାମାଧ୍ୟମରେ ଭାରତ ଏକ ବହୁମେରୁ ବିଶ୍ୱ ବ୍ୟବସ୍ଥାରେ ଏକ ସେତୁଶକ୍ତି ଭାବେ ନିଜକୁ ପ୍ରତିଷ୍ଠିତ କରୁଛି। ଏସ୍.ସି.ଓ ରୁ ବ୍ରିକ୍ସ ପର୍ଯ୍ୟନ୍ତ ଭାରତର ଯାତ୍ରା କେବଳ ଏକ କୂଟନୈତିକ ଯାତ୍ରା ନୁହେଁ ବରଂ ବିଶ୍ୱ ଶକ୍ତିର ନୂଆ ସମୀକରଣରେ ଭାରତର ଉଦୟର କାହାଣୀ।

ଲେଖକ ଏବଂ ଅର୍ଥନୀତି ସମୀକ୍ଷକ
ରାଜେନ୍ଦ୍ର ନଗର, ନୂଆଦିଲ୍ଲୀ
ମୋବାଇଲ୍: ୯୪୩୮୩୨୮୦୧୫

ଓଁ ନମଃ ଗଣେଶ ବିଘ୍ନେଶ ଗିରିଜା ନନ୍ଦନ ପ୍ରଭୁ

ପ୍ରଦୀପ୍ତ କୁମାର ବିଶ୍ୱାଳ

ମମ ବିଘ୍ନ ବିନାଶାୟ ଗଣାଧି ପତୟେ ନମଃ।'
'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ।
ନିର୍ବିଘ୍ନଂ କୁରୁ ମେ ଦେବ ସର୍ବ କାର୍ଯ୍ୟେଷୁ ସର୍ବଦା'।।
ଅର୍ଥାତ୍ ହେ ଗଣେଶ, ହେ ବିଘ୍ନେଶ, ହେ ଗିରିଜା ନନ୍ଦନ, ମୋର ବାଧାବିଘ୍ନକୁ ଦୂର କରୁଥିବା ଦେବତା ଶ୍ରୀଗଣେଶଙ୍କୁ ମୁଁ ନମସ୍କାର କରୁଛି। 'ହେ ହାତୀ ଭଳି ବିଶାଳକାୟ ଗଣେଶ, ଯାହାଙ୍କର ତେଜ ସୂର୍ଯ୍ୟଙ୍କର ସହସ୍ର କିରଣ ସହିତ ସମାନ, ମୋର ସମସ୍ତ କାର୍ଯ୍ୟ ବିନା ବିଘ୍ନରେ ପୁରଣ କରନ୍ତୁ।' ଭାଦ୍ରବ(ଚାନ୍ଦ୍ର)ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରାଯାଏ। ଏହାର କର୍ମକାଳ ମଧ୍ୟାହ୍ନ। ଚଳିତ ବର୍ଷ ଏହା ତା ୧୪.୯.୨୦୨୬ରିଖ ସୋମବାର ଦିନ ପାଳନ କରାଯିବା ଗଣେଶ =ଗଣ+ଈଶ ଅର୍ଥାତ୍ ଗଣ ମାନଙ୍କର ଈଶ୍ୱର ବା ଗଣଦେବତା। ଶ୍ରୀଗଣେଶ ପ୍ରଥମ ଅଗ୍ରପୂଜ୍ୟ ଓ ଆଦିସ୍ମରଣୀୟ। ବିଘ୍ନ ବିନାଶକ ହୋଇଥିବାରୁ ଯେ କୌଣସି ପୂଜା କରିବା ପୂର୍ବରୁ ପ୍ରଥମେ ଗଣେଶଙ୍କୁ ବନ୍ଦନା କରାଯାଏ। ଏହା ଏକ ସାର୍ବଜନୀନ ପୂଜା। ପ୍ରତ୍ୟେକ ଘରେ, ବିଦ୍ୟାଳୟରେ, କ୍ଲବରେ, ବ୍ୟବସାୟ ପ୍ରତିଷ୍ଠାନରେ ସମସ୍ତ ବର୍ଗର ଲୋକମାନେ ଏହି ପୂଜାକୁ ଅତି ଶ୍ରଦ୍ଧା, ଭକ୍ତିରେ କରିଥାଆନ୍ତି। ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ଅନ୍ୟନାମ ବିଘ୍ନେଶ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ପ୍ରାୟ ସବୁ ମନ୍

ଆମେରିକାକୁ ଜିନପିଙ୍ଗଙ୍କ କଡ଼ା ବାର୍ତ୍ତା

ପିଏମ୍ ମୋଦିଙ୍କୁ କହିଲେ: ଥ୍ୟାଙ୍କ ୟୁ

ଆଉ ନାଲିଆଖି ଦେଖାଇବାର ସମୟ ନାହିଁ

ନୂଆଦିଲ୍ଲୀ, ୧୩।୯: ଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ବଡ଼ ବୟାନ। ଭାରତ ସହ ସମ୍ପର୍କକୁ ଆହୁରି ମଜବୁତ କରିବା ସହ ବିଶ୍ୱ ରାଜନୀତିରେ ଗ୍ଲୋବାଲ ସାଉଥ୍‌ର ଭୂମିକା ଉପରେ ଜୋର ଦେଇଛନ୍ତି ଜିନପିଙ୍ଗ। ସେ କହିଛନ୍ତି, ବିଶ୍ୱ ଖୁବ୍ ଦ୍ରୁତ ଗତିରେ ବଦଳୁଛି। ଏଭଳି ପରିସ୍ଥିତିରେ କୌଣସି ଗୋଟିଏ ଦେଶ ସବୁବେଳେ ଶକ୍ତିଶାଳୀ ରହିପାରିବ ନାହିଁ। ବିକାଶଶୀଳ ଦେଶଗୁଡ଼ିକର ଏକତା ଏବଂ ବଢୁଥିବା ପ୍ରଭାବ ହିଁ ବିଶ୍ୱକୁ ଅଧିକ ବହୁଧ୍ରୁବୀୟ କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତି ଅନୁସାରେ, ବ୍ରିକ୍ସ ବୈଠକର ଆୟୋଜନ ପାଇଁ ଜିନପିଙ୍ଗ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଜିନପିଙ୍ଗ। ସେ କହିଛନ୍ତି, ବିଶ୍ୱ ଏବେ ଅନେକ ପ୍ରକାରର ବିପଦ ଓ ଚ୍ୟାଲେଞ୍ଜ ଦେଇ ଗତି କରୁଛି। ଏଭଳି ସମୟରେ ବ୍ରିକ୍ସ ଦେଶଗୁଡ଼ିକ ଆଗକୁ ଆସି ନେତୃତ୍ୱ ନେବା ଆବଶ୍ୟକ। ବିକାଶଶୀଳ ଦେଶଗୁଡ଼ିକୁ ଏକାଠି କରିବା ସହ ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ବ୍ରିକ୍ସ ଏକ ସକାରାତ୍ମକ ଶକ୍ତି ଭାବେ କାମ କରିବା ଦରକାର ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ନିୟମ ଏବଂ ସମାନତାର ଗୁରୁତ୍ୱ ବୁଝାଇ ଜିନପିଙ୍ଗ କହିଛନ୍ତି, ନିୟମ ବିନା ବିଶ୍ୱ ଏପରି ଏକ ଚାରିଛକ ଭଳି, ଯେଉଁଠାରେ ଟ୍ରାଫିକ୍ ସିଗନାଲ ନଥାଏ। ଏଭଳି ସ୍ଥିତିରେ କେବଳ ଅରାଜକତା ଓ ଅବ୍ୟବସ୍ଥା ସୃଷ୍ଟି ହେବ। ତାଙ୍କ କହିବା ଅନୁସାରେ, ନ୍ୟାୟ ଓ ନିରପେକ୍ଷତା ପ୍ରତ୍ୟେକ ଦେଶର ଆବଶ୍ୟକତା। ତେଣୁ ବିଶ୍ୱର ନିୟମ କୌଣସି ଗୋଟିଏ ଶକ୍ତିଶାଳୀ ଦେଶ ନୁହେଁ, ବରଂ ସମସ୍ତ ଦେଶ ମିଳିତ ଭାବେ ନିର୍ଦ୍ଧାରଣ କରିବା ଉଚିତ। ଜିନପିଙ୍ଗ ଆହୁରି କହିଛନ୍ତି, କେବଳ ଶକ୍ତିର ବଳରେ ନିଜ ଇଚ୍ଛା ଅନ୍ୟ ଦେଶ ଉପରେ ଲଦିଦେବାର ପୁରୁଣା ମାନସିକତା ଏବେ ଚାଲିବା ଉଚିତ ନୁହେଁ। ବିକାଶଶୀଳ ଦେଶଗୁଡ଼ିକ ଏକାଠି ହୋଇ ଅନ୍ତର୍ଜାତୀୟ ନିୟମର ସୁରକ୍ଷା କରିବା ଦରକାର। ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱକୁ ସମ୍ମାନ, ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନକରିବା ଏବଂ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଭଳି ନୀତିକୁ ଅନୁସରଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହା ସହ ଅନ୍ତର୍ଜାତୀୟ ଆଇନ ସମସ୍ତ ଦେଶ ପାଇଁ ସମାନ ଭାବେ ଲାଗୁ ହେବା ଦରକାର ବୋଲି ଜିନପିଙ୍ଗ କହିଛନ୍ତି। କୌଣସି ପ୍ରକାରର ଦୋହରା ମାନଦଣ୍ଡକୁ ସେ ବିରୋଧ କରିଛନ୍ତି।

ଚୀନ୍ ରାଷ୍ଟ୍ରପତି କହିଛନ୍ତି, ବିଶ୍ୱର ପ୍ରତ୍ୟେକ ଦେଶ ସେ ଛୋଟ ହେଉ କି ବଡ଼, ଧନୀ ହେଉ କି ଗରିବ ସମ୍ମାନ ପାଇବାର ଅଧିକାର ରଖେ। ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକୁ ବହୁପକ୍ଷୀୟ ବ୍ୟବସ୍ଥା ଏବଂ ଜାତିସଂଘର ଭୂମିକାକୁ ଆହୁରି ମଜବୁତ କରିବା ଦରକାର। ଏହା ଦ୍ୱାରା ଅନ୍ତର୍ଜାତୀୟ ବ୍ୟାପାରରେ ସମସ୍ତ ଦେଶର ସମାନ ଭାଗୀଦାରି ସୁନିଶ୍ଚିତ ହୋଇପାରିବ ବୋଲି ସେ କହିଛନ୍ତି। ବିଶ୍ୱ ବାଣିଜ୍ୟ ସଂଗଠନ ବା ଡବ୍ଲୁଟିଓରେ ଆବଶ୍ୟକ ସଂସ୍କାର, ନିରପେକ୍ଷ ବାଣିଜ୍ୟ ନିୟମ ଏବଂ ନ୍ୟୁ ଡେଭେଲପମେଣ୍ଟ ବ୍ୟାଙ୍କ ବା ଏନ୍‌ଡିବିକୁ ସମର୍ଥନ କରିବା ଉପରେ ମଧ୍ୟ ଜିନପିଙ୍ଗ ଗୁରୁତ୍ୱ ଦେଇଛନ୍ତି। ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥାରେ ସଂସ୍କାର କରି ବିକାଶଶୀଳ ଦେଶମାନଙ୍କର ସ୍ୱର ଓ ପ୍ରତିନିଧିତ୍ୱକୁ ବଢ଼ାଇବା ଦରକାର ବୋଲି ସେ କହିଛନ୍ତି।

୨୫୨ ମଦ୍ରାସାରେ ପଡ଼ିବ ତାଲା

ସର୍ଭେ ପରେ ଶୁଭେନ୍ଦୁ ସରକାର ଦେଲେ ନିର୍ଦ୍ଦେଶ

କୋଲକାତା, ୧୩।୯: ପଶ୍ଚିମବଙ୍ଗରେ ବର୍ଷ ବର୍ଷ ଧରି ଚାଲିଥିବା ଅନେକ ମଦ୍ରାସା ଏବେ ବନ୍ଦ ହୋଇଯିବ। ସେଗୁଡ଼ିକୁ ତାଲା ପକାଇବା ପାଇଁ ପ୍ରସ୍ତୁତି ଚାଲିଛି। ତଦନ୍ତ ପରେ ସରକାର ୨୫୨ ମଦ୍ରାସାକୁ ବନ୍ଦ ପାଇଁ ନୋଟିସ୍ ଜାରି କରିଛନ୍ତି। ସେହିପରି ଅନ୍ୟ ୧୦୦ ମଦ୍ରାସାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବନ୍ଦ ହେବାକୁ ଥିବା ମଦ୍ରାସାଗୁଡ଼ିକ ମଧ୍ୟରୁ ଅଧିକାଂଶ ଖାରିଜି ବା ଉପଯୁକ୍ତ ମାନ୍ୟତା ନାହିଁ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ସମ୍ପ୍ରତି ରାଜ୍ୟର ମଦ୍ରାସାଗୁଡ଼ିକର ତଦନ୍ତ ପାଇଁ ଏକ ଅଭିଯାନ ଆରମ୍ଭ କରିଛନ୍ତି। ସର୍ବେକ୍ଷଣର ପ୍ରଥମ ପର୍ଯ୍ୟାୟ ପରେ ମାନ୍ୟତା ନଥିବା ୨, ୩୯୬ ମଦ୍ରାସା ଚିହ୍ନଟ କରାଯାଇଛି। ରାଜ୍ୟ ସରକାର କୋଲକାତା ସମେତ ୨୨ଟି ଜିଲ୍ଲାରେ ମଦ୍ରାସାଗୁଡ଼ିକର ଏକ ସର୍ଭେ କରିଥିଲେ। ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ବିଭାଗ ଦ୍ୱାରା ଏହି ସର୍ଭେ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ ଯେ ଜିଲ୍ଲାଗୁଡ଼ିକରେ ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ ମଦ୍ରାସାଗୁଡ଼ିକର ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଏକ ସର୍ଭେ କରାଯିବା ଉଚିତ। ଏହା ପରେ, ପ୍ରତ୍ୟେକ ଜିଲ୍ଲାରେ ସର୍ଭେ ଆରମ୍ଭ କରାଯାଇଥିଲା। ରାଜ୍ୟ ସର୍ଭେରେ ମଦ୍ରାସା ପରିଚାଳନା ବ୍ୟବସ୍ଥା, ଛାତ୍ର ନାମଲେଖା, ପାଣ୍ଠି ଉତ୍ସ ଏବଂ ପଞ୍ଜିକରଣ ସ୍ଥିତି ସମେତ ଅନେକ ଦିଗ ଯାଞ୍ଚ କରାଯାଇଥିଲା।

ପୁଣେ-ବେଙ୍ଗାଲୁରୁରେ ଦୁର୍ଘଟଣା, ୨ ମୃତ

ପୁଣେ, ୧୩।୯: ମହାରାଷ୍ଟ୍ରର ପୁଣେ ଜିଲ୍ଲାସ୍ଥିତ ପୁଣେ-ବେଙ୍ଗାଲୁରୁ ମହାମାର୍ଗର ଜାମୁଲୱାଡ଼ି ନିକଟରେ ରବିବାର ଭୋରରୁ ଏକାଧିକ ଗାଡ଼ି ଦୁର୍ଘଟଣା ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ମୁମ୍ବାଇ ଜୋଗେଶ୍ୱରୀ ଇଷ୍ଟର ହୃଦୟନାଥ ମୋହନ ଗାଏକୱାଡ଼ (୪୭) ଏବଂ ନେରୁଲ ସେକ୍ଟର-୧୦ର ଆନନ୍ଦୀବାଈ ରାମଚନ୍ଦ୍ର ୱାଡକର (୫୦)। ଉଭୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଏହି ଘଟଣାରେ ପୁଲିସ ବିଭିନ୍ନ ଧାରାରେ ମାମଲା ରୁଜୁ କରି ଟ୍ରକ୍ ମାଲିକ ସନ୍ଦୀପ ଗୋରଖ ସୂର୍ଯ୍ୟବଂଶୀ (୪୫)ଙ୍କୁ ହେପାଜତକୁ ନେଇଥିବା ବେଳେ ଫେରାର ଥିବା ଟ୍ରକ୍ ଚାଲକ ପ୍ରମୋଦ ବିଠଲ ୱାଘ (୪୦)ଙ୍କୁ ଗିରଫ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ହର୍ମୁଜରେ ନୂତନ ପ୍ରବେଶ ପଥ ପାଇଁ ଇରାନ-ଓମାନ ସହମତ

ମସ୍କାଟ, ୧୩।୯: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଏକ ଭଲ ଖବର ଆସିଛି। ଇରାନ ଓ ଓମାନ ହର୍ମୁଜ୍ ପ୍ରଣାଳୀରେ ନୂତନ ପ୍ରବେଶ ଏବଂ ପ୍ରସ୍ଥାନ ପଥ ଉପରେ ସହମତ ହୋଇଛନ୍ତି। ଜିନୁଆ ନ୍ୟୁଜ୍ ଅନୁଯାୟୀ, ଇରାନୀ ଅଧିକାରୀମାନେ କହିଛନ୍ତି, ଦୁଇଦେଶ ନୂତନ ପ୍ରବେଶ ଏବଂ ପ୍ରସ୍ଥାନ ପଥ ଉପରେ ସହମତ ହୋଇଛନ୍ତି। ଇରାନୀ ଅଧିକାରୀମାନେ ଏହା ମଧ୍ୟ କହିଛନ୍ତି ଯେ ସେମାନେ ସୋମବାର ମସ୍କାଟରେ ଅନୁଷ୍ଠିତ ହେବାକୁ ଥିବା ଏକ ଆଞ୍ଚଳିକ ବୈଠକରେ ଉପସାଗରୀୟ ଦେଶମାନଙ୍କ ସହିତ ସେମାନଙ୍କର ଆଲୋଚନାର ସୂଚନା ପ୍ରଦାନ କରିବେ। ଗତ ସପ୍ତାହର ପ୍ରାରମ୍ଭରେ, ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ନୂତନ ମୁଖ୍ୟ ମୋହସେନ ରେଜାଏଇ କହିଥିଲେ ଯେ ଇରାନ ହର୍ମୁଜ୍ ପ୍ରଣାଳୀ ବାହାରେ ଏକ ପ୍ରତିବନ୍ଧିତ ପ୍ରବେଶ କ୍ଷେତ୍ର ଘୋଷଣା କରିବାକୁ ଯୋଜନା କରୁଛି।

ବହିଷ୍କୃତ ଲୋକେ ମୋତେ ନେଇ ଗୁଜବ କରୁଛନ୍ତି

● ଆକାଶ ଆନନ୍ଦଙ୍କୁ ମାୟାବତୀଙ୍କ ଟାର୍ଗେଟ୍

ଲକ୍ଷ୍ନୌ, ୧୩।୯: ବିଏସପି ସୁପ୍ରିମୋ ମାୟାବତୀ ପୁଣି ଥରେ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ଟାର୍ଗେଟ କରିଛନ୍ତି। ମାୟାବତୀ କହିଛନ୍ତି, ଯେଉଁମାନଙ୍କୁ ଦଳରୁ ବହିଷ୍କାର କରାଯାଇଛି ସେମାନେ କର୍ମୀଙ୍କ ମଧ୍ୟରେ ଭୁଲ୍ ଧାରଣା ପ୍ରସାର କରୁଛନ୍ତି ଯେ, ବେହେନଜୀ ବହୁତ ଅସୁସ୍ଥ ଅଛନ୍ତି। ସେଥିପାଇଁ ସେ ଗଣମାଧ୍ୟମକୁ ଆସିବା ପରିବର୍ତ୍ତେ ସିଧାସଳଖ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ବଡ଼ ବଡ଼ କଥା ମଧ୍ୟ ରିପୋର୍ଟ କରୁଛନ୍ତି। ମାୟାବତୀ ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆକାଶ ଆନନ୍ଦ ମୋ ପାର୍ଟି ପ୍ରଭାରୀ ଆଲୋକ କୁମାରଙ୍କୁ ଫୋନ୍ କରିଥିଲେ ଓ ବେହେନଜୀ ଅସୁସ୍ଥ ଅଛନ୍ତି କି ବୋଲି ପଚାରିଥିଲେ। ଆଲୋକ କୁମାର କହିଲେ ନା, ମାୟାବତୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ତାଙ୍କ କାମରେ ବ୍ୟସ୍ତ ଅଛନ୍ତି। ଏହା ପରେ ଆକାଶ ଆନନ୍ଦ କହିଥିଲେ, ବେହେନଜୀଙ୍କୁ ଏହା କହିବ ନାହିଁ। ଏହା ପରେ ସେ ଫୋନ୍ କାଟି ଦେଇଥିଲେ। ମାୟାବତୀ କହିଥିଲେ, ଆକାଶ ଆନନ୍ଦ ଏବେ ବି ନିଜ ବୁଦ୍ଧି ଖଟାଇ କାମ କରୁନାହାନ୍ତି। ସେ ତାଙ୍କ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି।

ରୁଷିଆ ଆକ୍ରମଣରେ ୟୁକ୍ରେନରେ ୯ ମୃତ

କିଭ୍, ୧୩।୯: ଶନିବାର ଦିନ ୟୁକ୍ରେନର ବିଭିନ୍ନ ଅଞ୍ଚଳରେ ରୁଷିଆ ପକ୍ଷରୁ କରାଯାଇଥିବା ବ୍ୟାପକ ବିମାନ ଓ ଡ୍ରୋନ୍ ଆକ୍ରମଣରେ ୯ ଜଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ଏହାସହ ବହୁ ଆବାସିକ ଗୃହ ଓ ଭିତ୍ତିଭୂମି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ୟୁକ୍ରେନର ଶକ୍ତି ପ୍ରକଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ କରି ରୁଷିଆ ଲଗାତାର ଆକ୍ରମଣ ତେଜିବାରେ ଲାଗିଛି। ୟୁକ୍ରେନ୍ ସୀମାବର୍ତ୍ତୀ ମାଲଡୋଭାରେ ମଧ୍ୟ ରୁଷିଆର ଡ୍ରୋନ୍ ଅନୁପ୍ରବେଶ ହେତୁ ସୁରକ୍ଷା ଦୃଷ୍ଟିରୁ ପ୍ରାୟ ଗୋଟିଏ ଘଣ୍ଟା ପାଇଁ ଆକାଶମାର୍ଗ ବନ୍ଦ ରଖାଯାଇଥିଲା। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଟେଲିଗ୍ରାମରେ ସୂଚନା ଦେଇ କହିଛନ୍ତି ଯେ, ରୁଷିଆ ସକାଳୁ ପ୍ରାୟ ୫୦୦ ଡ୍ରୋନ୍ ସାହାଯ୍ୟରେ ୟୁକ୍ରେନର ଅର୍ଥନୀତିକୁ ପଙ୍ଗୁ କରିବା ପାଇଁ ଏହି ଆକ୍ରମଣ କରିଛି। କ୍ରାମାଟୋରସ୍କ, ଜିଟୋମିର, ଜାପୋରିଜିଆ, କ୍ରିଭି ରୀହ ଏବଂ ଓଡେସା ଭଳି ଅଞ୍ଚଳରେ ଏହି ଆକ୍ରମଣ ଯୋଗୁଁ ବ୍ୟାପକ କ୍ଷତି ଘଟିଛି।

ପଞ୍ଜାବୀ ଗାୟକଙ୍କ ଘର ଉପରେ ଗୁଳିମାଡ଼

ଚଣ୍ଡିଗଡ଼, ୧୩।୯: ପଞ୍ଜାବର ବରନାଲା ଜିଲ୍ଲା ଅନ୍ତର୍ଗତ ଫାରୱାହି ଗ୍ରାମରେ ପ୍ରସିଦ୍ଧ ପଞ୍ଜାବୀ ଗାୟକ ଗୁଲାବ ସିଦ୍ଧୁଙ୍କ ପୈତୃକ ଘର ଉପରେ ଅଜ୍ଞାତ ଦୁର୍ବୃତ୍ତମାନେ ଗୁଳିଚାଳନା କରିଛନ୍ତି। ଶନିବାର ଓ ରବିବାର ମଧ୍ୟବର୍ତ୍ତୀ ରାତି ପ୍ରାୟ ୧ଟା ୩୦ରୁ ୨ଟା ମଧ୍ୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୋଟିଏ ମୋଟରସାଇକେଲରେ ତିନିଜଣ ଯୁବକ ଆସି ଗାୟକଙ୍କ ଘର ନିକଟରେ ଅଟକିଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ଘରର ଗେଟ୍‌କୁ ଲକ୍ଷ୍ୟ କରି ପ୍ରାୟ ୭ରୁ ୮ ରାଉଣ୍ଡ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି। ଘଟଣା ସମୟରେ ଗୁଲାବ ସିଦ୍ଧୁ ବିଦେଶରେ ନିଜର ସଙ୍ଗୀତ କାର୍ଯ୍ୟକ୍ରମ ଓ ଲାଇଭ୍ ପରଫର୍ମାନ୍ସରେ ବ୍ୟସ୍ତ ଥିଲେ। ସୌଭାଗ୍ୟବଶତଃ, ଗୁଳିଚାଳନାରେ ଗାୟକଙ୍କ ପରିବାରର କୌଣସି ସଦସ୍ୟ ଆହତ ହୋଇନାହାନ୍ତି।

୫ଘଣ୍ଟାରେ ୨ ଅଗ୍ନିକାଣ୍ଡ

୩ ପିଲାଙ୍କ ସମେତ ୬ ଆହତ

ନୂଆଦିଲ୍ଲୀ, ୧୩।୯: ବ୍ରିକସ୍ ସମ୍ମିଳନୀ ଲାଗି ଦିଲ୍ଲୀ ଏବେ ବ୍ୟାପକ ସୁରକ୍ଷା ବଳୟରେ ଥିବା ବେଳେ ରବିବାର ୫ ଘଣ୍ଟା ଅନ୍ତରାଳରେ ୨ଟି ଗୋଦାମରେ ନିଆଁ ଲାଗିଛି। ଗୋଟିଏ ଡଲ୍ଲୁପୁରାରେ ହୋଇଥିବା ବେଳେ ଅନ୍ୟ ଅଗ୍ନିକାଣ୍ଡଟି ଉତ୍ତର-ପଶ୍ଚିମ ଦିଲ୍ଲୀର ସ୍ୱରୂପ ନଗରର ଏକ ଗୋଦାମରେ ହୋଇଛି। ଏହି ଅଗ୍ନିକାଣ୍ଡରେ ୩ ପିଲାଙ୍କ ସମେତ ୬ ଜଣ ଆହତ ହୋଇଛନ୍ତି। ପ୍ରଥମ ଅଗ୍ନିକାଣ୍ଡ ସ୍ୱରୂପ ନଗରରେ ହୋଇଥିଲା। ଦମକଳ ବିଭାଗ ନିଆଁକୁ ଆୟତ କରିବାର ୫ ଘଣ୍ଟା ପରେ ଡଲ୍ଲୁପୁରା ଅଗ୍ନିକାଣ୍ଡ ଘଟିଛି। ଏହି ନିଆଁକୁ ଆୟତ୍ତ କରିବା ପାଇଁ ୩୫ଟି ଦମକଳ ଲାଗିଥିବା ବେଳେ ୨୦୦ରୁ ଅଧିକ ଫାୟାର ଫାଇଟର୍ସ ନିୟୋଜିତ ହୋଇଛନ୍ତି।

ତିନି ଖଣ୍ଡ ହୋଇ ଭାଙ୍ଗିଯିବ ଯୁକ୍ତରାଜ୍ୟ ବ୍ରିଟେନ୍

ଚୁକ୍ତିନାମା ଲାଗି ମିଳିତ ହେବେ ସ୍କଟଲ୍ୟାଣ୍ଡ, ୱେଲ୍ସ ଓ ଉତ୍ତର ଆୟରଲ୍ୟାଣ୍ଡ

ଲଣ୍ଡନ, ୧୩।୯: କାର୍ଡିଫରେ ଘଟିଥିବା ଏକ ଗୁପ୍ତ ରାଜନୈତିକ ଘଟଣା ସମଗ୍ର ଯୁକ୍ତରାଜ୍ୟର ଭବିଷ୍ୟତ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ଚାଞ୍ଚଲ୍ୟକର ରିପୋର୍ଟ ଅନୁଯାୟୀ, ସ୍କଟଲ୍ୟାଣ୍ଡ, ୱେଲ୍ସ ଓ ଉତ୍ତର ଆୟରଲ୍ୟାଣ୍ଡର ଶୀର୍ଷ ନେତାମାନେ ଗୋଟିଏ ମଞ୍ଚରେ ଏକାଠି ହୋଇ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଯାଉଛନ୍ତି ଯାହା ଯୁକ୍ତରାଜ୍ୟର ଇତିହାସକୁ ବଦଳାଇ ଦେବ। ସୋମବାର ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ତିନି ରାଷ୍ଟ୍ରର ପ୍ରଥମ ମନ୍ତ୍ରୀ ଜନ୍ ସ୍ୱିନି, ରୁନ୍ ଆପ୍ ଇଓରୱର୍ଥ ଓ ମିଶେଲ ଓ'ନିଲ୍ ଏକ ମିଳିତ ଘୋଷଣାନାମାରେ ସ୍ୱାକ୍ଷର କରିବେ, ଯାହାର ସିଧାସଳଖ ଲକ୍ଷ୍ୟ ହେଉଛି ଯୁକ୍ତରାଜ୍ୟକୁ ତିନୋଟି ଭାଗରେ ବିଭକ୍ତ କରିବା ଏବଂ ସ୍ୱାଧୀନତା ଉପରେ ଏକ ନୂତନ ଜନମତ ସଂଗ୍ରହ ପାଇଁ ପଥ ପ୍ରଶସ୍ତ କରିବା। ବ୍ରିଟିଶ ସାମ୍ରାଜ୍ୟ ଯୁକ୍ତରାଜ୍ୟ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖି ଏକ ଚୁକ୍ତିନାମା ସ୍ୱାକ୍ଷର କରିବା ପାଇଁ ସୋମବାର ସ୍କଟଲ୍ୟାଣ୍ଡ, ୱେଲ୍ସ ଓ ଉତ୍ତର ଆୟରଲ୍ୟାଣ୍ଡର ନେତାମାନେ ଏକାଠି ହେବେ।

ରାଜନୈତିକ ବିଶେଷଜ୍ଞମାନଙ୍କ ଅନୁସାରେ ବ୍ରିଟିଶ ଇତିହାସରେ ପ୍ରଥମ ଥର ପାଇଁ ସ୍କଟଲ୍ୟାଣ୍ଡ, ୱେଲ୍ସ ଏବଂ ଉତ୍ତର ଆୟର୍ଲାଣ୍ଡରେ ସ୍ୱାଧୀନତାକୁ ସମର୍ଥନ କରୁଥିବା ସରକାର ଏକକାଳୀନ କ୍ଷମତାରେ ଅଛନ୍ତି। ଏହି ତ୍ରିମୁଖୀ ମେଣ୍ଟ ବ୍ରିଟିଶ ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ନହାମଙ୍କ ଉପରେ ସିଧାସଳଖ ଚାପ ପକାଇଛି। ବର୍ନହାମ ମାତ୍ର କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ହୋଇଥିଲେ ଓ ଏବେ ସେ ଗମ୍ଭୀର ସମସ୍ୟାରେ ପଡ଼ିଛନ୍ତି। ସ୍ୱାଧୀନତା ସପକ୍ଷରେ ସ୍ପଷ୍ଟ ସହମତି ହେଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଆଣ୍ଡି ବର୍ନହାମ ସାଂସଦମାନଙ୍କୁ କହିଛନ୍ତି, ସେ ଆଉ ଏକ ସ୍କଟଲ୍ୟାଣ୍ଡ ଜନମତ ସଂଗ୍ରହ ପାଇଁ ଅନୁମତି ଦେବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ସଂଯୁକ୍ତ ଆୟରଲ୍ୟାଣ୍ଡ ଦେଖିବାକୁ ପସନ୍ଦ କରୁଥିବା କହିବାର ଦୁଇ ଦିନ ପରେ ଏହି ସମ୍ମିଳନୀ ହୋଇଛି। ଶନିବାର ଡବଲିନ ଗସ୍ତ ସମୟରେ ସେ କହିଥିଲେ ଯେ, ଉତ୍ତର ଆୟରଲ୍ୟାଣ୍ଡ ଗଣରାଜ୍ୟରେ ଯୋଗଦାନ କରିବା ଭଲ ପଦକ୍ଷେପ ହେବ।

ହର୍ମୁଜ୍‌ରେ ପୁଣି ଜାହାଜ ବିସ୍ଫୋରଣ: ଜଣେ ମୃତ, ୩ ଆହତ

ତେହେରାନ, ୧୩।୯: ହର୍ମୁଜ୍ ପ୍ରଣାଳୀରେ ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ଥମିବାର ନା ଧରୁନି। ସାମୁଦ୍ରିକ କ୍ଷେତ୍ରକୁ ନିଜ ନିୟନ୍ତ୍ରଣରେ ନେବାକୁ ଯୁଦ୍ଧ ଜାରି ରହିଛି। ଉଭୟ ଦେଶ ହର୍ମୁଜ୍ ଉପରେ ନିୟନ୍ତ୍ରଣ ଦାବି କରୁଛନ୍ତି, ଏହି ସମୟରେ, ଏହି ସାମୁଦ୍ରିକ ପଥ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ବିପଦର ଆଶଙ୍କା ରହିଛି। ୟୁନାଇଟେଡ୍ କିଙ୍ଗଡ଼ମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ସ ସେଣ୍ଟରର ସଦ୍ୟତମ ରିପୋର୍ଟ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀରେ ଆଉ ଏକ ଜାହାଜ ଉପରେ ଆକ୍ରମଣ କରାଯାଇଛି। ଏହି ଆକ୍ରମଣ ଏକ ଅଜଣା କ୍ଷେପଣାସ୍ତ୍ର ଦ୍ୱାରା କରାଯାଇଛି। କିନ୍ତୁ ଜାହାଜଟି କେଉଁ ଦେଶର ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ହେଙ୍ଗାମ ଓ କ୍ୱେଶମ୍ ଦ୍ୱୀପପୁଞ୍ଜ ଉପକୂଳରେ ରବିବାର ସକାଳେ ଏକ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ ହୋଇଥିଲା। ଏଥିରେ ଜଣେ

ଭୁବନେଶ୍ୱର ସୋମବାର, ୧୪ ସେପ୍ଟେମ୍ବର ୨୦୨୬ ସଂଚାର SANCHAR

ଭାରତ ୭ ୱିକେଟ୍‌ରେ ବିଜୟୀ

ପ୍ରଥମ ଟି-୨୦

ନୂଆଦିଲ୍ଲୀ, ୧୩।୯: ଆଜିଠାରୁ ଏଠାରେ ଘରୋଇ ଭାରତର ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଆରମ୍ଭ ହୋଇଛି। ଏଥିରେ ଭାରତ ପ୍ରଥମ ମ୍ୟାଚ୍‌କୁ ୭ ୱିକେଟ୍‌ରେ ଜିତି ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୮ ୱିକେଟ୍‌ରେ ୧୫୬ ରନ୍ କରିଥିଲା। ଦଳ ପକ୍ଷରୁ ଅଜମତ୍‌ଉଲ୍ଲା ଓମାର୍‌ଜାଇ ସର୍ବାଧିକ ଅପରାଜିତ ୬୪ ରନ୍ କରିଥିବା ବେଳେ ତାଙ୍କର ଏହି ଇନିଂସରେ ୪ଟି ଲେଖାଏଁ ଚୌକା ଓ ଛକା ରହିଥିଲା। ଏହାଛଡ଼ା ମହମ୍ମଦ ନବୀ ୨ଟି ଲେଖାଏଁ ଚୌକା ଓ ଛକା ସହ ୩୩ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ ୩ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଭାରତ ୧୩.୪ ଓଭର୍‌ରେ ମାତ୍ର ୩ଟି ୱିକେଟ୍ ହରାଇ ୧୫୭ ରନ୍ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ବିସ୍ଫୋରକ ଓପନର ଅଭିଷେକ ଶର୍ମା ମାତ୍ର ୩୨ଟି ବଲ୍‌ରେ ୭ଟି ଲେଖାଏଁ ଚୌକା ଓ ଛକା ସହ ୮୨ ରନ୍ କରି ଦଳର ବିଜୟରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ ବ୍ୟତୀତ ଇଶାନ୍ କିଷନ୍ ୩୩ ବଲ୍ ଖେଳି ୫ଟି ଚୌକା ଓ ଗୋଟିଏ ଛକା ଜରିଆରେ ୪୨ ରନ୍ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ନବୀ ୨ଟି ୱିକେଟ୍ ନେଇଥିଲେ। ଅଭିଷେକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ଟି ଆସନ୍ତା ୧୫ ତାରିଖରେ ଏଠାରେ ଖେଳାଯିବ।

ହାତ ମିଳାଇଲେ ଆପ୍ ଓ ଗୋଆ ଫରୱାର୍ଡ ପାର୍ଟି

ପାଣାଜୀ, ୧୩।୯: ୨୦୨୭ ଗୋଆ ବିଧାନସଭା ନିର୍ବାଚନ ପାଇଁ ଆମ ଆଦମୀ ପାର୍ଟି (ଆପ୍) ଓ ଆଞ୍ଚଳିକ ଦଳ 'ଗୋଆ ଫରୱାର୍ଡ ପାର୍ଟି' (ଜିଏଫପି) ହାତ ମିଳାଇଛନ୍ତି। ଆପ୍‌ର ଜାତୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ଏହି ନୂଆ ମେଣ୍ଟ 'ଗୋଆ ଫାର୍ଷ୍ଟ' ବିଷୟରେ ଘୋଷଣା କରିବା ସହ ଉପକୂଳ ରାଜ୍ୟ ଗୋଆରେ ବିଜେପି ଓ କଂଗ୍ରେସର ବିକଳ୍ପ ଭାବେ ନିଜକୁ ଉପସ୍ଥାପନ କରିଛନ୍ତି। ବିଜେପି ଓ କଂଗ୍ରେସ ନିର୍ବାଚନ ସମୟରେ ଲଢ଼େଇ କରୁଥିଲେ ହେଁ ପରଦା ପଛରେ ଏକାଠି ହୋଇ ସରକାର ଗଠନ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ୪୦ ଆସନବିଶିଷ୍ଟ ଗୋଆ ବିଧାନସଭାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବିଜୟ ସରଦେଶାଇଙ୍କ ନେତୃତ୍ୱାଧୀନ ଜିଏଫପିର ଜଣେ ବିଧାୟକ ଥିବା ବେଳେ ଆପର ୨ ଜଣ ବିଧାୟକ ରହିଛନ୍ତି।ସେହିପରି ରାଜ୍ୟସଭା ସାଂସଦ ମନୋନୟନ କ୍ଷେତ୍ରରେ ଦଳ ଆଗାମୀ ଦିନରେ ଅଧିକ ସତର୍କତା ଅବଲମ୍ବନ କରିବ ବୋଲି କେଜ୍ରିୱାଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଜାବ ବିଧାନସଭା ନିର୍ବାଚନକୁ ନେଇ ଆପ୍ ନିଜର ଆତ୍ମବିଶ୍ୱାସ ପ୍ରକାଶ କରିଛି। ପଞ୍ଜାବ ଆପ୍ ସଭାପତି ତଥା କ୍ୟାବିନେଟ୍ ମନ୍ତ୍ରୀ ଅମନ ଅରୋରା ଚଣ୍ଡୀଗଡ଼ରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଭଗବନ୍ତ ମାନ୍ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ଯୋଗୁଁ ଦଳ ୧୧୭ ଆସନବିଶିଷ୍ଟ ପଞ୍ଜାବ ବିଧାନସଭାରେ ପୁନର୍ବାର ନିର୍ଣ୍ଣାୟକ ବହୁମତ ସହ ସରକାର ଗଠନ କରିବା ପାଇଁ ସୁବିଧାଜନକ ସ୍ଥିତିରେ ରହିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଭାରତକୁ ଅଷ୍ଟମ...

ସାବ୍ୟସ୍ତ ହୋଇଥିଲେ। ମନ୍ଧାନା ୫ଟି ଚୌକା ଓ ୩ଟି ଛକା ସହ ୫୯ ରନ୍ କରିଥିବା ବେଳେ ପ୍ରତିଯୋଗିତାରେ ତୃତୀୟ ଅର୍ଦ୍ଧଶତକ ପୂରଣ କରିଥିବା ଶେଫାଳୀ ୯ଟି ଚୌକା ଓ ୨ଟି ଛକା ସହ ସର୍ବାଧିକ ୬୮ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଏମ. ଅଯୋଧ୍ୟା, ଅଧିନାୟିକା ଚମାରି ଅଥାପଟ୍ଟୁ ଓ ଚାମୁଡି ପ୍ରବୋଦା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୧୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ତଥା ଓପନର ଚମାରି ୪ଟି ଚୌକା ଓ ୨ଟି ଛକା ସହ ୩୬, ଏନ. ସିଲ୍‌ଭା ୨୨ ଓ ଭି. ଗୁଣରତ୍ନେ ୨୦ ରନ୍ କରିଥିଲେ। ଭାରତ ପକ୍ଷରୁ ଶ୍ରୀ ଚରଣୀ ୪ଟି ଓ ଦୀପ୍ତି ଶର୍ମା ୩ଟି ୱିକେଟ୍ ନେଇଥିଲେ।

ଯାତ୍ରୀବାହୀ ଜାହାଜ...

ଆରମ୍ଭ କରି ବୋର୍ଣ୍ଣିଓର ବଞ୍ଜାରମାସିନ ଅନ୍ତର୍ଗତ କାଲିମଣ୍ଟାନ୍ ସହରର ଦକ୍ଷିଣ ଅଭିମୁଖେ ଯାଉଥିଲା। ତେବେ ମଝି ସମୁଦ୍ରରେ ଏହା ହଠାତ୍ ଯୋଗାଯୋଗ ହରାଇ ନିୟନ୍ତ୍ରଣ କକ୍ଷଠାରୁ ବିଚ୍ଛିନ୍ନ ହୋଇଯାଇଥିଲା। ୩୦ କ୍ରିଉ ସଦସ୍ୟଙ୍କ ସମେତ ୩୯୦ ଫୁଟର ଏହି ଜାହାଜରେ ମୋଟ୍ ୨୪୩ ଜଣ ଯାତ୍ରୀ ଥିଲେ। ଜାହାଜର କ୍ୟାପଟେନ୍ ପୂର୍ବରୁ ପ୍ରତିକୂଳ ପାଗ ତଥା ଅଶାନ୍ତ ସମୁଦ୍ର ସମ୍ପର୍କରେ ସୂଚନା ଦେଇଥିଲେ। ସମୁଦ୍ରରେ ୩ ମିଟର (୧୦ ଫୁଟ) ଉଚ୍ଚର ଲହଡ଼ି ଉଠୁଥିବା ଓ ଜାହାଜ ଢଳି ଢଳି ଯାତ୍ରା କରୁଥିବା କଥା ସେ ଉଲ୍ଲେଖ କରିଥିଲେ। ଅଶାନ୍ତ ସମୁଦ୍ରକୁ ସାମ୍ନା କରି ନ ପାରି ଜାହାଜଟି ପାଣିରେ ଓଲଟି ପଡ଼ିଛି ବୋଲି ଇଣ୍ଡୋନେସିଆର ପରିବହନ ମନ୍ତ୍ରୀ ଡୁଡି ପୁରୱାଗନ୍ଧି ଏକ ବିବୃତିରେ କହିଛନ୍ତି। ସମୁଦ୍ର ଏତେ ଅଶାନ୍ତ ଥିଲା ଯେ ପ୍ରାର୍ଥନା କରିବା ବ୍ୟତୀତ ଆଉ କିଛି ବିକଳ୍ପ ନଥିଲା ବୋଲି ଉଦ୍ଧାର ହୋଇଥିବା ଜଣେ ଯାତ୍ରୀ କହିଛନ୍ତି। ଜାହାଜଟି ରବିବାର ଅର୍ଦ୍ଧରାତ୍ରି ପ୍ରାୟ ୨ଟାବେଳେ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଇଥିଲା। ଏହାପରେ ତୁରନ୍ତ ଏକ ଉଦ୍ଧାରକାରୀ ଦଳକୁ ଜାହାଜର ଶେଷ ଗନ୍ତବ୍ୟକୁ ପଠାଯାଇଥିଲା।

ବ୍ରିକ୍ସ ସଦସ୍ୟ ଏକଜୁଟ...

ଶସ୍ୟ ବଜାର ପାଇଁ ଏକ ନୂତନ ବୀମା ବ୍ୟବସ୍ଥା ତଥା ସହଯୋଗୀ ପଦକ୍ଷେପ ପ୍ରସ୍ତାବ ଦେଇଛନ୍ତି। ଏଥିସହ ବିଶ୍ୱର ପ୍ରମୁଖ ଚ୍ୟାଲେଞ୍ଜସବୁର ମୁକାବିଲା କରିବା ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିବାକୁ ସେ ଏହି ଗୋଷ୍ଠୀକୁ ଆହ୍ୱାନ ଦେଇଛନ୍ତି। ସେହିପରି ଚୀନ୍ ରାଷ୍ଟ୍ରପତି ଜିନପିଙ୍ଗ ରବିବାର ବ୍ରିକ୍ସ ସମ୍ମିଳନୀରେ ତାଙ୍କର ଉଦ୍‌ଯାପନୀ ଅଭିଭାଷଣ ଦେଇ 'ଗ୍ଲୋବାଲ ସାଉଥ' ଲାଗି ଏକତ୍ରିତ ହୋଇ ଶକ୍ତିର ଏକ ନୂତନ ଅଧ୍ୟାୟ ଲେଖିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ସିଧାସଳଖ ଆମେରିକା ନାଁ ନ ନେଇ ପାଶ୍ଚାତ୍ୟ ରାଷ୍ଟ୍ରର 'ଜୋର୍ ଯା'ର ମୂଳକ ତା'ର' ଭଳି ଧାରଣାକୁ ଆମେ ବହୁ ପୂର୍ବରୁ ପରିତ୍ୟାଗ କରିବାର ଥିଲା ବୋଲି ଜିନପିଙ୍ଗ ମତ ପୋଷଣ କରିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନିଦିନ ଧରି ବିଭିନ୍ନ ଦେଶର ରାଷ୍ଟ୍ର ଓ ସରକାରଙ୍କ ମୁଖ୍ୟମାନଙ୍କ ସହ ୧୫ଟି ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଏହା ବ୍ୟତୀତ ସେ ବିଶ୍ୱ ନେତା ଓ ଅନ୍ତର୍ଜାତୀୟ ସଂସ୍ଥାର ମୁଖ୍ୟମାନଙ୍କ ସହ ଏକାଧିକ ଅନୌପଚାରିକ ଆଲୋଚନା ମଧ୍ୟ କରିଛନ୍ତି। ଏହି ବ୍ୟସ୍ତବହୁଳ କୂଟନୈତିକ କାର୍ଯ୍ୟସୂଚୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦି ରୁଷ୍, ଚୀନ୍, ଇରାନ, ଆଫ୍ରିକା, ଦକ୍ଷିଣ-ପୂର୍ବ ଏସିଆ, ଉପସାଗରୀୟ ଅଞ୍ଚଳ ଓ ଅନ୍ୟାନ୍ୟ ଅଞ୍ଚଳର ନେତାମାନଙ୍କ ଦ୍ୱିପାକ୍ଷିକ ସମ୍ପର୍କ, ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା, ସଂଯୋଗୀକରଣ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ପ୍ରମୁଖ ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ମଧ୍ୟ ଆଲୋଚନା କରିଛନ୍ତି।

ଯୁବବର୍ଗଙ୍କ ସ୍ୱର୍ଣ୍ଣିମ...

ନେତୃତ୍ୱ ଓ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଛି। ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ। ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଗସ୍ତ କାଳରେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ଓ ଆଇଏଚସିର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆଇଏଚସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ଗତ ଜୁଲାଇ ୨ରେ ହୋଇଥିବା ଭାଗୀଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି। ଏଥିସହ ୟୁଏଇର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟାବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଦକ୍ଷତା ତାଲିମ ଦିଆଯାଉଛି ବୋଲି ଶ୍ରୀ ମାଝୀ କହିଥିଲେ।

ହୋଟେଲ୍ ମାଲିକ...

ଏହି କମିଟି ଗଠନ କରିଛନ୍ତି। ଏହି ୫ଜଣିଆ ବୈଷୟିକ କମିଟିରେ କର୍ଣ୍ଣାଟକର ମହୀଶୂରସ୍ଥିତ ଶ୍ରୀ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସହ ଡେରାଡୁନସ୍ଥିତ ୱାଇଲ୍‌ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକଙ୍କର ଜଣେ ପ୍ରତିନିଧି, ଭୁବନେଶ୍ୱରସ୍ଥିତ ଓୟୁଏଟିର ସେଣ୍ଟର ଫର ୱାଇଲ୍‌ଡଲାଇଫ୍ ହେଲ୍‌ଥର ପ୍ରୋଜେକ୍ଟ କୋଅର୍ଡିନେଟର, ନୂଆଦିଲ୍ଲୀସ୍ଥିତ ଜାତୀୟ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକଙ୍କ ଦ୍ୱାରା ମନୋନୀତ ଜଣେ ପ୍ରାଣୀ ଚିକିତ୍ସାଧିକାରୀ ଓ ନନ୍ଦନକାନନର ନିର୍ଦ୍ଦେଶକ ସଦସ୍ୟ ଭାବେ ରହିଛନ୍ତି। ସେହିପରି ନନ୍ଦନକାନନର ନିର୍ଦ୍ଦେଶକ ଏହି କମିଟିର ଆବାହକ ଦାୟିତ୍ୱ ନିର୍ବାହ କରିବେ।

ଦେବୀ ମୁହାଣରେ...

ଡୋନାସିଡେ ପରିବାରର ୧୨ଟି ପ୍ରଜାତି ରେକର୍ଡ ହୋଇଛି। ସେଥିମଧ୍ୟରୁ ୭ଟି ପ୍ରଜାତି ଓଡ଼ିଶା ଉପକୂଳରୁ ଚିହ୍ନଟ ହୋଇଛି। ତେବେ ଭାରତୀୟ ଡୋନାସିଡେ ପ୍ରଜାତି ଉପରେ ଗବେଷଣା ଏବେ ବି ସୀମିତ ରହିଛି। ଏହି ଜୀବର ଆକାର ପ୍ରାୟ ୦.୯ ମିଲିମିଟର। ଏହାର ଖୋଳ ଲମ୍ବା ଓ ତ୍ରିକୋଣାକାର। ଏହାର ପୃଷ୍ଠରେ ଥିବା ଜାଲି ଭଳି ବିଶେଷ ଗଠନ ଏହାକୁ ଅନ୍ୟ ପ୍ରଜାତି ତୁଳନାରେ ସ୍ୱତନ୍ତ୍ର ପରିଚୟ ଦେଇଛି। ଆକାରରେ ଏତେ ସୂକ୍ଷ୍ମ ହୋଇଥିଲେ ମଧ୍ୟ ଏହାର ଗଠନ ଓ ଜୀବନଧାରା ଗବେଷକଙ୍କ ଆଗ୍ରହ ବଢ଼ାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ନୂଆ ପ୍ରଜାତି ନଦୀ ଓ ସମୁଦ୍ରର ମିଶ୍ରିତ ଜଳ ଥିବା ଦେବୀ ମୁହାଣ ଅଞ୍ଚଳରେ ମିଳିଛି। ଏଠାରେ ଜଳର ଲବଣତା ସମୟ ଓ ଋତୁ ଅନୁଯାୟୀ ବଦଳିଥାଏ। ଏଭଳି ପରିବେଶରେ ଏହି ଜୀବ କିପରି ନିଜକୁ ଖାପ ଖୁଆଇଛି, ତାହା ଆଗାମୀ ଗବେଷଣାର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବ। ଗବେଷକମାନଙ୍କ ମତରେ, ଓଡ଼ିଶାର ବିସ୍ତୃତ ଉପକୂଳ, ନଦୀ ମୁହାଣ ଓ ବାଲୁକାମୟ ଅଞ୍ଚଳରେ ଅଧିକ ସର୍ଭେ କରାଗଲେ ଏଭଳି ଅନେକ ଅଜଣା ପ୍ରଜାତି ସାମ୍ନାକୁ ଆସିପାରନ୍ତି। ଏହି ଆବିଷ୍କାର ଓଡ଼ିଶାର ଉପକୂଳୀୟ ଜୈବ ବିବିଧତାକୁ ପୁଣିଥରେ ପ୍ରମାଣିତ କରିବା ସହ ଏହାର ସୁରକ୍ଷା ଓ ଅଧିକ ଗବେଷଣାର ଆବଶ୍ୟକତାକୁ ସାମ୍ନାକୁ ଆଣିଛି।

ଦରମା ୧୩ ହଜାର...

ଅନ୍ୟମାନଙ୍କୁ ମଧ୍ୟ ଟଙ୍କା ଦେବାକୁ ପଡୁଛି। ବାକି ଯାହା ବଳୁଛି ତାହା ନୂଆଦିଲ୍ଲୀର ସଂସ୍ଥା ନେଇଯାଉଛି। ଯିଏ ଟଙ୍କା ନ ଦେଲା ସେମାନଙ୍କୁ ଦୂର ଜିଲ୍ଲାକୁ ବଦଳି କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏପରି ବଦଳି ଦ୍ୱାରା ଅନେକ ପିଲା ନିଜ ଘରର ପରିସ୍ଥିତି ନେଇ ଚାକିରି ଛାଡ଼ିବେ ପଛେ ଏତେ ଦୂରକୁ ଯିବେନାହିଁ ବୋଲି ଚିନ୍ତା କରୁଛନ୍ତି। ଏ ସମ୍ପର୍କରେ ସୁପରଭାଇଜର ଶ୍ରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ରିଜିଓନାଲ ମ୍ୟାନେଜର ଚିଠି ଦ୍ୱାରା ୧୨୨ ସ୍ଥାନରେ ୯୩ ଜଣଙ୍କୁ ରଖିବାକୁ କହିଛନ୍ତି। ତେଣୁ ୩୦ ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଆଉ ଟଙ୍କା ଲାଞ୍ଚ ନେବା ଅଭିଯୋଗକୁ ଶ୍ରୀ ବେହେରା ସମ୍ପୂର୍ଣ୍ଣ ଅସ୍ୱୀକାର କରି କହିଛନ୍ତି ଯେ ମୁଁ ଜଣେ ଗରିବ ପିଲା। ମୋ ଦେହ ଖରାପ ଥିବାରୁ ୩/୪ ଜଣଙ୍କଠାରୁ ଟଙ୍କା ଧାର ନେଇଛି। ଆଉଟ୍‌ସୋର୍ସିଂ ନାଁରେ ଦିଲ୍ଲୀର ଉକ୍ତ ସଂସ୍ଥା ଯେଉଁ କାରବାର ଚଳାଇଛି, ତା' ସହ ଏସ୍‌ବିଆଇର କିଛି ଉଚ୍ଚ ଅଧିକାରୀ ହାତ ମିଳାଇଥିବା ସେ କହିଛନ୍ତି। ତେବେ ଏଭଳି ସାଂଘାତିକ ଅଭିଯୋଗ ଉପରେ ବ୍ୟାଙ୍କର କୌଣସି ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। କିନ୍ତୁ ଏଭଳି ଅଭିଯୋଗର ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି ହେଉଛି।

ପୁଲିସକୁ ଛାଡୁନାହାନ୍ତି...

ବାଲି ବୋଝେଇ ଟ୍ରକକୁ ଡ୍ରାଇଭର ପୁଲିସ୍ ଗାଡ଼ି ଉପରେ ଚଢ଼ାଇ ଦେବା ଫଳରେ ଦୁଇ ଜଣ ପୁଲିସ କର୍ମୀ ମୃତ୍ୟୁବରଣ କରିଥିଲେ। ଏଗୁଡିକ କେତେକ ଉଦାହରଣ ହୋଇଥିବା ବେଳେ ବାଲି ଓ ଲଘୁଖଣିଜ ଚୋରମାନେ ରାଜ୍ୟର ପ୍ରତିଦିନ କେଉଁଠି ନା କେଉଁଠି ପୁଲିସ୍ ଉପରେ ଆକ୍ରମଣ କରୁଛନ୍ତି। ଏପରିକି କେତେକ ସ୍ଥାନରେ ଗାଡ଼ି ଚଢ଼ାଇ ମାରିଦେବାକୁ ବି ସେମାନେ ଉଦ୍ୟମ କରୁଛନ୍ତି। ଏହିସବୁ ଘଟଣାରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ ପୁଲିସ୍‌ର ଭୟ ଆଉ ମାଫିଆ କିମ୍ବା ସାଧାରଣ ନିଶାଡ଼ିଙ୍କ ମଧ୍ୟରେ ନାହିଁ। ସାଧାରଣ ଲୋକେ ମଧ୍ୟ ପୁଲିସ୍ ଉପରୁ ଭରସା ତୁଟାଇବାରେ ଲାଗିଛନ୍ତି। ସହଯୋଗ ପରିବର୍ତ୍ତେ ମଉକା ଦେଖି ନିଜେ ଆକ୍ରମଣ କରୁଛନ୍ତି, ନହେଲେ ଅସାମାଜିକଙ୍କୁ ଲଗାଇ ମାଡ଼ ମାରୁଛନ୍ତି। ଏହାକୁ ନେଇ ପୁଲିସ୍ କର୍ମଚାରୀଙ୍କ ଭିତରେ ଏକପ୍ରକାର ନୈରାଶ୍ୟ ଭାବ ସୃଷ୍ଟି ହେବାରେ ଲାଗିଛି। ଅବସ୍ଥା ଏଭଳି ହେଲାଣି ଯେ ରାଜପଥଗୁଡ଼ିକରେ ପାଟ୍ରୋଲିଂ କରିବା ପାଇଁ ପୁଲିସ୍ କର୍ମଚାରୀମାନେ ଭୟ କରୁଛନ୍ତି। ମନୋବଳ ଭାଙ୍ଗିଯାଉଥିବା ଏହି ପୁଲିସ୍ କର୍ମଚାରୀମାନଙ୍କୁ କିଭଳି ବୁଝାଯିବ, ତାହା ଏବେ ପୁଲିସ୍ ପ୍ରଶାସନର ଉଚ୍ଚ ପଦାଧିକାରୀଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି।

ନୟାପଲ୍ଲୀ ଯୋଗ ଜିଲ୍ଲାର ଯୋଗ ଉତ୍ସବ

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ): ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ପ୍ରାନ୍ତର ନୟାପଲ୍ଲୀ ଯୋଗ ଜିଲ୍ଲା ପକ୍ଷରୁ ସ୍ଥାନୀୟ ଏନ-୨ ବିଡିଏ ପାର୍କ ପରିସରରେ ଏକ ଭବ୍ୟ ଯୋଗ ଉତ୍ସବ ଆୟୋଜିତ ହୋଇଯାଇଛି। ଯୋଗର ମହତ୍ତ୍ୱ, ଏହାର ଉପକାରିତା ଓ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଭାରତୀୟ ଯୋଗ ସଂସ୍ଥାନ ୧୯୬୭ ମସିହାରେ ଶ୍ରଦ୍ଧେୟ ପ୍ରକାଶ ଲାଲ ଜୀଙ୍କ ପ୍ରଚେଷ୍ଟାରେ ନୂଆଦିଲ୍ଲୀରେ ଏକ ଛୋଟ କେନ୍ଦ୍ରରୁ ଆରମ୍ଭ ହୋଇଥିଲା। ଆଜି ଏହି ସଂସ୍ଥାନ ସାରା ଦେଶରେ ୪, ୫୦୦ରୁ ଊର୍ଦ୍ଧ୍ୱ ଓ ଦେଶ ବାହାରେ ପ୍ରାୟ ୬୦ଟି ନିଶୁଳ୍କ କେନ୍ଦ୍ର ମାଧ୍ୟମରେ ଲୋକଙ୍କୁ ନିଃଶୁଳ୍କ ଯୋଗ ଶିକ୍ଷା ଓ ସେବା ପ୍ରଦାନ କରିଆସୁଛି। ସଂସ୍ଥାନର ମୂଳ ଲକ୍ଷ୍ୟ ହେଉଛି ଯୋଗ ମାଧ୍ୟମରେ ସୁସ୍ଥ, ଶୃଙ୍ଖଳିତ ଓ ସୁସଂସ୍କୃତ ଜ

ପଙ୍ଗାମୁଣ୍ଡାଇରେ ବଢୁଛି ମଶା ଉପଦ୍ରବ

ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବା ଆଶଙ୍କା

ପଙ୍ଗାମୁଣ୍ଡାଇ,୧୩।୯ (ସଂଚାର ବ୍ୟୁରୋ)ଃ ସାମ୍ପ୍ରତିକ ଲଘୁଚାପ ଜନିତ ଲଗାଣ ବର୍ଷା ଓ ବାରମ୍ବାର ବନ୍ୟା ଫଳରେ ଉଭୟ ଧୋୟା ଓ ଭେଡ଼ା ଅଂଚଳର ପରିବେଶ ସଂପୂର୍ଣ୍ଣ ଦୂଷିତ ହୋଇପଡିଛି । ବନ୍ୟା ଛାଡିବା ପରେ ପଙ୍ଗାମୁଣ୍ଡାଇ ବ୍ଲକ ଓ ପୌର ପରିଷଦର ଧୋୟାଞ୍ଚଳର ପରିବେଶ ଅଧିକ ଦୂଷିତ ହୋଇଯାଇଛି। ସେହିପରି ଲଗାଣ ବର୍ଷା ଯୋଗୁଁ ଉଭୟ ବ୍ଲକ ଓ ପୌରାଞ୍ଚଳରେ ଥିବା ଭେଡ଼ା ଅଂଚଳର ପରିବେଶ ସ୍ଥିତି ବିଗିଡି ଯାଇଛି । ସର୍ବତ୍ର ସଢ଼ ସଢ଼ିଆ ପରିବେଶ ଯୋଗୁଁ ମଶା ବଂଶ ବୃଦ୍ଧି ପାଇବାରେ ଲାଗିଛି । ବନ୍ୟା ବର୍ଷା ଯୋଗୁଁ ପୁତିଗନ୍ଧମୟ ପରିବେଶରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି ।

ଥଣ୍ଡା ଜ୍ୱର କାଶ ରୋଗ ଘରେ ଘରେ ଦେଖିବାକୁ ମିଳୁଛି । ଏଥି ସହିତ ମଶା ବଂଶ ବୃଦ୍ଧି ଯୋଗୁଁ ଦିନ ରାତି ମଶା କାମୁଡିବା ଯୋଗୁଁ ଲୋକମାନେ ଅତିଷ୍ଠ ହୋଇ ପଡିଲେଣି । ମଶା କାମୁଡିବା ଯୋଗୁଁ ଡେଙ୍ଗୁ ମ୍ୟାଲେରିଆ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି । ପଙ୍ଗାମୁଣ୍ଡାଇ ବ୍ଲକର ବିଭିନ୍ନ ପଂଚାୟତରେ ଥିବା ପୋଖରୀର ସଫେଇ କରାଯାଉନାହିଁ । ଦଳ ଭର୍ତ୍ତି ପୋଖରୀ ମଧ୍ୟରେ ଦଳ ଗୁଡିକ ପଚି ଯାଇ ଦୁର୍ଗନ୍ଧ ହେବା ସହିତ ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି । ଏହାଛଡା ବିଭିନ୍ନ ଖାଲ ଖମାରେ ପାଣି ବୋଝେଇ ହୋଇ ରହିଥିବାରୁ ମଶା ସୃଷ୍ଟି ହେଉଛନ୍ତି ।

ବନ୍ୟା ପରେ ପଙ୍ଗାମୁଣ୍ଡାଇ ବ୍ଲକର ବିଭିନ୍ନ ପଂଚାୟତରେ ଥିବା ଚାଷ ଜମି ବାଡ଼ି ବଗିଚା ସମେତ ବିଭିନ୍ନ ଅଂଚଳରେ ବନ୍ୟା ପାଣି ଜମି ରହି ଦୂଷିତ ପରିବେଶ ସୃଷ୍ଟି ହୋଇଥିବାରୁ ମଶା ବଂଶ ବୃଦ୍ଧି ପାଇଛି । ସେହିପରି ପଙ୍ଗାମୁଣ୍ଡାଇ ପୌର ପରିଷଦର ବିଭିନ୍ନ ୱାର୍ଡରେ ବର୍ଷା ପାଣି ଜମି ରହି ମଶା ସୃଷ୍ଟିରେ ସହାୟକ ହେଉଥିବାବେଳେ ପୌର ପରିଷଦର ଧୋୟାଞ୍ଚଳର ବିଭିନ୍ନ ୱାର୍ଡର ପରିବେଶ ବନ୍ୟା ପରେ ବିଗିଡି ଯାଇଛି । ଦୂଷିତ ପରିବେଶରେ ମଶା ବଂଶ ବୃଦ୍ଧି ପାଉଛି । ପଙ୍ଗାମୁଣ୍ଡାଇ ସହର ଓ ବିଭିନ୍ନ ୱାର୍ଡରେ ସଫେଇ କର୍ମଚାରୀମାନେ ଦୈନିକ ସଫେଇ କରୁଥିବାବେଳେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ପରିବେଶ ଦୂଷିତ ହୋଇ ମଶା ବଂଶ ବୃଦ୍ଧି କରୁଛି।

ଗତ କିଛି ହେବ ମଶା ବଂଶ ନାଶ ପାଇଁ ବିଭିନ୍ନ ଖାଲ ଖମା ଓ ଡ୍ରେନ ରେ ମଶା ତେଲ ପକା ଯିବା ସହିତ ମଶା ଧୂଆଁ ଦିଆଯାଉନଥିବାରୁ ମଶା ବଂଶ ରୋକାଯାଇ ପାରୁନାହିଁ ।ରାଜ୍ୟ ସରକାର ପଙ୍ଗାମୁଣ୍ଡାଇ ବ୍ଲକ ଓ ପୌର କତୃପକ୍ଷ ତୁରନ୍ତ ପଦକ୍ଷେପ ନେଇ ମଶା ନିପାତ ଅଭିଯାନ ଆରମ୍ଭ ନକଲେ ଉଭୟ ବ୍ଲକ ଓ ପୌରାଞ୍ଚଳରେ ଘାତକ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବା ଆଶଙ୍କା ଦେଖା ଦେଇଛି ।

ଅକ୍ଟୋବର ୪ରେ 'ଶ୍ରୀ ଗଣେଶ ସମ୍ମାନ' ପ୍ରଦାନ ଉତ୍ସବ

ସାମିଲ ହେବେ ୬୦ରୁ ଊର୍ଦ୍ଧ୍ୱ ପୂଜା କମିଟି

ବାଲିଅନ୍ତା,୧୩।୯ (ସଂଚାର ବ୍ୟୁରୋ)ଃ ଶାନ୍ତିସ୍ତୁପ ଖବର କାଗଜ, ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ, ଉତ୍କଳ ଜୟଦେବ ଫାଉଣ୍ଡେସନ ଓ ନ୍ୟୁ ଭାର୍ଗବୀ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆସନ୍ତା ଅକ୍ଟୋବର ୪ ତାରିଖରେ 'ଶ୍ରୀ ଗଣେଶ ସମ୍ମାନ' ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଶାନ୍ତିସ୍ତୂପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସମ୍ବାଦଦାତା ସମ୍ମିଳନୀରେ ' ସୂଚନା ଦିଆଯାଇଛି। "ଆପଣଙ୍କ ପୂଜାକୁ ବନ୍ଦନ, ଆପଣଙ୍କ ମେଢ଼କୁ ସମ୍ମାନ" ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବପିଢ଼ି ମଧ୍ୟରେ ସାମାଜିକ ଏକତା, ଓଡ଼ିଆ ସଂସ୍କୃତିର ପ୍ରଚାର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବ । ଏହି ଉତ୍ସବରେ ମୂର୍ତ୍ତି କାରିଗରୀ, ସ୍ୱଚ୍ଛତା, ସାଜସଜ୍ଜା, ଶୃଙ୍ଖଳିତ ପରିଚାଳନା ଓ ସଚେତନତା ବାର୍ତ୍ତା ଭଳି ୫ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ। ପ୍ରତ୍ୟେକ ବର୍ଗରେ ପ୍ରଥମରୁ ପଞ୍ଚମ ସ୍ଥାନ ପାଇଁ ୫,୦୦୦ ଟଙ୍କାରୁ ୧,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯିବ ।ଗତଥର ଏଥିରେ ଜୟଦେବ ନିର୍ବାଚନ ମଣ୍ଡଳୀର ୬୦ରୁ ଊର୍ଦ୍ଧ୍ୱ ଗଣେଶ ପୂଜା କମିଟି ଅଂଶଗ୍ରହଣ କରିଥିବା ବେଳେ ଚଳିତବର୍ଷ ଏହାଠାରୁ ଅଧିକ ପୂଜା କମିଟି ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ।

ପାଇଖାନା ଗର୍ତ୍ତରେ ଭାସୁଛି ନବଜାତ ଶିଶୁର ମୃତଦେହ

ଫୁଲବାଣୀ,୧୩।୯ (ସଂଚାର ବ୍ୟୁରୋ)ଃ ପାଇଖାନା ଗର୍ତ୍ତରେ ଭାସୁଛି ନବଜାତ ଶିଶୁର ମୃତଦେହ। ଘଟଣାସ୍ଥଳରେ ତୁମୁଡିବନ୍ଧ ପୁଲିସ। ସନ୍ଦେହ ଘେରରେ ଘର ମାଲିକ। ଏପରି ସମ୍ବେଦନଶୀଳ ଘଟଣା କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ତଥା ତୁମୁଡିବନ୍ଧ ପଞ୍ଚାୟତର ବଡ଼ସାହିରେ ଘଟିଥିବା ଆଜି ରବିବାର ପୂର୍ବାହ୍ନ ୧୦ଘଣ୍ଟା ସମୟରେ ଦେଖିବାକୁ ମିଳିଛି। ତେବେ ଏପରି ଏକ ସମ୍ବେଦନଶୀଳ ଘଟଣା ତୁମୁଡିବନ୍ଧ ଅଂଚଳରେ ପ୍ରଥମ ହୋଇ ଥିବାବେଳେ ଚର୍ଚ୍ଚର ବିଷୟ ପାଲଟିଛି। ସୂଚନା ଅନୁସାରେ ତୁମୁଡିବନ୍ଧ ଥାନା ତଥା ସଦର ମହକୁମା ଠାରୁ ମାତ୍ର ୧ କିମି ଦୂର ବଡ଼ସାହିର ରାମ ଚନ୍ଦ୍ର ଚାନ୍ଦ ନୂତନ ଭାବେ ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ପାଇଖାନା ପାଇଁ ଗର୍ତ୍ତ ମଧ୍ୟଖୋଳା ଯାଇଛି। ଲଗାଣ ବର୍ଷା ହେବା ଦ୍ୱାରା ପାଇଖାନା ଗର୍ତ୍ତରେ ବର୍ଷା ପାଣି ଠୁଳ ହୋଇ ରହିଛି। ଆଜି ଅର୍ଥାତ ରବିବାର ପାଗ ଠିକ ଥିବା ହେତୁ ସକାଳୁ ନିର୍ମାଣ କାର୍ଯ୍ୟ କରିବା ପାଇଁ ରାଜମିସ୍ତ୍ରୀ ଓ ମୂଲିଆ ଡାକି କାର୍ଯ୍ୟ ଆରମ୍ଭ କରିବା ପାଇଁ ରାମଚନ୍ଦ୍ର ଚାନ୍ଦ ସେହି ନିର୍ମାଣାଧୀନ ଗୃହକୁ ଯାଇ ଦେଖିଲା ବେଳକୁ ପାଇଖାନା ଗର୍ତ୍ତରେ ଏକ ନବ ଜାତ ଶିଶୁର ମୃତଦେହ ପାଣିରେ ଭାସୁଛି। ଏହା ପରେ ତୁରନ୍ତ ତୁମୁଡିବନ୍ଧ ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିବା ଜଣାପଡ଼ିଛି। ଏପରି ଘୃଣ୍ୟ କାର୍ଯ୍ୟ କଲା ତାହା ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ତଥା ସାଧାରଣରେ ଦାବି ହୋଇଛି।

ବାହାକୁଦ ଫେରି ଘାଟରେ ଗାଡ଼ି ସହ ନଦୀକୁ ଖସିଲେ ଯାତ୍ରୀ

ମହାକାଳପଡ଼ା, ୧୩।୯ (ସଂଚାର ବ୍ୟୁରୋ) ଃ ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ଅନ୍ତର୍ଗତ ବାହାକୁଦ ଫେରି ଘାଟରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ପାରାଦ୍‌ୱୀପ ପଟରୁ ଆସିଥିବା ଜଣେ ଯାତ୍ରୀ ଡଙ୍ଗାରୁ ଗାଡ଼ି ଓହ୍ଲାଉଥିବା ସମୟରେ ନିୟନ୍ତ୍ରଣ ହରାଇ ଗାଡ଼ି ସହ ସେ ମଧ୍ୟ ନଦୀ କୂଳରେ ଖସିପଡ଼ିଥିଲେ। ସ୍ଥାନୀୟ ଲୋକ ଓ ଘାଟିଆଙ୍କ ଦ୍ୱାରା ଗାଡ଼ିକୁ ଉପରକୁ ଉଠାଯାଇଥିଲା। ଡଙ୍ଗାକୁ ଓହ୍ଲାଇବା ଚଢ଼ିବା ପାଇଁ ଦୁଇଖଣ୍ଡ କାଠ ପଟା ରେ ପ୍ରତିଦିନ ଶହଶହ ଯାତ୍ରୀ ବିପଦଶଙ୍କୁଳ ଅବସ୍ଥାରେ ଯାତାୟତ କରୁଛନ୍ତି। ଘାଟ ଲାଗୁଥିବା ନଦୀ ସଂଲଗ୍ନ ରାସ୍ତା ମଧ୍ୟ ଦୟନୀୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି।

କେବଳ ତାହା ନୁହେଁ ଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ଲାଇଫ୍ ଜ୍ୟାକେଟ୍ ମଧ୍ୟ ନାହିଁ। ଘାଟର ନିଲାମ ପ୍ରକ୍ରିୟା କରିଦେଇ ପ୍ରଶାସନ ନିଜର ଦାୟିତ୍ୱ ସାରି ଦେଉଛି।

ତୁରନ୍ତ ପ୍ରଶାସନ ବାହାକୁଦ ଘାଟର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ, ଘାଟ ଲାଗୁଥିବା ରାସ୍ତାର ମରାମତି, ଲାଇଫ୍ ଜ୍ୟାକେଟ୍ ବ୍ୟବସ୍ଥା ଏବଂ ଯାତ୍ରୀଙ୍କ ନିରାପଦ ଉଠା-ଓହ୍ଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଜନସେବା ପାଇଁ ମାନସିକତା ଓ ମାନବିକତା ଜରୁରୀଃ ଚିତ୍ତରଞ୍ଜନ

୨୫ ନମ୍ବର ଜୋନ୍‌ରେ ବନ୍ଧୁମିଳନ

ସାମିଲ ହେଲେ ୩ ଶହରୁ ଊର୍ଦ୍ଧ୍ୱ ଯୁବ ସଂଗଠକ

ମହାକାଳପଡ଼ା/ମାର୍ଶାଘାଇ,୧୩।୯ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମା' ଗୋଜବାୟାଣୀ ଶକ୍ତିପୀଠରେ ୨୫ ନମ୍ବର ଜୋନ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଯୁବ ନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଚିତ୍ତରଞ୍ଜନ ଦାସ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ଯୁବସାଥୀମାନଙ୍କ ସହ ମିଳି ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅଞ୍ଚଳର ସ୍ୱାର୍ଥ ପାଇଁ ସମସ୍ତେ ଏକତ୍ରିତ ହୋଇ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜନସେବା ପାଇଁ ମାନସିକତା ସହିତ ମାନବିକତା ମଧ୍ୟ ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ। ବିଭିନ୍ନ ସମୟରେ ସାଧାରଣ ଲୋକଙ୍କ ସମସ୍ୟାରେ ସହଯୋଗ କରିବା ସହ ସମାଧାନ ପାଇଁ ଚିତ୍ତରଞ୍ଜନ ପଦକ୍ଷେପ ନେଇଆସୁଛନ୍ତି। ନିଜର ଦକ୍ଷ ସାଙ୍ଗଠନିକ ଦକ୍ଷତାକୁ ଲୋକଙ୍କ ସେବା ଉଦ୍ଦେଶ୍ୟରେ ସେ ସଦାସର୍ବଦା ଜାରି ରଖି ଆସିଛନ୍ତି।

କାର୍ଯ୍ୟକ୍ରମରେ ଇଂ. ପ୍ରକାଶ ଚନ୍ଦ୍ର ଦାସ, ଶରତ ଦାସ, ସାଗର ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଭଞ୍ଜନ ପଟ୍ଟନାୟକ, ଗୋପୀନାଥ ବେହେରା, ପିତାମ୍ବର ସ୍ୱାଇଁ, ଚନ୍ଦନ ବେଉରା, ରାକେଶ ବେଉରା, ମାନସ ମହାପାତ୍ର, ବାଦଲ ବେହେରା, ସଞ୍ଜୟ ସ୍ୱାଇଁ, ରମେଶ ସ୍ୱାଇଁ, ଅନନ୍ତ ଜେନା, ତାପସ ପଣ୍ଡା, ହଳଧର ପାଇଟାଳ, ବିନୋଦ ସାହୁ, କୈଳାସ ବେଉରା, ସମୀର ଦାସ, ବାଇଧର ରାଉତ, ଦୟାନିଧି ପ୍ରଧାନ, ଅକ୍ଷୟ ସ୍ୱାଇଁ, ଅରୁଣ ରାଉତ, ଅଭୟ ଦାସ, ଭରତ ଦାସ, ଦୀପୁ ସାହୁ, ଲିଟୁ ପୃଷ୍ଟି, ବିଶ୍ୱରଞ୍ଜନ ଦାସ, ପ୍ରଫୁଲ୍ଲ ସାହୁ, ସତ୍ୟଗୁରୁ ତୁଷାରକାନ୍ତ, ପ୍ରତୀକ ପରିଡ଼ା, ଅଭିମନ୍ୟୁ ମଲିକ ଓ ମାଗୁଣି ବେହେରାଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ ଯୁବ ସଂଗଠକ ଯୋଗଦେଇଥିଲେ।

● ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗର ଚଢ଼ାଉ

ବିପୁଳ ଦେଶୀ ମଦ ଜବତ, ୧୨୫୦୦ ଲିଟର ମହୁଲ ପୋଚ ନଷ୍ଟ

ନୀଳଗିରି,୧୩।୯ (ସଂଚାର ବ୍ୟୁରୋ)ଃ ଆଜି ନୀଳଗିରି ଅବକାରୀ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ନୀଳଗିରି ଥାନାଅଧୀନସ୍ଥ ପୁନ୍ଦାଳ ଗ୍ରାମରେ ସକାଳ ୮ରୁ ୯ଘଟିକା ସମୟରେ ଗାଁ ଉତ୍ତର ପାଖରେ ଥିବା ଖୁଲୁଣ୍ଡା ପ୍ରସନ୍ନ ନାଳ ପାଖ ଧାନ କ୍ଷେତ ଏବଂ ସକାଳ ୧୧ରୁ ୧୨ ଘଟିକା ସମୟରେ ବରହମପୁର ଥାନା ଅଧୀନସ୍ଥ ତଥା କେଶିପୁର ପଞ୍ଚାୟତ ବେତକଟା ଜଙ୍ଗଲ ମଧ୍ୟରେ ଚଢ଼ାଉ କରାଯାଇ ୧୧୧୦ ଲିଟର ଦେଶୀ ମଦ ଏବଂ ୧୨୫୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଘଟଣା ସ୍ଥଳରେ କୌଣସି ବେପାରୀର ସନ୍ଧାନ ମିଳିପାରିନଥିବା ବେଳେ ପରିବହନ ସୁବିଧା ଅଭାବରୁ ଜବତ ପୋଚ ସାମଗ୍ରୀ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ତେବେ ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓ୍ୱାଇସି ଗଙ୍ଗୋମଣୀ ହେମ୍ବ୍ରମ, ଇନିସ୍ପେକ୍ଟର ନାରାୟଣ ବେହେରା, ଏଏସଆଇ ସୁଶାନ୍ତ କୁମାର ରାଉତ, କନେଷ୍ଟବଳ ସନ୍ତୋଷ କୁମାର ବେହେରା, ତପନ କୁମାର ମଲ୍ଲିକ, ୫ଜଣ ଏପିଆର ଫୋର୍ସ ସାମିଲ ଥିଲେ।

୨୧ରେ ବିଧାନସଭା ଘେରିବେ ପ୍ରାଥମିକ ଶିକ୍ଷକ ସଂଘ

ନବରଙ୍ଗପୁର,ଉମରକୋଟ,୧୩।୯ (ସଂଚାର ବ୍ୟୁରୋ)ଃ ପ୍ରାଥମିକ ଶିକ୍ଷକ(ଏକ୍ସ-କ୍ୟାଡର) ସଂଘ ଉମରକୋଟର କାର୍ଯ୍ୟକାରିଣୀ ବୈଠକରେ ନବରଙ୍ଗପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ(ଏକ୍ସ କ୍ୟାଡର) ସଂଘ ସଭାପତି ମଙ୍ଗଳା ବେହେରାଙ୍କ ସଭାପତିତ୍ୱରେ ଉମରକୋଟ କଳା ବିକାଶ ପରିଷଦ ଭବନ ଠାରେ ଅନୁଷ୍ଠିତ ହୋଇଥିଲା | ଉକ୍ତ ବୈଠକରେ ସରକାରଙ୍କ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରି ନ ଥିବାରୁ ଆସନ୍ତା ୨୧ ତାରିଖରେ ବିଧାନସଭା ଘେରିବାର ନିଷ୍ପତ୍ତି ନିଆଯାଇଥିଲା | ସୂଚନା ଅନୁସାରେ ଶିକ୍ଷକ ମାନଙ୍କର ଦାବୀ ପୂରଣ କରିବା ପାଇଁ ସରକାର ଉଚ୍ଚ କ୍ଷମତା ସମ୍ପୂର୍ଣ୍ଣ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ରିପୋଟ ମଧ୍ୟ ସରକାରଙ୍କୁ ଦେଇ ସାରିଛନ୍ତି କିନ୍ତୁ ସରକାର ଦାବୀ ପୂରଣ କରିବାରେ ଅହେତୁକ ବିଳମ୍ବ ହେତୁ ତିନି ଦଫା ଦାବୀ ଯଥା : ସମସ୍ତ ଏକ୍ସ-କ୍ୟାଡର ଶିକ୍ଷକ ମାନଙ୍କୁ ଗଣ ଶିକ୍ଷକ ନିଯୁକ୍ତି ଠାରୁ କ୍ୟାଡର ମାନ୍ୟତା ପ୍ରଦାନ, ନିୟମିତରୁ ବଞ୍ଚିତ ଗଣ ଶିକ୍ଷକ ମାନଙ୍କୁ ନିୟମିତର ମାନ୍ୟତା ଦେବା ଏବଂ ଓଟିଇଟି ପାସ କରିଥିବା ଏକ୍ସ-କ୍ୟାଡର ଶିକ୍ଷକ ମାନଙ୍କୁ ଇନକ୍ରିମେଣ୍ଟ ପ୍ରଦାନ ଦାବୀ ନେଇ ଆସନ୍ତା ୨୧ ତାରିଖରେ ଅହୋରାତ୍ର ଧାରଣା ଦେବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ହୋଇଛି।

ବକୁଳବନ ପାଚେରୀ ପାର୍ଶ୍ୱ ରାସ୍ତା ବିପଦସଂକୁଳ

ଗର୍ତ୍ତରେ ଖସିଲା ଅଟୋ, ୪ ଆହତ; ବଡ଼ ଦୁର୍ଘଟଣା ଆଶଙ୍କା

ସତ୍ୟବାଦୀ,୧୩।୯ (ସଂଚାର ବ୍ୟୁରୋ)ଃ ସତ୍ୟବାଦୀ ବକୁଳବନ ପାଚେରୀ ନିର୍ମାଣକୁ ନେଇ ସିଦ୍ଧ ବଳରାମ ମନ୍ଦିର ନିକଟସ୍ଥ ଅଳଗୁମ ରାସ୍ତା ବିପଦସଂକୁଳ ହୋଇପଡ଼ିଛି। ପାଚେରୀ ନିର୍ମାଣ ସମୟରେ ରାସ୍ତା ପାର୍ଶ୍ୱରେ ଖୋଳାଯାଇଥିବା ଗର୍ତ୍ତ ଦୀର୍ଘଦିନ ଧରି ପୋତାଯାଇ ନଥିବାରୁ ପ୍ରାୟ ୧୦୦ ମିଟର ରାସ୍ତା ଅଂଶ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି। ଏଠାରେ ପୂର୍ବରୁ ମଧ୍ୟ ଛୋଟମୋଟ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ରବିବାର ଏହି ରାସ୍ତାର ଗର୍ତ୍ତରେ ଏକ ଅଟୋରିକ୍ସା ଖସିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ସାମ୍ନାପଟୁ ଆସୁଥିବା ଏକ ଗାଡ଼ିକୁ ସାଇଡ୍ ଦେବା ସମୟରେ ଅଟୋଟି ରାସ୍ତା ପାର୍ଶ୍ୱର ଗର୍ତ୍ତରେ ଖସିପଡ଼ିଥିବା ଜଣାପଡ଼ିଛି। ଏଥିରେ ଅଟୋ ଚାଳକଙ୍କ ସମେତ ୩ ଜଣ ଯାତ୍ରୀ ଆହତ ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ସୌଭାଗ୍ୟବଶତଃ ଏକ ବଡ଼ ଅଘଟଣ ଟଳିଯାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପ୍ରାୟ ଦୁଇ ବର୍ଷ ଧରି ବକୁଳବନ ପ୍ରକଳ୍ପର କାମ ଚାଲିଥିଲେ ମଧ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ନିୟମିତ ଭାବେ କାର୍ଯ୍ୟ ତଦାରଖ କରୁନାହାନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତାର ଏଭଳି ଦୟନୀୟ ସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ଆଗକୁ ଆହୁରି ବଡ଼ ଦୁର୍ଘଟଣା ଘଟିବା ଆଶଙ୍କା ଥିବାରୁ ତୁରନ୍ତ ରାସ୍ତା ମରାମତି ସହ ଗର୍ତ୍ତ ପୋତିବା ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

ବ୍ୟାସନଗରର ମୂର୍ତ୍ତି କାରିଗରଙ୍କୁ ବିଶ୍ୱକର୍ମା ଯୋଜନାରେ ସାମିଲ କରିବାକୁ ଦାବି

ଯାଜପୁର ରୋଡ଼,୧୩।୯(ସଂଚାର ବ୍ୟୁରୋ)ଃ ବ୍ୟାସନଗର ମୁନସିପାଲଟି ଅଂଚଳର ମୂର୍ତ୍ତି କାରିଗରମାନେ ଏବେ ନାନାଦି ପ୍ରକାରର ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ଦୁଃଖର କଥା ମୂର୍ତ୍ତି ଗଢ଼ିବା ପାଇଁ ମାଟି, ବାଉଁଶ, ଖଡି, ରଙ୍ଗ ଦର ହୋଇଛି ଏବେ ଦୁଇଗୁଣା। ଆବଶ୍ୟକୀୟ ପରିମାଣର ମାଟି ପାଇପାରୁନାହାନ୍ତି। ଏପଟେ ସରକାରଙ୍କ ବିଶ୍ୱକର୍ମା ଯୋଜନାରୁ ବଂଚିତ ରହିଛନ୍ତି। ତେଣୁ ସେଥିପାଇଁ ଏଠାକାର ମୂର୍ତ୍ତି କାରିଗର ଶ୍ରୀ ଧିରେନ୍ଦ୍ର ବେହେରାଙ୍କ ସମେତ ଅନେକ କାରିଗର ମାନଙ୍କୁ ଠାକୁରଙ୍କ ପୂଜା ଉତ୍ସବର ମୂର୍ତ୍ତି ଗଢ଼ାଯିବା ଲାଗି ବ୍ୟାସନଗର ତହସିଲ ପ୍ରଶାସନ ତରଫରୁ କାରିଗର ମାନଙ୍କୁ ଆବଶ୍ୟକ ପରିମାଣର ମାଟି ଯୋଗାଇ ଦେବା ସହ ରାଜ୍ୟ ସରକାର ସ୍ଥାନୀୟ ମୂର୍ତ୍ତି କାରିଗରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରଙ୍କ ବିଶ୍ୱକର୍ମା ଯୋଜନାରେ ସାମିଲ କରାଇବାକୁ ଦାବି କରିଛନ୍ତି।

ବଜ୍ରକାପ୍ତା କବଚ ଜବତ, ୬ ଅଭିଯୁକ୍ତ ଗିରଫ

ମାଲକାନଗିରି,୧୩।୯ (ସଂଚାର ବ୍ୟୁରୋ)ଃ ବନ୍ୟପ୍ରାଣୀ ବଜ୍ରକାପ୍ତାର ଅବୈଧ ଶିକାର ଓ ତାହାର କବଚ ଚୋରାଚାଲାଣ ବିରୋଧରେ ମାଲକାନଗିରି ବନ ବିଭାଗ ପକ୍ଷରୁ ବଡ଼

ଆବାସିକ ପ୍ରକଳ୍ପରେ ବ୍ୟାବସାୟିକ ପ୍ରତିଷ୍ଠାନ ସମସ୍ୟାର ସମାଧାନ



ଆଇନ, ଜନସ୍ୱାର୍ଥ ଓ ବାସ୍ତବ ପରିସ୍ଥିତି ସମନ୍ୱୟରେ ପଦକ୍ଷେପ ନିଆଯିବଃ ମନ୍ତ୍ରୀ

ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱର ସହରର ବିଭିନ୍ନ ଆବାସିକ ପ୍ରକଳ୍ପରେ ଚାଲିଥିବା ଛୋଟ ବ୍ୟାବସାୟିକ ଓ ସେବା ପ୍ରତିଷ୍ଠାନ ସମ୍ପର୍କିତ ସମସ୍ୟାର ସ୍ଥାୟୀ, ଆଇନସମ୍ମତ ଓ ଜନହିତକର ସମାଧାନ ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଆଶ୍ୱାସନା ଦେଇଛନ୍ତି। ଆଜି ବିଜେପିର ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଏମ୍‌ସି ଅଧୀନସ୍ଥ ବିଜେପିର ସମସ୍ତ କର୍ପୋରେଟରଙ୍କ ସମେତ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଶ୍ରୀ ଜଗନ୍ନାଥ ପ୍ରଧାନ ଏବଂ ଜିଲ୍ଲା ପ୍ରଭାରୀ ଶ୍ରୀ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଭୁବନେଶ୍ୱର ସହରର ବିଭିନ୍ନ ଆବାସିକ ପ୍ରକଳ୍ପ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲିଆସୁଥିବା ଛୋଟ ବ୍ୟବସାୟ ଓ ସେବା ପ୍ରତିଷ୍ଠାନଗୁଡ଼ିକୁ ନେଇ ଉପୁଜିଥିବା ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ବିଶେଷକରି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଓ ପ୍ରଚଳିତ ଆଇନଗତ ବ୍ୟବସ୍ଥା ଆଧାରରେ ବିଏମସି ପକ୍ଷରୁ ଘର ମାଲିକ ଓ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ ଜାରି ହେବା ଫଳରେ ଅନେକ ବ୍ୟବସାୟୀ ଓ ସେମାନଙ୍କ ପରିବାର ମଧ୍ୟରେ ଅନିଶ୍ଚିତତା ଓ ଉଦ୍‌ବେଗ ସୃଷ୍ଟି ହୋଇଥିବା ବିଷୟ ବୈଠକରେ ଉଠିଥିଲା। ଭୁବନେଶ୍ୱରର ବିଭିନ୍ନ ଆବାସିକ ଅଞ୍ଚଳରେ ବହୁ ବର୍ଷ ଧରି ଛୋଟ ଦୋକାନ, ସେବା ପ୍ରତିଷ୍ଠାନ ଓ ଆବଶ୍ୟକ ଜନସେବାମୂଳକ କାର୍ଯ୍ୟକଳାପ ଚାଲିଆସୁଛି। ଏହି ପ୍ରତିଷ୍ଠାନଗୁଡ଼ିକ ଉପରେ ହଜାର ହଜାର ପରିବାରର ଜୀବିକା ନିର୍ଭରଶୀଳ। ତେଣୁ ଏହି ପ୍ରସଙ୍ଗକୁ କେବଳ ନିୟମ କାର୍ଯ୍ୟକାରିତାର ଦୃଷ୍ଟିରେ ନ ଦେଖି ମାନବିକତା, ଜନସ୍ୱାର୍ଥ ଓ ଭୁବନେଶ୍ୱରର ବାସ୍ତବ ସହରୀ ପରିସ୍ଥିତିକୁ ବିଚାରକୁ ନେଇ ଏକ ବ୍ୟାବହାରିକ ଓ ସ୍ଥାୟୀ ସମାଧାନର ଆବଶ୍ୟକତା ରହିଛି।

ମନ୍ତ୍ରୀ କହିଥିଲେ ଯେ ଆଇନର ସମ୍ମାନ ରକ୍ଷା କରିବା ସହ ଜନସ୍ୱାର୍ଥ, ଜୀବିକା ଓ ବାସ୍ତବ ପରିସ୍ଥିତିକୁ ସମନ୍ୱୟ କରି ସରକାର ଏହି ସମସ୍ୟାର ଏକ ଦୀର୍ଘସ୍ଥାୟୀ ଓ ଗ୍ରହଣଯୋଗ୍ୟ ସମାଧାନର ପଥ ଖୋଜିବେ। ଏଥିପାଇଁ ଆବଶ୍ୟକ ଆଇନଗତ ଓ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଉଚିତ ଭାବେ ବିଚାର କରାଯିବ। ଏହି ପ୍ରସଙ୍ଗରେ ଭୁବନେଶ୍ୱରର ଘର ମାଲିକ, ଛୋଟ ବ୍ୟବସାୟୀ, ସେବା ପ୍ରତିଷ୍ଠାନର ମାଲିକ ଓ ସାଧାରଣ ନାଗରିକମାନେ ଆତଙ୍କିତ ନ ହେବା ପାଇଁ ସେ ନିବେଦନ କରାଯାଇଛି। ସମସ୍ୟାର ମାନବିକ ଓ ବ୍ୟାବହାରିକ ଦିଗକୁ ବିଚାରକୁ ନେଇ ସରକାରଙ୍କ ଉଚିତ ପଦକ୍ଷେପ ନେବେ।

ରାତିପାହିଲେ ଅଗ୍ରପୂଜ୍ୟଙ୍କ ପୂଜା

ଉତ୍ସବମୁଖର ଗାଁଠୁ ସହର



ଭୁବନେଶ୍ୱର,୧୩।୯(ସଂଚାର ବ୍ୟୁରୋ)ଃ ଆସନ୍ତାକାଲି ପବିତ୍ର ଗଣେଶ ଚତୁର୍ଥୀ। ଧରାପୃଷ୍ଠକୁ ଓହ୍ଲାଇବେ ବିଘ୍ନହର୍ତ୍ତା, ସିଦ୍ଧିଦାତା ପ୍ରଭୁ ଶ୍ରୀ ଗଜାନନ। ଗଜାନଙ୍କ ଆଗମନକୁ ନେଇ ଗାଁଠୁ ସହର ସବୁଠି ଉତ୍ସବମୁଖର ପରିବେଶ। ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପୂଜା ମଣ୍ଡପର ସାଜସଜ୍ଜା, ମୂର୍ତ୍ତି କାରିଗର ଦେଉଛନ୍ତି ଶେଷ ସ୍ପର୍ଶ। ଏପଟେ ବଜାରରେ ଉଛୁଳୁଛି ଗ୍ରାହକଙ୍କ ଭିଡ଼। ଜଟଣୀଠୁ ଭୁବନେଶ୍ୱର ଓ କଟକ ସହରରେ ଥିବା ପ୍ରମୁଖ ପୂଜା ମଣ୍ଡପଗୁଡିକରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବଜାରରେ ଚାଲିଛି ତୋରଣ ନିର୍ମାଣ। ସବୁଆଡେ ସାଜସଜ୍ଜା। କୁମ୍ଭାରଶାଳରେ ଶେଷ ତୂଳୀର ସ୍ପର୍ଶ ପାଇ ଗଜାନନ ଏବେ ମଣ୍ଡପମୁହାଁ। କେଉଁଠି ମୟୂର ସିଂହାସନରେ ବିରାଜମାନ ତ କେଉଁଠି ମୂଷିକ ଉପରେ ଚଢ଼ି ଭକ୍ତଙ୍କୁ ଆଶୀର୍ବାଦ ବାଣ୍ଟିବାକୁ ପ୍ରସ୍ତୁତ ବିଘ୍ନହର୍ତ୍ତା। ମାଟିର ମୂର୍ତ୍ତିରେ ପ୍ରାଣ ଫୁଙ୍କି ଦେଇଛନ୍ତି ନିପୁଣ କାରିଗର। ପାରମ୍ପରିକ ମୂର୍ତ୍ତି ସାଙ୍ଗକୁ ଏଥର ପରିବେଶ ଅନୁକୂଳ ଇକୋ-ଫ୍ରେଣ୍ଡଲି ମୂର୍ତ୍ତିର ଚାହିଦା ବେଶ୍ ବଢ଼ିଛି। ଗଳିରୁ ରାଜରାସ୍ତା, ସବୁଠି ଆଲୋକମାଳାର ଝଲକ। ଚଳିତ ବର୍ଷ ମଣ୍ଡପ ସଜାସଜ୍ଜାରେ ଦେଖିବାକୁ ମିଳିଛି ଅଭିନବ ଚମତ୍କାରିତା। କେଉଁଠି ଦେଶର ଐତିହ୍ୟ କୀର୍ତ୍ତିରାଜି ତ କେଉଁଠି ପ୍ରସିଦ୍ଧ ମନ୍ଦିରର ଢାଞ୍ଚାରେ ତିଆରି ହୋଇଛି ବିଶାଳ ତୋରଣ। ଇକୋ-ଫ୍ରେଣ୍ଡଲି ସାଜସଜ୍ଜା ପ୍ଲାଷ୍ଟିକ୍ ମୁକ୍ତ ସାଜସଜ୍ଜାକୁ ଗୁରୁତ୍ୱ ଦେଇ ପାନପତ୍ର, ନଡ଼ିଆ କତା, ଶୁଖିଲା ଘାସ ଓ କାଗଜ ଫୁଲରେ ଝଲସୁଛି ମଣ୍ଡପ। ଏଲ୍‌ଇଡି ଓ ମୁଭିଂ ଲାଇଟ୍‌ର ଚମତ୍କାର ଖେଳ ରାତିର ଅନ୍ଧାରକୁ ଉତ୍ସବର ଉଜ୍ଜ୍ୱଳତାରେ ପରିଣତ କରିଛି। ଗଣେଶ ପୂଜା ମାନେ ଛାତ୍ରଛାତ୍ରୀଙ୍କ ପାଇଁ ସବୁଠୁ ବଡ଼ ପର୍ବ। ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନରେ ପିଲାମାନେ ବ୍ୟସ୍ତ ନିଜ ହାତରେ ସାଜସଜ୍ଜା କରିବାରେ। କ୍ଲବ୍ ଓ ପୂଜା କମିଟିଗୁଡ଼ିକ ମଧ୍ୟରେ ଚାଲିଛି ମଣ୍ଡପ ଡିଜାଇନ୍‌କୁ ନେଇ ସୁସ୍ଥ ପ୍ରତିଯୋଗିତା। ମୋଦକ ଓ ଲଡୁର ମହକ ସାଙ୍ଗକୁ ଘଣ୍ଟ, ଶଙ୍ଖ ଓ କାହାଳୀର ଧ୍ୱନିରେ କାଲି କମ୍ପିବ ସାରା ଓଡ଼ିଶା।

ଗୁଳିମାଡ଼ରେ ଯୁବକ ଗୁରୁତର

ପୂର୍ବ ଶତ୍ରୁତାରୁ ଗୁଳିକାଣ୍ଡ ଅଭିଯୋଗ

ସୋରଡ଼ା, ୧୩।୯ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ଥାନା ଅଧୀନ ଯୋଡ଼ାବନ୍ଧ ଛକ ନିକଟରେ ଗୁଳିକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଦୁଇ ରାଉଣ୍ଡ ଗୁଳି କରି ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁଳିମାଡ଼ରେ ଗୁରୁତର ଭାବେ ଆହତ ହୋଇଥିବା ଯୁବକ ଜଣଙ୍କ ହେଉଛନ୍ତି ସରାବାଡ଼ି ଗ୍ରାମର ଜୟସେନ ପ୍ରଧାନ (୩୦)। ମିଳିଥିବା ସୂଚନାନୁଯାୟୀ, ଜୟସେନ ଘର କାମ ସାରି ବାହାରେ ଥିବା ସମୟରେ ଉକ୍ତ ଗ୍ରାମର ଜଣେ ଯୁବକ କିଛି ସହଯୋଗୀଙ୍କ ସହ ବୁଲେଟ୍‌ରେ ଆସିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜୟସେନଙ୍କ ଉପରକୁ ସେମାନେ ଦୁଇ ରାଉଣ୍ଡ ଗୁଳି ଚଳାଇ ସେଠାରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଭାବେ ଆହତ ହୋଇଥିବା ଜୟସେନଙ୍କୁ ପରିବାର ଲୋକେ ଓ ସାଙ୍ଗମାନେ ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଏ ସଂକ୍ରାନ୍ତରେ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, କିଛିଦିନ ତଳେ ଗ୍ରାମର ଭଗବାନ ଗୌଡ଼ଙ୍କ ଏକ ଅଟୋକୁ ରାତିରେ କିଛି ଲୋକ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ଏହି ଘଟଣାରେ ଭଗବାନ ଓ ଜୟସେନ ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ବୁଝାସୁଝା କରିଥିଲା। ତେବେ ଏହି ବୁଝାସୁଝା ପରେ ବି ଭଗବାନଙ୍କ ରାଗ କମି ନ ଥିଲା ବୋଲି ଜୟସେନଙ୍କ ଭଉଣୀ ମାମାଲି ପ୍ରଧାନ କହିଛନ୍ତି। ଏହି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭଗବାନ ଜୟସେନଙ୍କୁ ଗୁଳି କରିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

ପୁଣି ୪ ଗେଟ୍ ଖୋଲିଲା ହୀରାକୁଦ

ସମ୍ବଲପୁର,୧୩।୯(ସଂଚାର ବ୍ୟୁରୋ)ଃ ହୀରାକୁଦ ଜଳଭଣ୍ଡାରର ଉପର ବର୍ଷା ପରିମାଣ ବୃଦ୍ଧି ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ପୁଣିଥରେ ବନ୍ୟା ଜଳ ପ୍ରବେଶ ପରିମାଣର ବୃଦ୍ଧି ପାଇଛି। ଏଥିସହ ଜଳଭଣ୍ଡାରର ଜଳସ୍ତର ମଧ୍ୟ କ୍ରମଶଃ ବୃଦ୍ଧି ପାଇ ଏହାର ସର୍ବୋଚ୍ଚ ଜଳଧାରଣ କ୍ଷମତାର ନିକଟତର ହୋଇଛି। ତେଣୁ ରବିବାର ପୁଣିଥରେ ହୀରାକୁଦ ଜଳଭଣ୍ଡାରର ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବର୍ତ୍ତମାନ ମୋଟ୍ ୫ଟି ସ୍ଲୁଇସ୍ ଗେଟ ଜରିଆରେ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ରବିବାର ଅପରାହ୍ନ ସାଢ଼େ ୧୨ଟା ସମୟରେ ପ୍ରାପ୍ତ ସୂଚନାନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୨୫ ହଜାର ୦୯୫ ଘନଫୁଟ ବନ୍ୟା ଜଳ ପ୍ରବେଶ କରୁଛି। ସେହିପରି ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ ୧ ଲକ୍ଷ ୧୬ ହଜାର ୯୭୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ଜଳଭଣ୍ଡାରର ବାମ ପାର୍ଶ୍ୱର ୩ ଓ ଦକ୍ଷିଣ ପାର୍ଶ୍ୱର ୨ଟି ମିଶି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଜରିଆରେ ୮୧ ହଜାର ୯୨୫ ଘନଫୁଟ, ପାୱାର ଚ୍ୟାନେଲରେ ୩୧,୧୯୭ ଘନଫୁଟ, ବରଗଡ଼ କେନାଲରେ ୩,୦୭୨, ଶାସନ କେନାଲରେ ୪୫୦ ଓ ସମ୍ବଲପୁର କେନାଲରେ ୧୦୫ ଶିଳ୍ପଭିତ୍ତିକ ବ୍ୟବହାର ପାଇଁ ୨୨୧ ଘନଫୁଟ ଜଳ ନିଷ୍କାସିତ ହେଉଛି।

ସମ୍ବଲପୁରରେ ଏନ୍‌କାଉଣ୍ଟର

ଇରଫାନ ଆହତ, ୨ ସହଯୋଗୀ ଗିରଫ

ସମ୍ବଲପୁର,୧୩।୯(ସଂଚାର ବ୍ୟୁରୋ)ଃ ସମ୍ବଲପୁର ସଦର ଥାନା ଅଞ୍ଚଳରେ ପୁଲିସ ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ସୁନାପାଲି ଅଞ୍ଚଳର କୁଖ୍ୟାତ ଅପରାଧୀ ମହମ୍ମଦ ଇରଫାନ (୩୮)ଙ୍କ ବାମ ଗୋଡ଼ରେ ଗୁଳି ବାଜିଥିବା ବେଳେ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ଏଥିସହ ତାଙ୍କର ଦୁଇ ସହଯୋଗୀ ମହମ୍ମଦ ଇମ୍ରାନ ଓ ଦୀପକ କୁମାରଙ୍କୁ ପୁଲିସ କାବୁ କରିଛି। ରବିବାର ଭୋର ପ୍ରାୟ ୫ଟା ୪୫ ମିନିଟ୍ ସମୟରେ ସଦର ଥାନା ପୁଲିସ ଟିମ୍ ରାସନପୁର କେନାଲ ରୋଡ୍‌ସ୍ଥିତ ସୁଦୁଙ୍ଗା ଜଙ୍ଗଲ ନିକଟରେ ଯାଞ୍ଚ କରୁଥିଲା। ଏହି ସମୟରେ ଏକ କଳା ରଙ୍ଗର ବଜାଜ ପଲସର ମୋଟର ସାଇକେଲ (ନଂ. ଓଡି୧୫ଏବି ୩୬୭୪)ରେ ଇରଫାନ ତାଙ୍କର ଦୁଇ ସହଯୋଗୀଙ୍କ ସହ ଆସୁଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବା ସହ ଇରଫାନ୍‌ଙ୍କର ଦୁଇ ସହଯୋଗୀଙ୍କୁ କାବୁ କରିଥିଲା। ତେବେ ଇରଫାନ ପୁଲିସ ଉପରକୁ ୩ ରାଉଣ୍ଡ ଗୁଳିଚାଳନା କରି ସେଠାରୁ ଖସି ପଳାଇବା ସକାଶେ ଉଦ୍ୟମ କରିଥିଲେ। କିନ୍ତୁ ପରେ ପୁଲିସ ଆତ୍ମରକ୍ଷା ପାଇଁ ପାଲଟା ୨ ରାଉଣ୍ଡ ନିୟନ୍ତ୍ରିତ ଗୁଳି ଚଳାଇଥିଲା। ପୁଲିସ୍ ଗୁଳି ଇରଫାନଙ୍କ ବାମ ଗୋଡ଼ରେ ବାଜିଥିଲା। ଗୁଳିବିଦ୍ଧ ଇରଫାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭିମସାରରେ ଭର୍ତ୍ତି କରାଯାଇଛି। ଏଥିସହ ଘଟଣାସ୍ଥଳରୁ ପୁଲିସ ଏକ ପିସ୍ତଲ, ଗୁଳିଗୋଳା, ୩ଟି ଖାଲି ଖୋକା ସହ ବ୍ୟବହୃତ ବାଇକ୍‌କୁ ଜବତ କରିଛି। ଡକାୟତି, ଛିନତାଇ, ଆଲୁମିନିୟମ ତାର ଚୋରି ଓ ଚୋରା ନିଶାଦ୍ରବ୍ୟ କାରବାର ଭଳି ୨୪ରୁ ଅଧିକ ସଙ୍ଗିନ ଅପରାଧିକ ମାମଲାରେ ଇରଫାନ ସମ୍ପୃକ୍ତ ଥିବା ଜଣାପଡ଼ିଛି।

● ଓଡ଼ିଶାରେ ପୁଣି ବଢ଼ିବ ବର୍ଷାର ପ୍ରକୋପ

୫ ଦିନ ପର୍ଯ୍ୟନ୍ତ ଅଧିକାଂଶ ଜିଲ୍ଲାରେ ପ୍ରବଳ ବର୍ଷା

ଭୁବନେଶ୍ୱର, ୧୩।୯ (ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ବଢ଼ିବ ବର୍ଷାର ପ୍ରକୋପ। ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଓ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଜାରି ପୂର୍ବାନୁମାନ ଅନୁସାରେ, ଦକ୍ଷିଣ-ପଶ୍ଚିମ ମଧ୍ୟପ୍ରଦେଶ ଓ ସଂଲଗ୍ନ ଉତ୍ତର ବିଦର୍ଭ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏହାରି ପ୍ରଭାବରେ ମୌସୁମୀ ନିମ୍ନଚାପ ରେଖା ଓଡ଼ିଶା ଦେଇ ବଙ୍ଗୋପସାଗର ଯାଏଁ ଲମ୍ବିଛି।

ଆସନ୍ତା ୨୪ ଘଣ୍ଟା ଭିତରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଭଳି ଜିଲ୍ଲାରେ ବର୍ଷାର ସମ୍ଭାବନା ଅଛି। ଏହି ଅଞ୍ଚଳ ପାଇଁ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ଓ ବିଜୁଳି, ଘଡ଼ଘଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ଆସନ୍ତା ୧୫ ତାରିଖ ବେଳକୁ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ପ୍ରକଟ କରାଯାଇଛି। ଏଥିସହ ଅନେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ପାଇଁ ଆଲର୍ଟ ଜାରି କରାଯାଇଛି। ୧୬ ତାରିଖ ଦିନ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ରହିଛି। ଏହା ପରେ ପରେ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତିରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

୬ ଲୁଟେରା ଗିରଫ, ୧୩ ସୁନା ଚେନ୍ ଜବତ

ପୁରୀ,୧୩।୯(ସଂଚାର ବ୍ୟୁରୋ)ଃ ପାର୍ବଣ ପୂର୍ବରୁ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁରୀ ଚନ୍ଦନପୁର ଥାନା ପୁଲିସ। ଅଭିଯୁକ୍ତଙ୍କଠାରୁ ୧୩ଟି ସୁନା ଚେନ୍, ଗୋଟିଏ ହାର, ୨ ହଳ ସୁନା କାନ ଫୁଲ, ଗୋଟିଏ ସୁନା ବ୍ରେସଲେଟ୍ ସହ ନଗଦ ୩.୧ ଲକ୍ଷ ଟଙ୍କା, ୧୦ ମୋବାଇଲ୍ ଓ ୬ଟି ଭ୍ୟାନିଟି ଜବତ କରିଛି। ମହିଳାମାନଙ୍କୁ ଅଭିଯୁକ୍ତମାନେ ଟାର୍ଗେଟ କରୁଥିଲେ। ସ୍ପିଡ୍ ବାଇକ ଦ୍ୱାରା ମହିଳାଙ୍କ ବେକରୁ ସୁନା ଚେନ୍ ଓ ଭ୍ୟାନିଟି ଛଡ଼ାଇ ନେଇ ନୟାଗଡ଼ ଓ ବେଗୁନିଆରେ ସାମଗ୍ରୀସବୁ ବିକୁଥିଲେ ଅଭିଯୁକ୍ତ। ମୁଖ୍ୟ ଅଭିଯୁକ୍ତ ଖୋର୍ଦ୍ଧାର ପ୍ରଦୀପ ମଲ୍ଲ ହୋଇଥିବା ବେଳେ ୬ ଅଭିଯୁକ୍ତଙ୍କ ମଧ୍ୟରେ ୪ ଜଣ ରିସିଭର ଥିବା ପୁରୀ ଏସପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ବିଭିନ୍ନ ଥାନାରେ ଅଭିଯୁକ୍ତମାନଙ୍କ ନାଁରେ ୧୫ଟି ମାମଲା ରହିଛି ବୋଲି ଏସ୍‌ପି ସ୍ପଷ୍ଟ କରିଛନ୍ତି।

ଭାରତମାତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

କଲ୍ୟାଣସିଂହପୁର,୧୩।୯(ସଂଚାର ବ୍ୟୁରୋ)ଃ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ଶିକରପାଇ ପଞ୍ଚାୟତ ସଦର ପ୍ରବେଶ ପଥରେ ଥିବା ଭାରତ ମାତାଙ୍କ ପ୍ରତିମୂର୍ତ୍ତିକୁ କିଛି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଥାନାରେ ଲିଖିତ ଏତଲା ଦାୟର କରାଯାଇଛି। ସୂଚନାନୁସାରେ, ରାୟଗଡ଼ା କଲ୍ୟାଣସିଂହପୁର ମୁଖ୍ୟ ରାସ୍ତାରେ ଥିବା ଶିକରପାଇ ପ୍ରବେଶ ଦ୍ୱାର ନିକଟରେ ଗ୍ରାମବାସୀଙ୍କ ଉଦ୍ୟମରେ ଭାରତମାତାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ପୂର୍ବରୁ ମଧ୍ୟ କିଛି ଅସାମାଜିକ ବ୍ୟକ୍ତି ଏହି ପ୍ରତିମୂର୍ତ୍ତିକୁ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ, ଯାହାକୁ ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୁଣିଥରେ ଦୁର୍ବୃତ୍ତମାନେ ମୂର୍ତ୍ତିର ହାତ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ କଲ୍ୟାଣସିଂହପୁର ଥାନା ଏସ୍‌ଆଇ ହେମନ୍ତ କୁମାର ବରିଆଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନୋଜ କୁମାର ସେଠୀ, ସନ୍ତୋଷ କୁମାର ସାହୁ, ନାରସିଂ କୌଶଲ୍ୟା ଓ ବିଜୟ କୁମାର ଗୌଡ଼ଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି।

ସଚିବଙ୍କ ନାଁରେ ଜ୍ଞାନ ବାଣ୍ଟୁଛନ୍ତି

ରାଜ୍ୟ ପ୍ରଶାସନର ଜଣେ ବରିଷ୍ଠ ସଚିବଙ୍କ ନାଁରେ ଜଣେ ଯୁବକ ଜ୍ଞାନ ବାଣ୍ଟୁଛନ୍ତି। ସେ ପୁଣି ଏମିତି ସେମିତି ଜ୍ଞାନ ନୁହେଁ। କଲେଜ କୋ

ବିଏମଡବ୍ଲ୍ୟୁ ଆଇ୭ର ନୂଆ ଭର୍ସନ୍ ଲଞ୍ଚ

ନୂଆଦିଲ୍ଲୀ, ୧୩।୯: ବିଏମଡବ୍ଲ୍ୟୁ ନିଜର ଲଗଜୁରୀ ଇଲେକ୍ଟ୍ରୋନିକ୍ସ ସେଡାନ i7 ର ଫେସଲିଫ୍ଟ ମଡେଲ ଲଞ୍ଚ କରିଛି। ନୂଆ ବିଏମଡବ୍ଲ୍ୟୁ ଆଇ୭ ରେ କମ୍ପାନୀ ଡିଜାଇନଠାରୁ ଆରମ୍ଭ କରି ବ୍ୟାଟେରୀ ଏବଂ ଟେକ୍ନୋଲୋଜି ପର୍ଯ୍ୟନ୍ତ ଅପଡେଟ୍ ଦେଇଛି। ସବୁଠାରୁ ଖାସ୍ କଥା ହେଉଛି ଯେ, ଏହାର ଏଣ୍ଟ୍ରି ଲେବଲ୍ eDrive50 ମଡେଲର ମୂଲ୍ୟ ବର୍ତ୍ତମାନ ହ୍ରାସ ପାଇଛି। ନୂଆ i7 ରେ ସବୁଠାରୁ ବଡ଼ ପରିବର୍ତ୍ତନ ହେଉଛି ଏହାର ବ୍ୟାଟେରୀ। ପୂର୍ବ ମଡେଲରେ ଥିବା 101.7kWh ବ୍ୟାଟେରୀ ପ୍ୟାକ୍ ତୁଳନାରେ ଏଥିରେ ଏବେ ଏକ ବଡ଼ 112.5kWh ବ୍ୟାଟେରୀ ରହିଛି। WLTP ସାର୍ଟିଫିକେସନ୍ ଅନୁଯାୟୀ, eDrive50 ଗୋଟିଏ ଥର ପୂର୍ଣ୍ଣ ଚାର୍ଜ ହେଲେ 728 କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଯାହା ପୁରୁଣା ମଡେଲ ଅପେକ୍ଷା ୧୨୫ କିଲୋମିଟର ଅଧିକ ରହିଛି। ଦ୍ୱିତୀୟରେ ଅଧିକ ପାୱାରଫୁଲ M70 xDrive ର ଦାବି କରାଯାଇଥିବା ରେଞ୍ଜ 686 କିଲୋମିଟର ରହିଛି। ବିଏମଡବ୍ଲ୍ୟୁ ଆଇ୭ eDrive50ରେ 455bhpର ପାୱାର ଏବଂ 600Nm ଟାର୍କ ମିଳୁଛି। ଏହି କାର୍‌ଟି ମାତ୍ର 5.5 ସେକେଣ୍ଡରେ ୦ ରୁ ୧୦୦ କିମି/ଘଣ୍ଟା ବେଗ ହାସଲ କରିପାରେ। ଯାହାର ଟପ୍ ସ୍ପିଡ୍ 210 କିମି ପର୍ଯ୍ୟନ୍ତ ସୀମିତ ରହିଛି। M70 xDriveରେ ଦୁଇଟି ଇଲେକ୍ଟ୍ରିକ୍ ମୋଟର ଦିଆଯାଇଛି। ଏହା Sport ମୋଡ୍ 680hp ଏବଂ 1,015Nm ଟର୍କ ପ୍ରଦାନ କରିଥାଏ । Sport Boost ମୋଡ୍‌ରେ ଟର୍କ 1,100Nm ପର୍ଯ୍ୟନ୍ତ ପହଞ୍ଚିଥାଏ। ଏହି କାର୍‌ଟି ମାତ୍ର 3.8 ସେକେଣ୍ଡରେ 0-100 କିମିର ସ୍ପିଡ୍ ହାସଲ କରିପାରେ ଏବଂ ଏହାର ଟପ୍ ସ୍ପିଡ୍ 250 କିମି ରହିଛି।

ଏଥିସହିତ ନୂଆ ବ୍ୟାଟେରୀ ଏବେ 250kW ପର୍ଯ୍ୟନ୍ତ DC ଫାଷ୍ଟ ଚାର୍ଜିଂକୁ ସପୋର୍ଟ କରିଥାଏ। BMW ଅନୁସାରେ, ବ୍ୟାଟେରୀକୁ 10ରୁ 80 ପ୍ରତିଶତ ପର୍ଯ୍ୟନ୍ତ ଚାର୍ଜ କରିବାକୁ ପ୍ରାୟ ୨୮ ମିନିଟ୍ ସମୟ ଲାଗିଥାଏ। ମାତ୍ର ୧୦ ମିନିଟ୍‌ର ଫାଷ୍ଟ ଚାର୍ଜିଂରେ ପ୍ରାୟ ୨୩୫ କିଲୋମିଟର ପର୍ଯ୍ୟନ୍ତ ଦାବି କରାଯାଇଥିବା ରେଞ୍ଜ ମିଳିପାରେ। 22kW AC ଚାର୍ଜରରେ ଗାଡ଼ିକୁ ପୂରା ଚାର୍ଜ କରିବାକୁ ପ୍ରାୟ ୬ ଘଣ୍ଟା ସମୟ ଲାଗିଥାଏ। ଉଭୟ ମଡେଲ୍ ସହିତ ୱାଲ୍ ବକ୍ସ ଚାର୍ଜର ଏବଂ ଏହାର ଇନଷ୍ଟେଲେସନ୍ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ବାହାର ପଟୁ ନୂଆ i7ର ଡିଜାଇନ୍‌ରେ କୌଣସି ବଡ଼ ପରିବର୍ତ୍ତନ କରାଯାଇନାହିଁ। ଏଥିରେ ଅଧିକ ସ୍କ୍ୱାର୍ ଶେପ୍‌ର ନୂଆ ସ୍ପିଲ୍ଟ, LED ହେଡ୍‌ଲ୍ୟାମ୍ପ ଏବଂ ଅପଡେଟେଡ୍ ବମ୍ପର ଦିଆଯାଇଛି। M70 ମଡେଲ୍‌ରେ ବଡ଼ ଏୟାର୍ ଇନ୍‌ଟେକ୍, M ବ୍ୟାଜିଂ ଏବଂ 21-ଇଞ୍ଚ ଆଲଏ ହ୍ୱିଲ୍ ମଧ୍ୟ ଦିଆଯାଇଛି। ହେଲେ କ୍ୟାବିନ୍‌ରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପୁରୁଣା ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟରରେ ଏବେ ୱିଣ୍ଡସ୍କ୍ରିନ୍‌ର ଠିକ୍ ତଳେ BMWର Panoramic Vision ଡିସପ୍ଲେ ଦିଆଯାଇଛି। ଏହା ସହିତ 17.9-ଇଞ୍ଚର ସେଣ୍ଟ୍ରାଲ୍ ଟଚ୍‌ସ୍କ୍ରିନ୍ ଏବଂ ପ୍ୟାସେଞ୍ଜରଙ୍କ ସାମ୍ନାରେ 14.6-ଇଞ୍ଚର ଡିସପ୍ଲେ ମିଳୁଛି।

ବିଏମଡବ୍ଲ୍ୟୁ ଆଇ୭ରେ ପାୱାର୍ଡ ଡୋର୍, ହିଟେଡ୍-ଭେଣ୍ଟିଲେଟେଡ୍ ଏବଂ ମସାଜ୍ ସିଟ୍, ପାୱାର୍ଡ ଅଟୋମାନ୍, କନେକ୍ଟେଡ୍ କାର୍ ଫିଚର୍ସ ଏବଂ ADAS ଭଳି ସୁବିଧା ମିଳୁଛି। ପଛ ସିଟ୍‌ରେ ବସୁଥିବା ଯାତ୍ରୀଙ୍କ ପାଇଁ 31.3-ଇଞ୍ଚର Theatre Screen(ଥିଏଟର ସ୍କ୍ରିନ୍) ଏବଂ Bowers & Wilkins(ବାୱାରର୍ସ ଆଣ୍ଡ୍ ୱିଲକିନ୍ସ) ର Dolby Atmos ଅଡିଓ ସିଷ୍ଟମ୍ ଦିଆଯାଇଛି। ଏହା ବ୍ୟତୀତ ପାନୋରାମିକ୍ ଗ୍ଲାସ୍ ରୁଫ୍‌ରେ ୪୦ରୁ ଅଧିକ LED ଲାଇଟ୍ ମଧ୍ୟ ମିଳିପାରେ। କାର୍‌ରେ ଓଭର୍-ଦି-ଏୟାର୍ (OTA) ସଫ୍ଟୱେର୍ ଅପଡେଟ୍‌ର ସୁବିଧା ରହିଛି। ସବୁଠାରୁ ବିଶେଷ କଥା ହେଉଛି ଯେ, 1.95 କୋଟି ଟଙ୍କା ମୂଲ୍ୟରେ eDrive50 ଏବେ ପେଟ୍ରୋଲ୍ ଚାଳିତ BMW 7 Series 740 ସହିତ ପ୍ରାୟ ସମାନ ମୂଲ୍ୟରେ ଉପଲବ୍ଧ ହେଉଛି। କିନ୍ତୁ ଏଠାରେ ୭୨୮ କିଲୋମିଟର ପର୍ଯ୍ୟନ୍ତ ଦାବି କରାଯାଇଥିବା ଇଲେକ୍ଟ୍ରିକ୍ ରେଞ୍ଜ ମଧ୍ୟ ମିଳୁଛି।

ହେୱାନ ଓ ଡକ୍ଟର ଅର୍ଥୋ ମଧ୍ୟରେ ବ୍ରାଣ୍ଡ୍ ସହଭାଗିତା

ଚଣ୍ଡୀଗଢ଼, ୧୩।୯:ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ କ୍ରାଇମ୍ ଥ୍ରିଲର୍ ସିନେମା 'ହେୱାନ' ପରଦାରେ ରିଲିଜ୍ ହୋଇ ଦର୍ଶକଙ୍କ ଆଦୃତି ଲାଭ କରିଛି। ଉକ୍ତ ସିନେମା ଓ ଡକ୍ଟର ଅର୍ଥୋ ମଧ୍ୟ ବ୍ରାଣ୍ଡ୍ ସହଭାଗିତା ହୋଇଛି। ସିନେମାର ପ୍ରମୋସନ ଅବସରରେ କଳାକାରମାନେ କହିଥିଲେ ଯେ ଜୀବନ ଯେତେ ବ୍ୟସ୍ତବହୁଳ କିମ୍ବା ଆହ୍ୱାନପୂର୍ଣ୍ଣ ହେଲେ ମଧ୍ୟ ଦୃଢ଼ ପଦକ୍ଷେପ ଦ୍ୱାରା ଜୀବନ ଯାତ୍ରାକୁ ସହଜ କରାଯାଇ ପାରିଥାଏ।

ସେହିଭଳି ଡକ୍ଟର ଅର୍ଥୋ ଆକ୍ୟୁପ୍ରେସର ସ୍ଲିପର ଓ ଜୋତା ପ୍ରତି କ୍ଷଣରେ ନୂଆ ଶକ୍ତି ପ୍ରଦାନ କରିବା ସହ ପୀଡ଼ାରୁ ସଂପୂର୍ଣ୍ଣ ମୁକ୍ତି ଦେଇଥାଏ। ସିନେମାର ସଫଳତା କାମନା କରି ଉଦ୍ୟୋଗୀ ତଥା ନିବେଶକ ଡା. ସଞ୍ଜୀବ ଜୁନେଜା କୁହନ୍ତି, ଏହା ଦର୍ଶକଙ୍କୁ ବାନ୍ଧି ରଖିବା ସହିତ ଚିନ୍ତା କରିବାର ଖୋରାକ ଯୋଗାଇବ। ଏହି ଅବସରରେ ସେ ସିନେମାର ସମ୍ପୂର୍ଣ୍ଣ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। କମ୍ପାନିର ପ୍ରତିନିଧି କହିଛନ୍ତି ଯେ ଡକ୍ଟର ଅର୍ଥୋ ଆକ୍ୟୁପ୍ରେସର ସ୍ଲିପର୍ ଓ ଜୋତା ପାଦର ଯତ୍ନ ନେବା ସହିତ ଆରାମକୁ ଧ୍ୟାନରେ ରଖି ବିକାଶ କରାଯାଇଛି। ଏହି ଚପଳ ଦୈନନ୍ଦିନ ଜୀବନରେ ପାଦକୁ ଆରାମ ଦେବା ସହିତ ଶରୀରକୁ ଶକ୍ତି ପ୍ରଦାନ ଏବଂ ସକ୍ରିୟ ରଖିବାରେ ସହାୟକ ହୋଇଥାଏ।

ମୋବାଇଲ ନମ୍ବର ଭଳି 'ପୋର୍ଟ' ହୋଇପାରିବ ଫାସ୍‌ଟ୍ୟାଗ୍

ମୁମ୍ବାଇ, ୧୩।୯: ମୋବାଇଲ ଫୋନ୍ ଭଳି ଫାସ୍‌ଟାଗ୍ ମଧ୍ୟ ପୋର୍ଟ କରିହେବ। ଉପଭୋକ୍ତାମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଓ୍ୱାନ୍‌ଟ୍ୟାଗ୍ ମାଧ୍ୟମରେ ସେମାନଙ୍କର ଫାସ୍‌ଟାଗ୍ ବ୍ୟାଙ୍କ କିମ୍ବା ସେବା ପ୍ରଦାନକାରୀ ସଂସ୍ଥା ବଦଳାଇ ପାରିବେ। ପୋର୍ଟିଂ ପାଇଁ ବିଦ୍ୟମାନ ଫାସ୍‌ଟାଗ୍‌କୁ ପ୍ରତ୍ୟାହାର କରିବାର କୌଣସି ଆବଶ୍ୟକତା ରହିବ ନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ଚଳିତ ମାସରେ ଆରମ୍ଭ କରାଯାଇଥିବା ଏହି ନୂତନ ଫାସ୍‌ଟାଗ୍ ପୋର୍ଟେବିଲିଟି ଫିଚର ଗାଡ଼ି ମାଲିକମାନଙ୍କୁ ସେମାନଙ୍କର ୱିଣ୍ଡ୍‌ସ୍କ୍ରିନ ଷ୍ଟିକର ନ ବଦଳାଇ ଇସ୍ୟୁଅର୍ ବ୍ୟାଙ୍କ ପରିବର୍ତ୍ତନ କରିବାକୁ ସୁବିଧା ଦେବ। ଭାରତର ଇଣ୍ଟେଲିଜେଣ୍ଟ ହାଇୱେ ଉପରେ ମୁମ୍ବାଇରେ ଆୟୋଜିତ ଗ୍ଲୋବାଲ ଫିନ୍‌ଟେକ ଫେଷ୍ଟ ୨୦୨୬କୁ ସମ୍ବୋଧନକରି ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଫାସ୍‌ଟାଗ୍ , ବାର୍ଷିକ ପାସ୍ ବ୍ୟବସ୍ଥା, ବ୍ୟାରିୟରମୁକ୍ତ ଟୋଲିଂ ଏବଂ ଏଆଇଚାଳିତ ପ୍ରଯୁକ୍ତିବିଦ୍ୟା ଭାରତର ଗମନାଗମନ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣିଛି।

୨୫ ବର୍ଷ ମଧ୍ୟରେ ଆମେରିକାକୁ ପଛରେ ପକାଇବ ଭାରତ

ନୂଆଦିଲ୍ଲୀ, ୧୩।୯: ଅର୍ଥଶାସ୍ତ୍ରୀ ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେଫ୍ରି ସାକ୍ସ (Jeffrey Sachs) ଭାରତୀୟ ଅର୍ଥବ୍ୟବସ୍ଥାକୁ ନେଇ ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୨୫ ବର୍ଷ ମଧ୍ୟରେ ଭାରତ ଆମେରିକାକୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ପାଲଟିବ । ଶତାବ୍ଦୀର ଶେଷ ସୁଦ୍ଧା ବିଶ୍ୱର ନମ୍ବର-୧ ଅର୍ଥବ୍ୟବସ୍ଥା ହୋଇପାରିବ ଭାରତ।

ଜେଫ୍ରି ସାକ୍ସଙ୍କ ଅନୁଯାୟୀ, ଗତ ୨୦୦୦ ବର୍ଷର ଇତିହାସକୁ ଦେଖିଲେ ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ ଏସିଆରେ ହିଁ ଥିଲା। ୧୮୦୦ ମସିହା ପରେ ଏହା ପଶ୍ଚିମାଞ୍ଚଳକୁ ଚାଲିଯାଇଥିଲା, କିନ୍ତୁ ଏବେ ଏହା ପୁଣି ଥରେ ଦ୍ରୁତ ଗତିରେ ଏସିଆକୁ ଫେରୁଛି । ୨୫ ବର୍ଷରୁ କମ୍ ସମୟ ମଧ୍ୟରେ ଭାରତ ଏବଂ ଚୀନ୍ ବିଶ୍ୱର ଦୁଇଟି ସବୁଠାରୁ ବଡ଼ ଅର୍ଥବ୍ୟବସ୍ଥା ହେବେ। ଏହି ସମୟରେ ଆମେରିକା ତୃତୀୟ ସ୍ଥାନକୁ ଖସିଯିବ।

ଚୀନର ଜନସଂଖ୍ୟା ହ୍ରାସ ପାଉଥିବା ବେଳେ ଭାରତର କାର୍ଯ୍ୟକ୍ଷମ ଯୁବପିଢ଼ି ଏବଂ ବୃଦ୍ଧି ପାଉଥିବା ଜନସଂଖ୍ୟା ଭାରତକୁ ଏକ ବଡ଼ ବାଣିଜ୍ୟିକ ଶକ୍ତିରେ ପରିଣତ କରିବ। ସାକ୍ସଙ୍କ ମତରେ, ଭାରତ ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ନିବେଶ ବୃଦ୍ଧି ପାଇଲେ ଭାରତର ଆର୍ଥିକ ପ୍ରଗତି ଆହୁରି ଦ୍ରୁତ ହେବ। ସାକ୍ସ ସ୍ପଷ୍ଟ କରିଛନ୍ତି ଯେ, ବିଶ୍ୱରେ ଏବେ ୪ଟି ମୁଖ୍ୟ ମହାଶକ୍ତି ରହିଛନ୍ତି— ଆମେରିକା, ରୁଷ, ଭାରତ ଏବଂ ଚୀନ୍। BRICS ୨୦୨୬ ଶିଖର ସମ୍ମିଳନୀ ଅବସରରେ ସେ କହିଛନ୍ତି ଯେ, BRICS କୌଣସି ପାଶ୍ଚାତ୍ୟ ଦେଶ ବିରୋଧୀ ମେଣ୍ଟ ନୁହେଁ, ବରଂ ଏହା ବିଶ୍ୱ ଅର୍ଥନୀତିକୁ ସନ୍ତୁଳିତ ରଖିବା ପାଇଁ ଏକ ବହୁପାକ୍ଷିକ ମଞ୍ଚ ।

ଫେଷ୍ଟିଭ୍ ସିଜିନ୍ ପୂର୍ବରୁ ହ୍ୟୁଣ୍ଡାଇର ବଡ଼ ଧମାକା

ନୂଆଦିଲ୍ଲୀ, ୧୩।୯:ଫେଷ୍ଟିଭ୍ ସିଜିନ୍ ପୂର୍ବରୁ Hyundai ଏହାର ତିନୋଟି ଲୋକପ୍ରିୟ SUVକୁ ପୁନଃ ଡିଜାଇନ୍ କରିଛି। କମ୍ପାନୀ କ୍ରେଟା, ଆଲକାଜାର ଏବଂ କ୍ରେଟା ଇଲେକ୍ଟ୍ରିକ୍ ର ଲାଉଞ୍ଜ ଏଡିସନ୍ ଲଞ୍ଚ କରିଛି। ଏହି ସ୍ୱତନ୍ତ୍ର ମଡେଲ୍‌ଗୁଡ଼ିକ ପଛ ଯାତ୍ରୀଙ୍କ ଆରାମ ଉପରେ ଧ୍ୟାନ ଦିଆଯାଇ ଲଞ୍ଚ କରାଯାଇଛି। ଭିଡିଓ ଦେଖିବା ପାଇଁ OTT ଆପ୍ ଚଲାଇବା, ଗେମ୍ ଖେଳିବା ଏବଂ ଯାତ୍ରା ସମୟରେ ଅନ୍ୟାନ୍ୟ ଆପ୍ ବ୍ୟବହାର କରିବାର ସୁବିଧା ମିଳିବ। ଏହି ସିଷ୍ଟମ୍‌ରେ ଫୋନର ସ୍କ୍ରିନ୍ ମଧ୍ୟ ଦେଖାଯାଇପାରିବ।

ଏଣ୍ଟରଟେନମେଣ୍ଟ ପାଇଁ କାରରେ ଏକ 8-ସ୍ପିକର BOSE ସାଉଣ୍ଡ ସିଷ୍ଟମ ରହିଛି। ଏହାର ଆଗ ଭାଗର ସେଣ୍ଟରରେ ସ୍ପିକର ଏବଂ ଏକ ସବୱଫର ମଧ୍ୟ ରହିଛି। ଭିତର ଭାଗକୁ ଆକର୍ଷଣୀୟ କରିବା ପାଇଁ ଏଥିରେ ମୁନହ୍ୱାଇଟ୍ ଆମ୍ବିଏଣ୍ଟ ଲାଇଟି, ସିଲଭର କଲରର ଡିଜାଇନ୍ ଏବଂ ନୂଆ ସିଟ୍ ପ୍ରଦାନ କରାଯାଇଛି। ବ୍ୟାକ୍ ସିଟରେ ଲାଉଞ୍ଜ(Lounge)ଲେଖାଥିବା ହେଡରେଷ୍ଟ କୁଶନ ମଧ୍ୟ ରହିଛି। ଏହି SUV ଗୁଡ଼ିକୁ ସ୍ୱତନ୍ତ୍ର ଭାବରେ ଦେଖାଇବା ପାଇଁ ବାହାରର ମଧ୍ୟ ଡିଜାଇନ୍ କରାଯାଇଛି। ଏଥିରେ ଗୋଲ୍ଡେନ୍ ବ୍ରୋଞ୍ଜ କଲର ସହିତ ବ୍ଲାକ୍ ଫିନିଶ୍ ଦିଆଯାଇଛି। ଏବେ, ଆସନ୍ତୁ ତିନୋଟି ଲାଉଞ୍ଜ ଏଡିସନ୍‌ର ଖାସ୍ ଫିଚର୍ସ ସମ୍ପର୍କରେ ଜାଣିବା ।

Creta Lounge Edition କିଙ୍ଗ୍ ଟ୍ରିମ୍ ଉପରେ ଆଧାରିତ। ଏଥିରେ 1.5-ଲିଟର ପେଟ୍ରୋଲ ଇଞ୍ଜିନ୍ ସହିତ IVT ଏବଂ 1.5 ଲିଟର ଡିଜେଲ୍ ଇଞ୍ଜିନ୍ ସହିତ ଅଟୋମେଟିକ୍ ଗିୟରବକ୍ସ ଅପ୍ସନ ରହିଛି। ଏହି ମଡେଲ୍‌ରେ ଏକ ନୂଆ ଗୋଲ୍ଡେନ୍ ବ୍ରୋଞ୍ଜ ରଙ୍ଗ ରହିଛି। ଫ୍ରଣ୍ଟ ଏବଂ ବ୍ୟାକ୍ ସ୍କିଡ୍ ପ୍ଲେଟ୍, ସାଇଡ୍ ସିଲ୍ ଗାର୍ନିଶ୍, ରିଅର୍ ସ୍ପଏଲର୍, ରୁଫ୍ ରେଲ୍, ସି-ପିଲର୍ ଗାର୍ନିଶ୍ ଏବଂ ସାଇଡ୍ ମିରରରେ ବ୍ଲାକ୍ ଫିନିଶ୍ ଦିଆଯାଇଛି। SUVରେ ୧୮ ଇଞ୍ଚର ମ୍ୟାଟ୍ ବ୍ଲାକ୍ ଅଲାୟ ହ୍ୱିଲ୍ ପ୍ରଦାନ କରାଯାଇଛି। ଭିତରେ, ନୂଆ ସିଟ୍ ଡିଜାଇନ୍, ସିଲଭର୍ ଇନସର୍ଟ ଏବଂ ମୁନ୍ ହ୍ୱାଇଟ୍ ଆମ୍ବିଏଣ୍ଟ ଲାଇଟିଂ ରହିଛି। ଏଥିସହ ପଛରେ ବସୁଥିବା ଯାତ୍ରୀଙ୍କ ପାଇଁ ଲାଉଞ୍ଜ ବ୍ରାଣ୍ଡିଂର ହେଡରେଷ୍ଟ କୁଶନ ମଧ୍ୟ ଦିଆଯାଇଛି। Alcazar Lounge Editionକୁ Signature ଭାରିଆଣ୍ଟରେ ପ୍ରସ୍ତୁତ କରାଯାଇଛି। ଏହି ମଡେଲ୍ କେବଳ 1.5 ଲିଟର ଡିଜେଲ୍ ଅଟୋମେଟିକ୍ ଇଞ୍ଜିନ୍ ସହିତ ଆସୁଛି। ଏହାର ଖାସ୍ କଥା ହେଉଛି ବ୍ୟାକ୍ ସିଟ୍‌ଗୁଡ଼ିକରେ ଲାଉଞ୍ଜ(Lounge) ଭଳି ଆରାମ ପ୍ରଦାନ କରାଯାଇଛି। କମ୍ପାନୀ ଏହାକୁ 5-ସିଟର୍ ସେଟଅପ୍ ସହିତ ପ୍ରଦାନ କରିଛି। ଯାହା ଫଳରେ ପଛରେ ବସୁଥିବା ଯାତ୍ରୀମାନେ ଅଧିକ ସ୍ଥାନ ପାଇପାରିବେ। ଏଥିରେ ଭଏସ୍ କମାଣ୍ଡରେ ଚାଲୁଥିବା ସ୍ମାର୍ଟ ପାନୋରାମିକ୍ ସନରୁଫ୍ ଏବଂ 11.6 ଇଞ୍ଚର ରିଅର୍ ସ୍କ୍ରିନ୍ ସିଷ୍ଟମ୍ ଦିଆଯାଇଛି। ବାହାର ପଟେ ଗୋଲ୍ଡେନ୍ ବ୍ରୋଞ୍ଜ୍ କଲର, ବ୍ଲାକ୍ ଫିନିଶ୍ ଏବଂ 18 ଇଞ୍ଚର ବ୍ଲାକ୍ ଆଲଏ ହ୍ୱିଲ୍ସ ମଧ୍ୟ ଦିଆଯାଇଛି।

Creta Electric Lounge Editionକୁ Excellence Long Range ଭାରିଆଣ୍ଟରେ ପ୍ରଦାନ କରାଯାଇଛି। ଏହା ସହିତ ହୋମ୍ ଚାର୍ଜରର ଅପ୍ସନ ମଧ୍ୟ ମିଳୁଛି। ଏଥିରେ ଡ୍ୟାଶକ୍ୟାମ୍, ପଛରେ ବସୁଥିବା ଯାତ୍ରୀଙ୍କ ପାଇଁ ୱାୟାରଲେସ୍ ଚାର୍ଜର୍ ଏବଂ 11.6 ଇଞ୍ଚର ରିଅର୍ ସ୍କ୍ରିନ୍ ସିଷ୍ଟମ୍ ଦିଆଯାଇଛି। ଭିତର ପଟେ ନୂଆ ସିଟ୍, ସିଲଭର୍ ଇନସର୍ଟ୍ସ, ମୁନ୍‌ୱାଇଟ୍ ଆମ୍ବିଏଣ୍ଟ୍ ଲାଇଟ୍ ଏବଂ Lounge ବ୍ରାଣ୍ଡିଂ ଥିବା ହେଡ୍‌ରେଷ୍ଟ କୁଶନ୍ ମିଳୁଛି। ବାହାର ପଟେ ଗୋଲ୍ଡେନ୍ ବ୍ରୋଞ୍ଜ୍ କଲର ଏବଂ 17 ଇଞ୍ଚର ବ୍ଲାକ୍ ଏୟାରୋ ଆଲଏ ହ୍ୱିଲ୍ସ ଦିଆଯାଇଛି। ଯେଉଁମାନେ ଇଲେକ୍ଟ୍ରିକ୍ SUV ସହିତ ଆରାମ ଏବଂ ପ୍ରିମିୟମ୍ ଫିଚର୍ସ ଚାହୁଁଛନ୍ତି ଖାସ୍ କରି ସେହି ଲୋକମାନଙ୍କ ପାଇଁ ଏହି ମଡେଲ୍ ଭଲ ବିକଳ୍ପ ହୋଇପାରେ। Hyundaiର ଏହି ତିନୋଟି Lounge Editionରେ ପଛରେ ବସୁଥିବା ଯାତ୍ରୀମାନଙ୍କ ଆରାମ ଏବଂ ମନୋରଞ୍ଜନ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। 19.21 ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଯାହାକୁ ଫେଷ୍ଟିଭ୍ ସିଜନ୍ ପୂର୍ବରୁ କମ୍ପାନୀ ନିଜର SUVଗୁଡ଼ିକୁ ଏକ ନୂଆ ଅନ୍ଦାଜ ଦେବାକୁ ପ୍ରୟାସ କରିଛି।

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୭୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୫୮୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୭୩୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୫୮୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୮ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୭୧ ପଇସା ରହିଛି ।

ବଦଳିଲା ସରକାର, ବଦଳିଲାନି ବସ୍‌ଷ୍ଟାଣ୍ଡର ଭାଗ୍ୟ

ଯାଜପୁର,୧୩।୯ (ସଂଚାର ବ୍ୟୁରୋ): ଘୋଷଣା ପରେ ଘୋଷଣା। ଶିଳାନ୍ୟାସ ପରେ ଶିଳାନ୍ୟାସ। ଅନୁଦାନର ଅଙ୍କ ବଦଳିଲା, ପ୍ରସ୍ତାବ ବଦଳିଲା, ଜମି ଚିହ୍ନଟ ହେଲା, ଟେଣ୍ଡର ଡକାଗଲା। ଏପରିକି ରାଜ୍ୟରେ ସରକାର ମଧ୍ୟ ବଦଳିଗଲା। କିନ୍ତୁ ଯାଜପୁର ସହରବାସୀଙ୍କ ବହୁଦିନର ଆଶା— ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ— ଆଜି ବି ଅପେକ୍ଷାରେ।ଅର୍ଥ ବଦଳିଲା, ସରକାର ବଦଳିଲା; କେବଳ ବଦଳିଲାନି ବସ୍‌ଷ୍ଟାଣ୍ଡର ଭାଗ୍ୟ।

ଯାଜପୁର ଭଳି ଜିଲ୍ଲା ସଦର ମହକୁମାରେ ଦିନକୁ ଦିନ ବଢୁଛି ଜନସଂଖ୍ୟା, ଯାନବାହନ ଓ ବସ୍ ଚଳାଚଳ। ଏହା ସହିତ ବଢୁଛି ଯାତ୍ରୀଙ୍କ ଭିଡ଼ ଓ ଟ୍ରାଫିକ୍ ସମସ୍ୟା। ତଥାପି ଆଧୁନିକ ବସ୍ ଟର୍ମିନାଲ ନିର୍ମାଣ ଏବେ ବି କାଗଜପତ୍ର ଓ ଘୋଷଣାର ସୀମା ଟପିପାରିନାହିଁ।

ଯାଜପୁରରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ପ୍ରଥମ ବଡ଼ ପଦକ୍ଷେପ ନିଆଯାଇଥିଲା ୨୦୧୮ରେ। ପ୍ରାୟ ୨ କୋଟି ଟଙ୍କା ଅନୁଦାନ

ଆସିଥିବା ବେଳେ କିଆନାଳୀ ନିକଟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ଅନୁଦାନ ଆସିଥିଲେ ଏବଂ ଅର୍ଥ ଉଠାଣ ହୋଇଥିବା ନେଇ ଯଦି ରେକର୍ଡ ରହିଛି, ତେବେ ଏବେ ସବୁଠାରୁ ବଡ଼ ପ୍ରଶ୍ନ— ସେହି ଅର୍ଥର ବର୍ତ୍ତମାନ ସ୍ଥିତି କ'ଣ?

୨୦୨୧ରେ ପ୍ରକଳ୍ପକୁ ନେଇ ପୁଣି ତତ୍ପରତା ଦେଖାଯାଇଥିଲା। ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଉଦ୍ୟମରେ ବିନ୍ଧାଣ ମୌଜାରେ ପ୍ରାୟ ୪ ଏକର ଜମି ଚିହ୍ନଟ କରାଯାଇଥିଲା। ପ୍ରାୟ ୧୬ କୋଟି ଟଙ୍କା ବ୍ୟୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଟେଣ୍ଡର ମଧ୍ୟ ଡକାଯାଇଥିଲା। ଏଥର ପ୍ରକଳ୍ପ ନିଶ୍ଚିତ ଭାବେ ଆଗକୁ ବଢ଼ିବ ବୋଲି ଆଶା କରିଥିଲେ ଲୋକେ। କିନ୍ତୁ ଆଶା ପୁଣି ନିରାଶାରେ ପରିଣତ ହେଲା। ଜମି ଚିହ୍ନଟ ହେଲା, ଟେଣ୍ଡର ହେଲା; ହେଲେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡର ଚିତ୍ର ମାଟିରେ ଦେଖାଗଲା ନାହିଁ।

୨୦୨୪ରେ ଓଡ଼ିଶାରେ ରାଜନୈତିକ ପରିବର୍ତ୍ତନ ହେଲା। ଦୀର୍ଘ ୨୪ ବର୍ଷର ବିଜେଡି ଶାସନ ପରେ ବିଜେପି ସରକାର ଗଠନ କଲା। ନୂଆ ସରକାର ଆସିବା ପରେ ଯାଜପୁରବାସୀଙ୍କ ମନରେ ମଧ୍ୟ ନୂଆ ଆଶା ଜାଗିଲା। ଲୋକେ ଭାବିଥିଲେ— ପୁରୁଣା ଅଧୁରା ପ୍ରକଳ୍ପକୁ ନୂଆ ସରକାର ହାତକୁ ନେଇ ଶୀଘ୍ର ଶେଷ କରିବ।

ଚଳିତ ବର୍ଷ ଫେବ୍ରୁଆରୀ ୮ରେ ଯାଜପୁର ଜିଲ୍ଲା ମହୋତ୍ସବ ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ସହରରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ ପାଇଁ ୩୦ କୋଟି ଟଙ୍କା ମଞ୍ଜୁର ନେଇ ଘୋଷଣା କଲେ। ପୂର୍ବରୁ ୨ କୋଟି। ପରେ ୧୬ କୋଟି। ଏବେ ୩୦ କୋଟି। ଅର୍ଥର ଅଙ୍କ ବଢ଼ିଲା, ଲୋକଙ୍କ ଆଶା ବି ବଢ଼ିଲା। କିନ୍ତୁ ଏବେ ପ୍ରଶ୍ନ— ଏହି ୩୦ କୋଟିର ଘୋଷଣା କେବେ ପ୍ରକଳ୍ପର ନିର୍ମାଣ କାମରେ ପରିଣତ ହେବ?

ଅନ୍ୟପଟେ ଜାଗେଶ୍ୱରପୁରସ୍ଥିତ ବର୍ତ୍ତମାନର ବସ୍‌ଷ୍ଟାଣ୍ଡ ଉପରେ ବଢୁଛି ଚାପ। ବସ୍ ସଂଖ୍ୟା ବଢୁଛି। ଯାତ୍ରୀଙ୍କ ସଂଖ୍ୟା ବଢୁଛି। ହେଲେ ସେହି ଅନୁପାତରେ ଯାତାୟାତ ବ୍ୟବସ୍ଥାର ବିକାଶ ହୋଇନାହିଁ। ଏପରିକି ଅନେକ ବସ୍ ବସ୍‌ଷ୍ଟାଣ୍ଡ ଭିତରକୁ ନଯାଇ କୁସୁମା ନିକଟ, ରିଂରୋଡ୍ ବନ୍ଧ, ଥାନା ସମ୍ମୁଖ ରାସ୍ତାକଡ଼ ଓ ମେଡିକାଲ ଛକ ଭଳି ସ୍ଥାନରେ ଯାତ୍ରୀ ଉଠାଇବା-ଓହ୍ଲାଇବା କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହା ଏବେ ଯାଜପୁର ସହରର ଯାତାୟାତ ବ୍ୟବସ୍ଥାର ବଡ଼ ସମସ୍ୟାରେ ପରିଣତ ହେଉଛି।

ଡକାୟତି ଯୋଜନା ମାମଲାରେ ଆଉ ଜଣେ ଗିରଫ

ସତ୍ୟବାଦୀ,୧୩।୯ (ସଂଚାର ବ୍ୟୁରୋ): ୩୧୬ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ମାଲବାହୀ ଗାଡ଼ି ଓ ପଦଚାରୀଙ୍କୁ ଡକାୟତି କରିବା ଯୋଜନା ଅଭିଯୋଗରେ ସତ୍ୟବାଦୀ ପୁଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାସୁଦେବପୁର ଗ୍ରାମର ବାପିନା ପ୍ରଧାନ ଓରଫ ବାପି (୨୬)। ସୂଚନା ଅନୁଯାୟୀ, ୨୦୨୫ ମେ' ୨୧ ତାରିଖ ରାତି ପ୍ରାୟ ୮ଟା ୧୫ରେ ସତ୍ୟବାଦୀ ଥାନାର ଏସ୍‌ଆଇ ସୁକାନ୍ତି ମୁର୍ମୁ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଏକ ଖବର ପାଇଥିଲେ। ୟୁଜିଏସ୍ କଲେଜ ପଡ଼ିଆରେ ଥିବା ଏକ ପରିତ୍ୟକ୍ତ ଘରେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ସହ ରହି ଜାତୀୟ ରାଜପଥରେ ଯାତାୟାତ କରୁଥିବା ଲୋକ ଓ ଗାଡ଼ିକୁ ଡକାୟତି କରିବା ପାଇଁ ଯୋଜନା କରୁଥିବା ନେଇ ପୁଲିସ ସୂଚନା ପାଇଥିଲା। ଏହି ମାମଲାରେ ଜଗନ୍ନାଥ ଜେନା ଓରଫ ଜଗା, ନୀଳକଣ୍ଠ ଜେନା ଓରଫ ବଟୁଆ, ଆକାଶ ବିଶ୍ୱାଳ, ସୁକାନ୍ତ ପ୍ରଧାନ ଓରଫ ସୁକା ଏବଂ କାଳିଆ ଓରଫ ରଞ୍ଜିତ ମହାପାତ୍ରଙ୍କୁ ପୂର୍ବରୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମାନ ମାମଲାରେ ବାପିନାଙ୍କ ସମ୍ପୃକ୍ତି ନେଇ ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇଛି। ଏନେଇ ସତ୍ୟବାଦୀ ଥାନାରେ ମାମଲା ନଂ ୧୬୫/୨୦୨୫ ରୁଜୁ ହୋଇଥିବାବେଳେ ବିଏନ୍‌ଏସ୍‌ର ଧାରା ୩୧୦(୪), ୩୧୦(୫) ଏବଂ ଆର୍ମ୍ସ ଆକ୍ଟର ଧାରା ୨୫ ଅନୁଯାୟୀ ମାମଲା ଚାଲିଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ସତ୍ୟବାଦୀ ଥାନାରେ ଏକ ମାମଲା ଥିବା ପୁଲିସ ସୂଚନା ଦେଇଛି।

ଝିଅ ଘରକୁ ଯାଇଥିବାର ସୁଯୋଗ ନେଇ କଳାକନା ବୁଲାଇଲେ ଚୋର

ବୈଶିଙ୍ଗା,୧୩।୯ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ଗ୍ରାମରେ ଜନୈକ ବ୍ୟକ୍ତି ତାଙ୍କ ଝିଅ ଘରକୁ ବୁଲିବାକୁ ଯାଇଥିବା ସୁଯୋଗରେ ଘରେ ପଶି ଲୁଟ୍ କରିଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ମୁତାବକ ଦୟାନିଧି ଦାଶ ସପରିବାର ବସ୍ତା ଥାନା ଅର୍ନ୍ତଗତ ସଦାନନ୍ଦପୁର ଠାରେ ଥିବା ତାଙ୍କ ଝିଅ ଘରକୁ ଯାଇଥିଲେ। ଘରେ ତାଙ୍କ ଅନୁପସ୍ଥିତିରେ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ରାତିରେ ତାଙ୍କ ଘରେ ଶୋଇବାକୁ ଦାୟିତ୍ୱ ଦେଇଥିଲେ। ହେଲେ ଶୁକ୍ରବାର ରାତି ପ୍ରାୟ ଦଶଟା ସମୟରେ ସେ ଶୋଇବାକୁ ଆସିବା ବେଳକୁ ଘର ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ଯାଇଥିବା ଏବଂ ଭିତରେ ମଧ୍ୟ ସବୁ ଘର ଖୋଲାଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବରପାଇ ତାଙ୍କ ଜ୍ୱାଇଁ ଅଂଶୁମାନ ତ୍ରିପାଠୀ ପହଞ୍ଚିଥିଲେ ଏବଂ ପୁଲିସକୁ ଖବର ଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ବୈଶିଙ୍ଗା ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ଅଶୋକ କୁମାର ପାତ୍ର ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତେବେ ଦୁର୍ବୃତ୍ତମାନେ ଘରେ ଥିବା ନଗଦ ୨୫ ହଜାର ଟଙ୍କା ଚୋରି କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଶନିବାର ବାରିପଦାରୁ ଫରେନସିକ ଟିମ୍ ଓ ଡଗ୍ ସ୍କ୍ୱାଡ ପହଞ୍ଚି ଘଟଣାର ଛାନଭିନ୍ କରିଥିଲେ ହେଁ କୌଣସି ସୁରାକ ମିଳିପାରିନାହିଁ । ଏହାକୁ ନେଇ ପୋଲିସ ପକ୍ଷରୁ ୪୬୫ / ୨୬ ନଂ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି ।

ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପର ରାସ୍ତା କାମ ନିମ୍ନମାନର ଅଭିଯୋଗ

ବାଲିଆପାଳ,୧୩।୯ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମପଂଚାୟତର ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପରୁ ଆସିଥିବା ଖଗଡାପାଳ ଗ୍ରାମର ବାବୁଲାଲ ମଣ୍ଡଳ ଘର ପାଖରୁ ଜନ୍ମଜୟ ସାହୁ ଘର ପ୍ରଯ୍ୟନ୍ତ ହୋଇଥିବା କଂକ୍ରିଟ ରାସ୍ତା ଅଟକଳ ମୂଲ୍ୟ ଚାରି ଲକ୍ଷ ଟଙ୍କାର କାମ ହୋଇଛି। ମାତ୍ର କାମ ଯେତିକି ହେବ କଥା ସେତିକି ହୋଇନାହିଁ। ଏବଂ ଯେଉଁ ଭାଗରେ ସିମେଣ୍ଟ ଦବାକଥା ଦିଆଯାଇନାହିଁ। ଏହି କାମ କରିବା ବେଳେ ଢଳାଇର ଉଚ୍ଚତା ନିମ୍ନମାନର କାମ ହୋଇଥିବାରୁ ଏ ନେଇ ମଧୁପୁରା ଗ୍ରାମର ଗ୍ରାମବାସୀ ପଦ୍ମଲୋଚନ ପଟ୍ଟନାୟକ, ବସନ୍ତ ଦାସ, ଶ୍ୟାମସୁନ୍ଦର ଦାସ ପ୍ରଦୀପ କୁମାର ସାହୁ ପ୍ରମୁଖ ବାଲିଆପାଳ ବ୍ଲକ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାର ସରଜମୀନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

ଗଣେଶ ପୂଜା ଓ ପାର୍ବଣ ପାଇଁ ବାଲିକୁଦା ପୁଲିସର କଡ଼ା ପ୍ରସ୍ତୁତି

ଭସାଣିରେ ଡିଜେ ନିଷେଧ, ନିୟମ ଉଲ୍ଲଙ୍ଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ବାଲିକୁଦା, ୧୩।୯ (ସଂଚାର ବ୍ୟୁରୋ): ଗଣେଶ ପୂଜା ଓ ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଜଗତସିଂହପୁର ଜିଲ୍ଲା ବାଲିକୁଦା ପୁଲିସ ପକ୍ଷରୁ ପ୍ରସ୍ତୁତି ଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ବିଭିନ୍ନ ପୂଜା କମିଟିର ମୁଖ୍ୟ ଓ କର୍ମକର୍ତ୍ତାମାନଙ୍କୁ ଡାକି ପୁଲିସ ପକ୍ଷରୁ ବିଭିନ୍ନ ନିୟମ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଛି।

ଗଣେଶ ପୂଜା ଭସାଣି ଉତ୍ସବରେ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବା ବେଳେ ଏହା ବଦଳରେ ବ୍ରାସ୍ ବ୍ୟାଣ୍ଡ ବ୍ୟବହାର କରିପାରିବେ ବୋଲି ଥାନାର ଅତିରିକ୍ତ ଭାରପ୍ରାପ୍ତ ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏଥିସହିତ ସମ୍ପୂର୍ଣ୍ଣ ଡିଜେ ସେଟ୍‌ଅପ୍ ବ୍ୟବହାର ନକରି ସୀମିତ ଭାବେ ଚାରିଟି ସ୍ପିକରରେ ସ୍ୱଳ୍ପ ଶବ୍ଦରେ ଧ୍ୱନି ବ୍ୟବହାର କରିବାକୁ ବିଭିନ୍ନ ପୂଜା କମିଟିକୁ ପରାମର୍ଶ ଦିଆଯାଇଛି। ଅତ୍ୟଧିକ ଶବ୍ଦ ପ୍ରଦୂଷଣ ଯୋଗୁଁ ବୟସ୍କ ବ୍ୟକ୍ତି ଓ ହୃଦ୍‌ରୋଗୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଶବ୍ଦ ନିୟନ୍ତ୍ରଣ ଉପରେ ପୋଲିସ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଅନ୍ୟପକ୍ଷରେ, ବାଲିକୁଦା ଅଞ୍ଚଳରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ୨୨ ଜଣଙ୍କ ନାମରେ ବିଏନଏସଏସ୍ ଧାରା ୧୨୯ ଅନୁଯାୟୀ ନୋଟିସ୍ ଜାରି କରାଯାଇଛି। ଗଣେଶ ପୂଜା ଓ ପାର୍ବଣ ଋତୁରେ ଯେପରି କୌଣସି ପ୍ରକାର ଅପରାଧିକ କାର୍ଯ୍ୟକଳାପ କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି ବୋଲି ଥାନାର ଭାରପ୍ରାପ୍ତ ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।

ଭସାଣି ଉତ୍ସବ ସମୟରେ କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ନକରିବାକୁ ପୂଜା କମିଟି ଓ ଯୁବକମାନଙ୍କୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏଥିସହିତ ନିର୍ଦ୍ଦେଶ ଉଲ୍ଲଂଘନ କରି ଡିଜେ ବ୍ୟବହାର କଲେ ସମ୍ପୃକ୍ତ ଡିଜେ ଜବତ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲିକୁଦା ପୁଲିସ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି।

ଆଶା ଦିଦିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୋରିଗୁମ୍ଫା,୧୩।୯ (ସଂଚାର ବ୍ୟୁରୋ): ବୋରିଗୁମ୍ଫା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ବି. ସିଂହପୁର ସେକ୍ଟରର ଦୁଇ ଜଣ ଆଶା କର୍ମୀଙ୍କୁ ୧୧.୦୯.୨୬ ରିଖ ଦିନ ସ୍ଥାନୀୟ ବି.ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅଓ୍ୱସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଅଛି। ଗୁଜୁନିଗୁଡ଼ାର ଆଶା କର୍ମୀ ପଦ୍ମାଳୟା ପଟ୍ଟନାୟକ ଏବଂ ବି.ସିଂହପୁର ର ଆଶା କର୍ମୀ ସରସ୍ୱତୀ ଦାଶ ଉଭୟେ ନିଜ ନିଜ କର୍ମମୟ ଜୀବନ ରୁ ଅବସର ନେଇଛନ୍ତି। ସରସ୍ୱତୀ ଦାଶ ଏବଂ ପଦ୍ମାଳୟା ପଟ୍ଟନାୟକ ଉଭୟେ ୨୦୦୬ ମସିହା ଠାରୁ ଦୀର୍ଘ ୨୦ ବର୍ଷ କାଳ ଆଶା କର୍ମୀ ଭାବରେ ନିୟୋଜିତ ଥିଲେ।

ନିଜ ନିଜ ଅଞ୍ଚଳରେ ବିପନ୍ନ ପରିସ୍ଥିତିରେ ମଧ୍ୟ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇ ବାରେ ଏମାନେ ପଛେଇ ନଥିଲେ। ପ୍ରତ୍ୟେକ କାର୍ଯ୍ୟକୁ ନିଷ୍ଠାପର ଓ ସମର୍ପିତ ମନଭାବ ସହିତ ସେବା କରି ଲୋକଙ୍କ ବିଶ୍ୱାସ ଭାଜନ ହୋଇ ପାରିଥିଲେ। ଦୀର୍ଘ ୨୦ ବର୍ଷ ଧରି ନିସ୍ୱାର୍ଥପର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ରେ ନିଜକୁ ସମର୍ପିତ କରି ଲୋକଙ୍କ ମନରେ ଆଶା ଓ ଭରସାର ପାତ୍ର ହୋଇ ପାରିଥିଲେ।

ଏହି ଅବସରରେ ଦୁଇ ଆଶା କର୍ମୀଙ୍କୁ ଅବସର ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ବିଦାୟକାଳୀନ ସଭାରେ ବୋରିଗୁମ୍ଫାର ମେଡିକାଲ୍ ଅଫିସର୍ ଡ଼ା ଅକ୍ଷୟ କମାର କୁଣ୍ଡୁ, ଡାକ୍ତର ଗୌରବ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ ସଂଘର ସଭାପତି ଝିମିମା ଖରାଙ୍କ ସହିତ ସମସ୍ତ ଆଶାକର୍ମୀଗଣ ଉପସ୍ଥିତ ଥିଲେ।

ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ବୋରିଗୁମ୍ଫା,୧୩।୯ (ସଂଚାର ବ୍ୟୁରୋ): ବୋରିଗୁମ୍ଫା କୋଟପାଡ଼ ରୋଡ ସ୍ଥିତ ମା ଭୈରବି ଦୁର୍ଗା ପୂଜା କମିଟି ର ଅଷ୍ଟମ ତମ ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି ।ବୈଠକ ରେ ପୂର୍ବ ବର୍ଷ ର ଆୟବ୍ୟୟ ର ହିସାବ ନିକାସ କରା ଯାଇଥିଲା। ପରେ ଚଳିତ ବର୍ଷର ପୂଜା କିପରି ସୁରୁଖୁରୁରେ ପାଳିତ ହେବ ତାହା ଉପରେ ଆଲୋଚନା କରାଯାଇଥିଲା ।ଏହି ବର୍ଷ ପୂଜା ରେ ମହାସପ୍ତମୀ ଦିନ ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବୈଠକରେ ଆଲୋଚନା ହେଇଥିଲା । ସଭାପତି ପାଇଁ ପ୍ରସାଦ ବିଡ଼ିକା, ଉପ ସଭାପତି ପାଇଁ ବୁଢା ବିଶୋଇ, ବିଜୟ ଭାସ୍କର ରାଓ,ଚନ୍ଦନ ରାଓ,ସମ୍ପାଦକ ରୂପେ ପ୍ରସାଦ ସାହୁ,ସହ ସମ୍ପାଦକ ପୂର୍ଣ ପ୍ରକାଶ ମାଳି, ମନୋଜ ସାଗର, ମନୀଷ ପାଣିଗ୍ରାହୀ, କୋଷଧକ୍ଷ ଭାବେ ବାପି ପାଣିଗ୍ରାହୀ, ଆଦିତ୍ୟ ମହାନ୍ତି, ଶିବାଜୁ ପାଣିଗ୍ରାହୀ ମନୋନୀତ ହୋଇଥିଲେ । ବୈଠକ ଶେଷରେ କମିଟିର ବରିଷ୍ଠ ସଦସ୍ୟ ରାକେଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

୧୭ରୁ ବିଜେପି ପକ୍ଷରୁ ସେବା ସଂକଳ୍ପ ଅଭିଯାନ

କେନ୍ଦ୍ରାପଡ଼ା,୧୩।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ବିଜେପି ପକ୍ଷରୁ ୧୭ ସେପ୍ଟେମ୍ବର ରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ଦୀର୍ଘ ୧ ମାସ ଧରି ସେବା ସଂକଳ୍ପ ଅଭିଯାନର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ ଓ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ବିସ୍ତୃତ ଭାବେ କାର୍ଯ୍ୟକ୍ରମ ଗୁଡିକର ସୂଚନା ଦେଇଛନ୍ତି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀ ୭ ଅକ୍ଟୋବର ୨୦୦୧ରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୪ ରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ସେବେଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ ଧରି ଜନସେବା ଓ ସୁଶାସନର ନିରନ୍ତର ଯାତ୍ରା ଅବ୍ୟାହତ ରହିଛି।

ସେବା, ସମର୍ପଣ ଓ ଜନ କଲ୍ୟାଣର ଏହି ଅତୁଟ ସଂକଳ୍ପ ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବର ୨୦୨୬ ରୁ ୧୭ ଅକ୍ଟୋବର ୨୦୨୬, ୧ ମାସ ଧରି ଏହି ସଂକଳ୍ପ ଯାତ୍ରା ନର ସେବାହିଁ ନାରାୟଣ ସେବା ସମଗ୍ର ଦେଶରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମ ଭିତରେ ଆଶୀର୍ବାଦର ଦୀପ ପ୍ରତି ଘରେ ପ୍ରଜ୍ୱଳନ କରାଯିବ । ଏହା ସହ ମୋ ସ୍ୱପ୍ନର ଭାରତ ଚିତ୍ର ସେବା, ନମୋ ସେବା-ଅକୁହା କାହାଣୀ, ଆଙ୍ଗନ ମିଳନ ସେବା କାର୍ଯ୍ୟକ୍ରମ, ସେବାର କାହାଣୀ, ସେବା ଜ୍ୟୋତି କଳସ ଯାତ୍ରା, ସେବାରେ ମୋର ଯୋଗଦାନ, ସେବା ସେତୁ ଅଭିଯାନ, ରଙ୍ଗୋଲି ରାଷ୍ଟ୍ର, ୱାଡନଗର-ବାରାଣାସୀ ଯାତ୍ରା, ସେବା ଫାଷ୍ଟ ଇନୋଭେସନ ଚ୍ୟାଲେଂଚ ଓ ସୁଶାସନ ସେବା ସମ୍ବାଦ ପ୍ରଭୃତି ୧୨ଟି ବିଭାଗରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ର

SANCHAR
ସଂଚାର
ସୋମବାର ୧୪ ସେପ୍ଟେମ୍ବର ୨୦୨୬

ପେଟ ଗରମରୁ ମୁକ୍ତିଦିଏ ମସଲା

ଆଜିକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ବର୍ଦ୍ଧିତ ଗରମ ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ହ୍ରାସ ପାଏ, ଯାହା ଫଳରେ ଥକାପଣ, ପେଟ ପୋଡ଼ିବା, ଦୁର୍ବଳତା, ମୁଣ୍ଡ ବିନ୍ଧା ଏବଂ ଗାଢ଼ ହଳଦିଆ ପରିସ୍ରା ଭଳି ଲକ୍ଷଣ ଦେଖାଯାଏ। ଏହାକୁ ଏଡାଇବା ପାଇଁ, ଦିନସାରା ପାଣି ପିଅନ୍ତୁ। ପାଣି ବ୍ୟତୀତ, ଆପଣଙ୍କ ଖାଦ୍ୟରେ ଏମିତି କିଛି ମସଲା ସାମିଲ କରନ୍ତୁ। ଏହି ମସଲା ମିଶ୍ରିତ ପାଣି ପିଇବା ଦ୍ୱାରା ଡିହାଇଡ୍ରେସନ ରୋକିବାରେ ସାହାଯ୍ୟ ମିଳିବ। ଆସନ୍ତୁ ଜାଣିବା ସେହି ମସଲାଗୁଡ଼ିକ କ'ଣ।

ପାନମହୁରି: ପାନମହୁରି ଶରୀରକୁ ଥଣ୍ଡା କରିବା, ପେଟର ଗରମକୁ କମାଇବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବା ପାଇଁ ଜଣାଶୁଣା। ଗ୍ରୀଷ୍ମ ଋତୁରେ ଏହାକୁ ସେବନ କରିବା ଦ୍ୱାରା ଅଂଶୁଘାତକୁ ଏଡାଇବା ଏବଂ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ।

ଧନିଆ ବିହନ: ଧନିଆ ମଧ୍ୟ ଶରୀରରେ ପିତ୍ତ ଏବଂ ଉତ୍ତାପକୁ ଶାନ୍ତ କରିବା ପାଇଁ ଏକ ଆୟୁର୍ବେଦିକ ଉପଚାର। ଏହାକୁ ସେବନ କରିବା ଦ୍ୱାରା ପେଟର ଜ୍ୱଳନ ହ୍ରାସ ହୁଏ, ପାଚନ ଶକ୍ତି ଉନ୍ନତ ହୁଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୁଏ।

ଗୁଜୁରାତି: ଗ୍ରୀଷ୍ମ ଋତୁରେ ଗୁଜୁରାତି ଶରୀରକୁ ଥଣ୍ଡା କରେ। ଏହା ଏସିଡିଟି, ପେଟ ଫୁଲିବା ଏବଂ ପାଚନ ସମସ୍ୟାରୁ ମୁକ୍ତି ଦେଇଥାଏ ଏବଂ ଏହାକୁ ସବୁ ଋତୁରେ ସେବନ କରାଯାଇପାରିବ।

ପୁଦିନା: ପୁଦିନାର ଏକ ଶୀତଳତା ପ୍ରଭାବ ମଧ୍ୟ ଅଛି, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିବା ଏବଂ ପେଟର ଗରମକୁ ଶାନ୍ତ କରିବା ପାଇଁ ଉତ୍କୃଷ୍ଟ। ଏଥିରେ ମେନ୍ଥଲ ନାମକ ଏକ ଉପାଦାନ ଥାଏ, ଯାହା ପେଟ ଯନ୍ତ୍ରଣା, ଏସିଡିଟି, ବଦହଜମୀ ଏବଂ ଗ୍ୟାସରୁ ତୁରନ୍ତ ଆରାମ ପ୍ରଦାନ କରେ।

ଆମଚୁର: ଆମଚୁର ମସଲା ପାଚନ ପ୍ରକ୍ରିୟାକୁ ଉନ୍ନତ କରିବାରେ, ପେଟ ଫୁଲିବା ହ୍ରାସ କରିବାରେ ଏବଂ ଭୋକ ବୃଦ୍ଧି କରିବାରେ ସାହାଯ୍ୟ କରେ। ଆୟୁର୍ବେଦରେ, ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଗୁଣ ଯୋଗୁଁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

ଘରୋଇ ଉପଚାରରେ ପାଇଲ୍‌ସରୁ ମୁକ୍ତି ମିଳେ

ଆଜିକାଲି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଖାଦ୍ୟପେୟ ଯୋଗୁ ଅର୍ଶ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅର୍ଶ ବା ପାଇଲ୍ସ ଏକ ସାଧାରଣ କିନ୍ତୁ ଯନ୍ତ୍ରଣାଦାୟକ ଅବସ୍ଥା ଯାହା ମଳଦ୍ୱାରରେ କିମ୍ବା ଏହାର ଆଖପାଖରେ ଶିରା ଫୁଲିଯାଏ। ଏହା ଝାଡ଼ା ସମୟରେ ଯନ୍ତ୍ରଣା ଏବଂ କେତେକ ସମୟରେ ରକ୍ତସ୍ରାବ ମଧ୍ୟ କରେ। ଦୀର୍ଘ ସମୟ ଧରି କୋଷ୍ଠକାଠିନ୍ୟ, ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ, ଅଳ୍ପ ପାଣି ପିଇବା ଏବଂ ଦୀର୍ଘ ସମୟ ଧରି ବସି ରହିବା ହେଉଛି ଅର୍ଶର ମୁଖ୍ୟ କାରଣ। ଏହାହେଲେ ଡାକ୍ତରମାନେ ପ୍ରାୟତଃ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଅନ୍ତି, କିନ୍ତୁ ଆୟୁର୍ବେଦ କିଛି ସରଳ ଏବଂ ପ୍ରଭାବଶାଳୀ ପ୍ରତିକାର ପ୍ରଦାନ କରେ। ବାବା ରାମଦେବଙ୍କ ଦ୍ୱାରା ସୁପାରିଶ କରାଯାଇଥିବା କିଛି ଘରୋଇ ଉପଚାର ବିଷୟରେ ଆମେ ଆପଣଙ୍କୁ କହିବୁ।

ଗାଈ କ୍ଷୀର ଏବଂ ଲେମ୍ବୁ ସହିତ ୩ ଦିନରେ ଆରାମ: ଯୋଗ ଗୁରୁ ବାବା ରାମଦେବ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ଏକ ଭିଡିଓରେ ଶେୟାର କରିଛନ୍ତି ଯେ ଅର୍ଶ ବା ପାଇଲ୍ସରୁ ମୁକ୍ତି ପାଇବା ପାଇଁ କିଛି ଘରୋଇ ଉପଚାର ବହୁତ ପ୍ରଭାବଶାଳୀ। ପ୍ରଥମ ଉପଚାର ହେଉଛି ଗାଈ କ୍ଷୀର। ଏକ କପ ସ୍ଥାନୀୟ ଗାଈ କ୍ଷୀର ନିଅନ୍ତୁ ଏବଂ ଏହାକୁ ଫୁଟାନ୍ତୁ। କ୍ଷୀରକୁ ଉଷୁମ ହେବାକୁ ଦିଅନ୍ତୁ, ତାପରେ ଏଥିରେ ଅଧା ଲେମ୍ବୁ ଚିପୁଡ଼ି ପିଅନ୍ତୁ। ଏହି ଉପଚାର ସକାଳେ ଖାଲି ପେଟରେ ଲଗାତାର ତିନି ଦିନ ପର୍ଯ୍ୟନ୍ତ ଅନୁସରଣ କରନ୍ତୁ। ଲେମ୍ବୁ ସହିତ କ୍ଷୀର ପିଇବା ଦ୍ୱାରା ଅର୍ଶ, ରକ୍ତସ୍ରାବ ଅର୍ଶ ଏବଂ ଫିଷ୍ଟୁଲାରୁ ଆରାମ ମିଳିଥାଏ। ପ୍ରଥମ ଦିନରୁ ଝାଡ଼ା ସମୟରେ ରକ୍ତସ୍ରାବ କମିପାରେ। ଏହି ଉପଚାର ଶତାବ୍ଦୀ ଧରି ଅର୍ଶ ପାଇଁ ବ୍ୟବହାର ହୋଇଆସୁଛି। କଦଳୀ ଏବଂ କର୍ପୂର ଉପଚାର: ଯଦି ଆପଣଙ୍କର ଗାଈ କ୍ଷୀର ନାହିଁ, ତେବେ ଆଉ ଏକ ସହଜ ଉପଚାର ଅଛି। ଏକ କଦଳୀ ନିଅନ୍ତୁ, ଏକ ଖଣ୍ଡ ଭାଙ୍ଗି ସେଥିରେ ମଟର ଆକାରର କର୍ପୂର ଚାପି ଦିଅନ୍ତୁ। କଦଳୀକୁ ସିଧାସଳଖ ଗିଳି ଦିଅନ୍ତୁ; କୌଣସି ପ୍ରକାରର ଚୋବାଇ ଖାଇବା ଆବଶ୍ୟକ ନାହିଁ। ଏହି ଉପଚାର ତିନି ଦିନ ମଧ୍ୟରେ ଅର୍ଶରୁ ମଧ୍ୟ ମୁକ୍ତି ଦେଇପାରେ ଏବଂ ପ୍ରଥମ ଦିନରୁ ଲାଭ ଦୃଶ୍ୟମାନ ହୁଏ। ବଜାରରେ ମିଳୁଥିବା ରାସାୟନିକ ଯୁକ୍ତ କର୍ପୂର ବ୍ୟବହାର କରନ୍ତୁ ନାହିଁ; ସର୍ବଦା ଭଲ କର୍ପୂର ବ୍ୟବହାର କରନ୍ତୁ।

ପେଟ ସଫା କରିବା ଏବଂ ଆୟୁର୍ବେଦିକ ଔଷଧି: ଅର୍ଶ ରୋକିବା ପାଇଁ ପେଟ ସଫା ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାବା ରାମଦେବ ରାତିରେ ଉଷୁମ ପାଣି ସହିତ ତ୍ରିଫଳା ପାଉଡର ଖାଇବାକୁ ପରାମର୍ଶ ଦିଅନ୍ତି। ଏହା ସହିତ, ଦିନରେ ମାଇରୋବାଲାନ ପାଉଡର ଗ୍ରହଣ କରିବା ମଧ୍ୟ ପାଚନ ଶକ୍ତିକୁ ଶକ୍ତିଶାଳୀ କରେ ଏବଂ ମଳକୁ ମଜଭୁତ କରେ, ଅର୍ଶ ଯନ୍ତ୍ରଣା କମ କରେ। ଯଦି ରକ୍ତସ୍ରାବ ହୁଏ, ତେବେ ଅଶ୍ୱଗନ୍ଧା, ଗିଲୋୟ ଏବଂ ନିମର କାଢ଼ା ପିଇବା ଲାଭଦାୟକ।

ଯୋଗ ଏବଂ ନିୟମିତ ବ୍ୟାୟାମ: ଅର୍ଶ ସମସ୍ୟା କମ କରିବାରେ ମଧ୍ୟ ଯୋଗ ସହାୟକ। ପ୍ରତିଦିନ ତାଡାସନ, ମାଲାସନ ଏବଂ କପାଳଭାତି ଭଳି ଯୋଗ ଆସନ ଅଭ୍ୟାସ କରିବା ଦ୍ୱାରା ପେଟ ଖରାପ ଦୂର ହୁଏ, ପାଚନ କ୍ରିୟାକୁ ଦୃଢ଼ କରାଯାଏ ଏବଂ ଧୀରେ ଧୀରେ ଅର୍ଶ ହ୍ରାସ ହୁଏ। ଅର୍ଶ କେବଳ ଏକ ଶାରୀରିକ ସମସ୍ୟା ନୁହେଁ ବରଂ ଏକ ଜୀବନଶୈଳୀ ସମସ୍ୟା। ବାବା ରାମଦେବଙ୍କ ଏହି ଉପଚାରଗୁଡ଼ିକ ପ୍ରାକୃତିକ, ଘରୋଇ ଏବଂ ପ୍ରଭାବଶାଳୀ। ଗାଈ କ୍ଷୀର ଏବଂ ଲେମ୍ବୁ, କଦଳୀ ଏବଂ କର୍ପୂର, ତ୍ରିଫଳା-ହରଡ ଏବଂ ନିୟମିତ ଯୋଗ ଅଭ୍ୟାସ ସହିତ, ଆପଣ ମାତ୍ର ତିନି ଦିନରେ ଅର୍ଶରୁ ମୁକ୍ତି ପାଇପାରିବେ। ଏହି ସମସ୍ୟାକୁ ରୋକିବା ପାଇଁ ପେଟ ସଫା ରଖିବା, ସନ୍ତୁଳିତ ଖାଦ୍ୟ ଖାଇବା ଏବଂ ଏକ ଉପଯୁକ୍ତ ଦିନ ବଜାୟ ରଖିବା ଅତ୍ୟନ୍ତ ଜରୁରୀ।

ଭୃଷଙ୍ଗ ପତ୍ର ଶରୀର ପାଇଁ ସ୍ୱାସ୍ଥ୍ୟପ୍ରଦ

ଭୃଷଙ୍ଗ ପତ୍ର କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରିବା ପାଇଁ ନୁହେଁ, ବରଂ ଶତାବ୍ଦୀ ଧରି ଆୟୁର୍ବେଦିକ ଏବଂ ଘରୋଇ ଉପଚାରରେ ମଧ୍ୟ ବ୍ୟବହୃତ ହୋଇଆସୁଛି। ଭିଟାମିନ୍ ଏ, ବି, ସି, କ୍ୟାଲସିୟମ୍, ଲୌହ ଏବଂ ଆଣ୍ଟିଅକ୍ସିଡାଣ୍ଟ ସମେତ ଏହାର ପୁଷ୍ଟିକର ତତ୍ତ୍ୱ ଏହାକୁ ଏକ ସୁପରଫୁଡ୍ କରିଥାଏ। ଏହା ବ୍ୟତୀତ, ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟାରୀ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଡାଇବେଟିକ୍ ଗୁଣ ରହିଛି, ଯାହା ଶରୀରକୁ ଭିତରୁ ଶକ୍ତିଶାଳୀ କରିଥାଏ। ଭୃଷଙ୍ଗ ପତ୍ର ପ୍ରାକୃତିକ ଭାବରେ ପାଚନ ଏନଜାଇମଗୁଡ଼ିକୁ ସକ୍ରିୟ କରିଥାଏ। ସକାଳେ ଖାଲି ପେଟରେ ଏହାକୁ ଚୋବାଇ ଖାଇବା ଦ୍ୱାରା ଆପଣଙ୍କ ପାଚନ ତନ୍ତ୍ର ସୁସ୍ଥ ରୁହେ। ଏହା ଗ୍ୟାସ୍, କୋଷ୍ଠକାଠିନ୍ୟ ଏବଂ ପେଟ ଫୁଲିବାରୁ ମଧ୍ୟ ମୁକ୍ତି ଦେଇପାରେ। ଏହାକୁ ଆପଣଙ୍କ ପେଟ ପାଇଁ ଏକ ପ୍ରାକୃତିକ ୱାର୍ମ-ଅପ୍ ଭାବରେ ବିବେଚନା କରନ୍ତୁ। ଭୃଷଙ୍ଗ ପତ୍ରରେ ଭରପୁର ପରିମାଣରେ ଫାଇବର ଏବଂ ଆଲକାଲଏଡ୍ ରହିଥାଏ, ଯାହା ଶରୀରକୁ ବିଷମୁକ୍ତ କରିବାରେ ଏବଂ ଅତିରିକ୍ତ ଚର୍ବି କମ୍ କରିବାରେ ସାହାଯ୍ୟ କରେ। ପ୍ରତିଦିନ ସକାଳେ ଏହାକୁ ଖାଇବା ଦ୍ୱାରା ମେଟାବୋଲିଜିମ୍ ଉନ୍ନତ ହୋଇଥାଏ ଏବଂ ଓଜନ ପରିଚାଳନା ସହଜ ହୋଇଥାଏ। ଭୃଷଙ୍ଗ ପତ୍ରର ସବୁଠାରୁ ଜଣାଶୁଣା ଲାଭ ହେଉଛି କେଶ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରୋଟିନ୍ ମୁଣ୍ଡକୁ ପୋଷଣ ଦିଏ, କେଶ ଝଡ଼ିବା କମ କରେ ଏବଂ ଧଳା ହେବା ମଧ୍ୟ କମ୍ କରିପାରେ। ଖାଲି ପେଟରେ ନିୟମିତ ଭାବରେ ଏହାକୁ ଖାଇବା ଦ୍ୱାରା କେଶ ଭିତରୁ ମଜବୁତ ହୁଏ। ମଧୁମେହ କିମ୍ବା ପ୍ରିଡାଇବେଟିସ୍ ଥିବା ଲୋକଙ୍କ ପାଇଁ ଭୃଷଙ୍ଗ ପତ୍ର ଏକ ପ୍ରକୃତ ଔଷଧ। ଏହା ଇନସୁଲିନର କାର୍ଯ୍ୟ କରିବାର କ୍ଷମତାକୁ ବୃଦ୍ଧି କରେ ଏବଂ ରକ୍ତରେ ଶର୍କରା ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ସକାଳେ ଏହାକୁ ଚୋବାଇ ଖାଇବା ଦ୍ୱାରା ସାରା ଦିନ ରକ୍ତରେ ଶର୍କରା ନିୟନ୍ତ୍ରଣ ରହିବାର ସମ୍ଭାବନା ବଢ଼ିପାରେ। ଭୃଷଙ୍ଗ ପତ୍ର କୋଲେଷ୍ଟ୍ରଲ ଏବଂ ଟ୍ରାଇଗ୍ଲିସେରାଇଡ୍ସକୁ କମ କରିବାରେ ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ହୃଦରୋଗ ନଳୀରେ ପ୍ରଦାହ କମ୍ କରେ ଏବଂ ହୃତପିଣ୍ଡକୁ ମଜବୁତ କରେ। ଏହାର ନିୟମିତ ସେବନ ଦୀର୍ଘକାଳୀନ ହୃଦରୋଗ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରିପାରେ। ଭୃଷଙ୍ଗ ପତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାର କ୍ଷମତା। ଏହା ଯକୃତ ଏବଂ ରକ୍ତକୁ ଶୁଦ୍ଧ କରିଥାଏ, ଯାହା ଶରୀରକୁ ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରାଇଥାଏ।

କମ୍ ବୟସରେ ମେରୁଦଣ୍ଡ ଯନ୍ତ୍ରଣା

ପୂର୍ବରୁ ବୃଦ୍ଧାବସ୍ଥାର ରୋଗ ବୋଲି ପରିଗଣିତ ହେଉଥିବା ସ୍ଲିପ୍ ଡିସ୍କ ଓ ଦୀର୍ଘକାଳୀନ ପିଠି-ବେକ ଯନ୍ତ୍ରଣା ଏବେ ଅଳ୍ପ ବୟସର ଯୁବକଯୁବତୀଙ୍କୁ ଶିକାର କରୁଛି। ଯୁବ ବୟସରେ ଅନେକଙ୍କୁ ସ୍ଲିପ୍ ଡିସ୍କ ହେବା ପରି ଘଟଣା, ଦେଶରେ ବଢୁଥିବା ଏକ ବଡ଼ ସ୍ୱାସ୍ଥ୍ୟ ସଙ୍କଟର ସୂଚନା ଦେଉଛି। ଡାକ୍ତରମାନଙ୍କ ମତରେ, ଆଧୁନିକ ଜୀବନଶୈଳୀ ଯୋଗୁଁ ଯୁବପିଢ଼ିଙ୍କ ମେରୁଦଣ୍ଡ ସେମାନଙ୍କ ପ୍ରକୃତ ବୟସ ପୂର୍ବରୁ "ଶୀଘ୍ର ବୃଦ୍ଧ" ହେବାରେ ଲାଗିଛି। ଚିନ୍ତାଜନକ ତଥ୍ୟ: ୨୦୨୩ ମଧ୍ୟରେ ଭାରତରେ ପିଠି ଯନ୍ତ୍ରଣା ମାମଲା ବୃଦ୍ଧି ପାଇଛି ଏବଂ ୧୮ରୁ ୩୮ ବର୍ଷ ବୟସ ବର୍ଗରେ ଏହାର ପ୍ରଭାବ ସର୍ବାଧିକ ରହିଛି, ଯାହାକି ଦେଶର ଉତ୍ପାଦନଶୀଳ ବର୍ଷ। ଅଧିକ ସମୟ ବସି କାମ କରିବା, ଲ୍ୟାପଟପ୍ କିମ୍ବା ସ୍ମାର୍ଟଫୋନ୍ ଆଗରେ ନଇଁ ରହିବା ଯୋଗୁଁ ଖରାପ ବସିବା ଶୈଳୀ ଏବଂ ଶାରୀରିକ ପରିଶ୍ରମର ଅଭାବ ଏହି ସମସ୍ୟାକୁ ବଢାଉଛି। 'ଗ୍ଲୋବାଲ ବର୍ଡେନ ଅଫ୍ ଡିଜିଜ୍' ଅଧ୍ୟୟନ ଅନୁଯାୟୀ, ବିଶ୍ୱସ୍ତରରେ ଅକାଳରେ ମୃତ୍ୟୁ ଏବଂ ଅକ୍ଷମତା ପାଇଁ ଦାୟୀ ଥିବା ଶୀର୍ଷ ୧୦ କାରଣ ମଧ୍ୟରେ ପିଠି ଯନ୍ତ୍ରଣା ଅନ୍ୟତମ। ୨୦୨୧ରେ ବିଶ୍ୱର ସମସ୍ତ ମେରୁଦଣ୍ଡ ଆଘାତର ୧୫% ଭାରତରେ ଥିଲା। ଏହି ସଙ୍କଟ ସତ୍ତ୍ୱେ, ମେରୁଦଣ୍ଡ ଚିକିତ୍ସାରେ ନୂତନତା ଆସିଛି। ଅତି କମ୍ କଟା ହେଉଥିବା ଅସ୍ତ୍ରୋପଚାର, ରୋବୋଟିକ୍ସ ଏବଂ ଷ୍ଟେମ୍ ସେଲ୍ ଥେରାପି ଭଳି ଆଧୁନିକ ଚିକିତ୍ସା ପଦ୍ଧତି କମ୍ ଯନ୍ତ୍ରଣା, ଦ୍ରୁତ ଆରୋଗ୍ୟ ଏବଂ ଅନେକ କ୍ଷେତ୍ରରେ ଅସ୍ତ୍ରୋପଚାରରୁ ମୁକ୍ତି ଦେଉଛି। ଏହା ସହିତ ଯୋଗ-ଆଧାରିତ ହୋଲିଷ୍ଟିକ୍ ଚିକିତ୍ସା ମଧ୍ୟ ସ୍ଥାୟୀ ସ୍ୱାସ୍ଥ୍ୟ ପାଇଁ ସହାୟକ ହେଉଛି।

ଫୁସଫୁସ କ୍ୟାନ୍ସର୍‌ର ପ୍ରାରମ୍ଭିକ ଲକ୍ଷଣ ଜଣାପଡ଼େ ଆଙ୍ଗୁଠି ଓ ନଖରୁ

ଫୁସଫୁସ କର୍କଟକୁ ବିଶ୍ୱର ସବୁଠାରୁ ମାରାତ୍ମକ କର୍କଟ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, କାରଣ ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରାୟତଃ ହାଲୁକା ଏବଂ ପ୍ରାୟତଃ ଅଣଦେଖା କରାଯାଏ। ଏହାକୁ ସମୟ ମଧ୍ୟରେ ଚିହ୍ନଟ କରିବା କଷ୍ଟକର । ତେଣୁ ଛୋଟ ଛୋଟ ଲକ୍ଷଣଗୁଡ଼ିକ ପ୍ରତି ମଧ୍ୟ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଆଙ୍ଗୁଠି କ୍ଲବ୍ ହେବା, ଆଙ୍ଗୁଠି ଏବଂ ନଖର ଆକୃତି ଏବଂ ଗଠନରେ ପରିବର୍ତ୍ତନ। ଯଦିଓ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବଦା ଦୃଶ୍ୟମାନ ହୁଏ ନାହିଁ, ଏହାକୁ ବୁଝିବା ଆପଣଙ୍କ ଫୁସଫୁସ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିପାରିବ।

ଆଙ୍ଗୁଠି କ୍ଲବିଂ କ'ଣ ?

ଆଙ୍ଗୁଠି କ୍ଲବିଂ, ଯାହାକୁ ଡିଜିଟାଲ୍ କ୍ଲବିଂ ମଧ୍ୟ କୁହାଯାଏ, ତାହା ହେଉଛି ଆଙ୍ଗୁଠିର ଅଗ୍ରଭାଗରେ ଫୁଲା ଏବଂ ନଖରେ ପରିବର୍ତ୍ତନ। ଏହା ଧୀରେ ଧୀରେ ବିକଶିତ ହୁଏ ଏବଂ ପ୍ରଥମେ ଚିହ୍ନଟ କରିବା ସହଜ ନ ହୋଇପାରେ । ପ୍ରାରମ୍ଭିକ ଅବସ୍ଥାରେ, ନଖ ଚାରିପାଖରେ ସାମାନ୍ୟ ଲାଲ କିମ୍ବା କୋମଳତା ଦେଖାଯାଇପାରେ, ଯେତେବେଳେ ଏହା ବଢ଼ିଥାଏ, ନଖଗୁଡ଼ିକ ଚକଚକିଆ ଏବଂ ଚାମଚ ଆକୃତିର ଦେଖାଯାଏ।

ଫୁସଫୁସ କର୍କଟ ଏବଂ ଆଙ୍ଗୁଠି କ୍ଲବ୍ ମଧ୍ୟରେ ସମ୍ପର୍କ

ଫୁସଫୁସ କର୍କଟ ରୋଗୀଙ୍କ ମଧ୍ୟରେ ଆଙ୍ଗୁଠି କ୍ଲବ୍ କରିବା ଏକ ସାଧାରଣ ଲକ୍ଷଣ, ଏବଂ ଗବେଷଣାରୁ ଜଣାପଡିଛି ଯେ ଏହା ପ୍ରାୟ ୮୦ ପ୍ରତିଶତ ରୋଗୀଙ୍କଠାରେ ଏହା ଦେଖାଯାଏ। ତଥାପି, ଏହା ପ୍ରାୟତଃ ରୋଗର ଉନ୍ନତ ପର୍ଯ୍ୟାୟରେ ଦେଖାଯାଏ। ଏହା ଶରୀରରେ ଅମ୍ଳଜାନର ଅଭାବ ଏବଂ ନୂତନ ରକ୍ତବାହୀ ନଳୀ ଗଠନକୁ ଉତ୍ତାହିତ କରୁଥିବା କିଛି ବୃଦ୍ଧି କାରକଗୁଡ଼ିକର ଉତ୍ପାଦନ ବୃଦ୍ଧି ହେତୁ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି ପ୍ରକ୍ରିୟା କର୍କଟ ଭଳି ରୋଗ ଦ୍ୱାରା ଆରମ୍ଭ ହୋଇପାରେ। ଯଦିଓ ଫୁସଫୁସ କର୍କଟ ସବୁଠାରୁ ସାଧାରଣ କାରଣ, ଆଙ୍ଗୁଠି କ୍ଲବିଂ ଅନ୍ୟାନ୍ୟ ରୋଗ ଯୋଗୁଁ ମଧ୍ୟ ହୋଇପାରେ । ଯେପରିକି ବ୍ରୋଙ୍କିଏକ୍ଟାସିସ୍ ଏବଂ ସିଷ୍ଟିକ୍ ଫାଇବ୍ରୋସିସ୍ ସମେତ ଦୀର୍ଘକାଳୀନ ଫୁସଫୁସ ସଂକ୍ରମଣ, ସିରୋସିସ୍ ଭଳି ଯକୃତ ରୋଗ ଏବଂ ଅନ୍ୟାନ୍ୟ କର୍କଟ ଯେପରିକି ଯକୃତ କର୍କଟ କିମ୍ବା ହଜକିନ୍ସ ଲିମ୍ଫୋମା, ଏବଂ HIV, ହେପାଟାଇଟିସ୍ ବି ଏବଂ ସି ସମେତ ଭୂତାଣୁ ସଂକ୍ରମଣ।

ଚିକିତ୍ସା କଣ ?

ଆଙ୍ଗୁଠି କ୍ଲବିଂ ପାଇଁ କୌଣସି ଉପଚାର ନାହିଁ। ସମାଧାନ ହେଉଛି ଏହାକୁ ସୃଷ୍ଟି କରୁଥିବା ଅନ୍ତର୍ନିହିତ ରୋଗକୁ ନିୟନ୍ତ୍ରଣ କରିବା। ଯଦି କାରଣ ଅସ୍ଥାୟୀ କିମ୍ବା ଚିକିତ୍ସାଯୋଗ୍ୟ, ତେବେ କ୍ଲବିଂ କମିଯାଇପାରେ। ତଥାପି, ଫୁସଫୁସ କର୍କଟ କିମ୍ବା ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ରୋଗରେ, ଏହି ପରିବର୍ତ୍ତନ ସ୍ଥାୟୀ ହୋଇପାରେ। ଯଦି ଆପଣ ଆପଣଙ୍କ ନଖ କିମ୍ବା ଆଙ୍ଗୁଠିରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରନ୍ତି, ତେବେ ଡାକ୍ତରଙ୍କୁ ଦେଖା କରିବାକୁ ନିଶ୍ଚିତ କରନ୍ତୁ। ଡାକ୍ତର ଆପଣଙ୍କ ନଖ ପରୀକ୍ଷା କରିବେ ଏବଂ ଆବଶ୍ୟକ ହେଲେ ରକ୍ତ ପରୀକ୍ଷା, ଏକ୍ସ-ରେ କିମ୍ବା ସିଟି ସ୍କାନ ଭଳି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। ଯଦି ଏହି ଲକ୍ଷଣଗୁଡ଼ିକ ଫୁସଫୁସ କର୍କଟ ଭଳି ଗମ୍ଭୀର ରୋଗ ସହିତ ଜଡିତ, ତେବେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ପାର୍ବଣ ପୂର୍ବରୁ ଅନ୍ଧାର ରାସ୍ତାରେ ମରଣାନ୍ତକ ଆକ୍ରମଣ

ଦମ୍ପତି ଆହତ, ଯୁବକ ଥାନାରେ ଅଟକ

କାକଟପୁର/ଅସ୍ତରଙ୍ଗ,୧୩।୯ (ସଂଚାର ବ୍ୟୁରୋ): ପାର୍ବଣ ପୂର୍ବରୁ ପୁରୀ ଜିଲ୍ଲା କାକଟପୁର ଥାନା ଅଂଚଳରେ ଅପରାଧ।କାକଟପୁର ଥାନା ବାଉରିଆକଣ ଭଣ୍ଡାଘର ନିଛାଟିଆ ରାସ୍ତାରେ ଅନ୍ଧାର ସୁଯୋଗ ନେଇ ଦମ୍ପତିଙ୍କୁ ମାରଣାସ୍ତ୍ର ଆକ୍ରମଣ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଅସ୍ତରଙ୍ଗ ବ୍ଲକ ଗୋପାଳପୁର ଗ୍ରାମର ମନୋରମା ମହାନ୍ତି ଓ ଲିଟୁ ମହାନ୍ତି ଦମ୍ପତି ରବିବାର ସନ୍ଧ୍ୟା ୭.୩୦ରେ କାକଟପୁର ବଜାରରୁ ଘରକୁ ଫେରୁଥିଲେ। ବାଉରିଆକଣ ଭଣ୍ଡାଘର ରାସ୍ତାରେ ଘୁଟ୍ ଘୁଟ୍ ଅନ୍ଧାର ଥିବା ବେଳେ ଜଣେ ନିଶାସକ୍ତ ଯୁବକ ଚୋରି ଉଦ୍ଦେଶ୍ୟରେ ତାଙ୍କ ବାଇକ୍ ଅଟକାଇ ଧାରୁଆ ପନିକିରେ ଆକ୍ରମଣ କରିଥିଲା। ଫଳରେ ଦମ୍ପତି ରକ୍ତାକ୍ତ ହୋଇ ରାସ୍ତାରେ ପଡି ଯାଇଥିଲେ। କିନ୍ତୁ ଦମ୍ପତି ସାହସର ସହ ଆକ୍ରମଣକାରୀକୁ ଗାଡିରୁ ଓହ୍ଲାଇ କାବୁ କରି ରଖିଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଯୁବକକୁ ଧରି କାକଟପୁର ପୋଲିସ ଜିମାରେ ଦେଇଥିଲେ। ପୋଲିସ ଆହତ ଦମ୍ପତି ଓ ଅଭିଯୁକ୍ତକୁ ମେଡିକାଲରେ ଭର୍ତି କରିଛି। ପାର୍ବଣ ପୂର୍ବରୁ ଏଭଳି ଘଟଣା ପୋଲିସ ପାଟ୍ରୋଲିଂ ଓ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ଥାନୀୟ ଲୋକେ ରାତିରେ ପାଟ୍ରୋଲିଂ ବଢାଇବାକୁ ଦାବି କରିଛନ୍ତି।

ରୁଙ୍ଗଟା ମାଇନ୍ସରୁ ୪୦ଲକ୍ଷ ପିଗ-ଆଇରନ ଚୋରି ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ



ଢେଙ୍କାନାଳ,୧୩।୯ (ସଂଚାର ବ୍ୟୁରୋ): ଖଜୁରିଆକଟା-ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ନିମବହାଳି ଝାଡ଼ବନ୍ଧ ସ୍ଥିତ ରୁଙ୍ଗଟା ମାଇନ୍ସ ରୁ ୪୦ଲକ୍ଷ ଟଙ୍କାର ପିଗ ଆଇରନ ଚୋରି ମାମଲାରେ ଦୁର୍ଦ୍ଧାନ୍ତ ଆନ୍ତଃରାଜ୍ୟ ଆଇରନ ମାଫିଆକୁ ପୋଲିସ ଗିରଫ କରିବାସହ ଦୁଇଟି ଟ୍ରଲର ଜବତ କରିଛି।ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ଝାଡ଼ବନ୍ଧ ସ୍ଥିତ ରୁଙ୍ଗଟା ମାଇନ୍ସ କମ୍ପାନୀରୁ ପିଗ ଆଇରନ ଚୋରି ହୋଇଥିବା ନେଇ ରୁଙ୍ଗଟା ମାଇନ୍ସ ଲିମିଟେଡ଼ ଆଡିଶନାଲ ଜିଏମ ସିକ୍ୟୁରିଟି ତରୁଣ ଦୁବେ ବାଲିମି ଥାନାରେ ଗତ ୯/୯/୨୦୨୬ରେ ଏତଲା ଦେବାପରେ ବାଲିମି ଥାନା ରେ କେଶନଂ ୨୩୪ ତା ୯/୯/୨୦୨୬,ୟୁ/ଏସ୍-୬୧(୨)/୩୦୩(୨)/୩୧୬(୩)/୩୧୭(୨),୩(୫) ବିଏନ୍ଏସ୍‌ରେ ମାମଲା ରୁଜୁ ହୋଇ ମୁଖ୍ୟଅଭିଯୁକ୍ତ ଦୁର୍ଦ୍ଧାନ୍ତ ଆନ୍ତଃରାଜ୍ୟ ଆଇରନ ମାଫିଆ ନୟାପଲ୍ଲୀର ରଶ୍ମିରଂଜନ ଭୂୟାଁଙ୍କୁ ପୁରୀରୁ ବାଲିମି ପୋଲିସ ଗିରଫ କରିବାସହ ଦୁଇଟି ଟ୍ରଲର ଗାଡିକୁ ପ୍ରାୟ ୪ଠଲକ୍ଷ ଟଙ୍କାର ଆଇରନ ଚୋରି ପରିବହନରେ ବ୍ୟବହୃତ ପାଇଁ ଜବତ କରିଛି। ତେବେ ବାଲିମି ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଏହି ହାଇପ୍ରୋଫାଇଲ ଆଇରନ ଡକାୟତି ମାମଲାରେ ଡ୍ରାଇଭର ଧନୁ ନାଏକ ଗୁଡ୍ଡୁ ପ୍ରତାପ ସିଂ, ବରପାଲର ବାବୁଲ ବେହେରା, ଖୁଣ୍ଟୁଣୀର ବିଶାଳ ରାଉତ (ବବୁଲ) ଓ ଜରପଡାର ସୁଶାନ୍ତ ସାହୁ(ଛୁଟି) ଙ୍କୁ ଧରିବାକୁ ଏବଂ ଚୋରି ଆଇରନ ଜବତ କରିବାକୁ ଜୋରଦାର ଉଦ୍ୟମ କରୁଥିବା ଜଣାପଡିଛି। ତେବେ ଏହି ହାଇପ୍ରୋଫାଇଲ ଆନ୍ତଃରାଜ୍ୟ ଆଇରନ ଡକାୟତି ଘଟଣା ଢେଙ୍କାନାଳ ଜିଲ୍ଲା ତଥା ଓଡିଶାରେ ଚାଞ୍ଚଲ୍ୟ ଖେଳାଇଦେଇଛି।

ପାଣି ଟାଙ୍କି ଚୋରି ଘଟଣା:ଅଭିଯୁକ୍ତ ଗିରଫ

ନୀଳଗିରି,୧୩।୯(ସଂଚାର ବ୍ୟୁରୋ): ଚଳିତ ମାସ ଏକ ସରକାରୀ କାର୍ଯ୍ୟାଳୟରୁ ପ୍ଲାଷ୍ଟିକ ପାଣି ଟାଙ୍କି ଓ ସ୍କୁଲରୁ ଦୁଇଟି ପ୍ଲାଏ ଚୋରି କରି ଯୁବକ ଜଣକ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ହଟହଟା ହେବାକୁ ପଡ଼ିଥିଲା। ଶେଷରେ ଚୋରି ଘଟଣାକୁ ନେଇ ଗ୍ରାମର ଲୋକମାନେ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କଣ ନିଆଯିବ ସେ ବିଷୟ ଆଲୋଚନା କରିବା ପାଇଁ ବସିଥିଲେ । ଶେଷରେ ସମସ୍ତ ବିଷୟରେ ଆଲୋଚନା କରାଯାଇ ଚୋରି କରୁଥିବା ନେଇ ଅଭିଯୁକ୍ତକୁ ଅର୍ଥ ଦଣ୍ଡ ଦେବାକୁ ପଡ଼ିବ ବୋଲି ନିଷ୍ପତି ହେଲା ଓ ଅର୍ଥଦଣ୍ଡ ଦୋଷୀ ଦେବାପରେ ଘଟଣାର ସମାଧାନ ମଧ୍ୟ ହୋଇ ଯାଇଥିଲା। ଏବଂ ଭବିଷ୍ୟତରେ ଏଭଳି ଭୁଲ କରିବ ନାହିଁ ବୋଲି ମଧ୍ୟ ସ୍ୱୀକାର କରିଥିଲା । ମାତ୍ର ଚୋରି କରୁଥିବା ଯୁବକ ଜଣକ ରାଜନୈତିକ ପଶାପାଲିରେ ପଡି ଶେଷରେ ଗିରଫ ହେବାକୁ ପଡିଲା। ଏହିପରି ଏକ ଘଟଣା ନୀଳଗିରି ଥାନା ଅନ୍ତର୍ଗତ ଭାଲୁକାଶୁଣି ଗ୍ରାମରେ ଦେଖିବାକୁ ମିଳିଛି।

ଗତ ୧୦ଦିନ ପୂର୍ବରୁ ଉକ୍ତ ଗ୍ରାମରେ ଥିବା ଫରେଷ୍ଟ ବିଟ୍ ହାଉସ୍ ରୁ ଉକ୍ତ ଗ୍ରାମର ଦେବେନ୍ଦ୍ର ସିଂ ଉକ୍ତ ଅଫିସ୍ ରୁ ପ୍ଲାଷ୍ଟିକ ପାଣି ଟାଙ୍କି ଓ ଉକ୍ତ ସ୍କୁଲ ରୁ ଦୁଇଟି ପ୍ଲାଏ ଚୋରି କରି ଘରେ ରଖିଥିବା ଗ୍ରାମବାସୀ ଜାଣିବା ପରେ ତା ଘରେ ଚଢ଼ାଉ କରି ସବୁ ଚୋରି ସାମଗ୍ରୀ ଜବତ କରିବା ସହ ତାର ଏକ ବାଇକ୍ ଟିକୁ ନେଇ ଆସିଥିଲେ। ପରେ ଏନେଇ ଗ୍ରାମରେ ଏକ ସଭା ବସିଥିଲା। ଏହି ସଭାରେ ଦେବେନ୍ଦ୍ର ସିଂ ଚୋରି କରିଥିବା ନେଇ ମାନିବା ପରେ ତିରିଶି ହଜାର ଟଙ୍କା ଦଣ୍ଡ ଗଣିବା ପରେ ତା ବାଇକଟିକୁ ଫେରାଇ ଦେଇଥିବାର ଉଭୟ ପକ୍ଷ ଉପସ୍ଥିତିରେ ଲେଖାପଢା ପରେ ସମାଧାନ ହୋଇଯାଇଥିଲା। ମାତ୍ର ଦେବେନ୍ଦ୍ର ସିଂ ତିରିଶ ହଜାର ଟଙ୍କା ଫେରି ପାଇବାର ଆଶା ନେଇ ରାଜନେତାଙ୍କ ଶରଣ ପଶିଲା ପରେ ତୁରନ୍ତ ଗ୍ରାମବାସୀଙ୍କ ବିରୁଦ୍ଧରେ ଏକ ଏତଲା ଦେବାକୁ କହିଥିଲେ। ତଦନୁସାରେ ଦେବେନ୍ଦ୍ର ସିଂ ୧୦/୧୦/୨୬ରିଖରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିବା ନେଇ ସୂଚନା ପାଇବା ପରେ ଆଜି ଶତାଧିକ ଗ୍ରାମବାସୀ ନୀଳଗିରି ଥାନାରେ ରୁଣ୍ଡ ହୋଇଥିଲେ। ପରେ ନୀଳଗିରି ଏସଡିପିଓ, ନିର୍ମଳା ଗୋଛାୟତ, ଆଇଆସି ଗୋବର୍ଦ୍ଧନ ନାୟକଙ୍କ ଉପସ୍ଥିତିରେ ଉଭୟ ପକ୍ଷଙ୍କୁ ଡାକି ଘଟଣା ବାବଦରେ ତର୍ଜମା କରିବା ପରେ, ଦେବେନ୍ଦ୍ର ସିଂ ଚୋରି କରିଥିବା ଘଟଣାରେ ଗିରଫ ହେବା ସହ ସୁରେନ୍ଦ୍ର ସିଂ ଦେଇଥିବା ତିରିଶି ହଜାର ଟଙ୍କା ଗ୍ରାମବାସୀ ଫେରେଇ ଦେବା ର ସ୍ଥିର ହେବା ପରେ ଚୋରି କେଷ ନଂ ୪୧୫/୨୬ ମାମଲାରେ ଦେବେନ୍ଦ୍ର ସିଂକୁ ପୋଲିସ ଗିରଫ କରିଛି। ଦେବେନ୍ଦ୍ର ସିଂ ଗ୍ରାମରେ ଅନେକ ଚୋରି କରିଥିବାର ଗ୍ରାମବାସୀମାନେ ଅଭିଯୋଗ ଆଣିଥିଲେ।

୧୯ ବର୍ଷ ଧରି ଦାବି ପରେ ବି ହୋଇପାରୁନି ନିର୍ମାଣ

କଡ଼ଗାସାହି ଗାଁକୁ ସ୍ଥାୟୀ ପୋଲ କେବେ ?

ବର୍ଷାରେ ବାହ୍ୟଜଗତରୁ ବିଚ୍ଛିନ୍ନ ୪୫ରୁ ଊର୍ଦ୍ଧ୍ୱ ପରିବାର

ଭରା ନାଳ ପାରିହୋଇ ଅଙ୍ଗନବାଡ଼ି ଓ ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ

ଦୁର୍ଘଟଣାର ଆଶଙ୍କା

ଫୁଲବାଣୀ,୧୩।୯ (ସଂଚାର ବ୍ୟୁରୋ): ବିକାଶର ଅନେକ ଦାବି ମଧ୍ୟରେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି ଦୁର୍ଗମ ଅଞ୍ଚଳର ଲୋକେ। ବର୍ଷା ଆସିଲେ ଯେଉଁଠି ଯାତାୟାତ ଠପ୍, ଭରା ନାଳ ପାର ହେବା ହିଁ ଏକମାତ୍ର ଭରସା। ସେଭଳି ଏକ ଦୁର୍ଦ୍ଦଶାର ଚିତ୍ର ସାମ୍ନାକୁ ଆସିଛି ବାଲିଗୁଡ଼ା ବ୍ଲକର ଦୁର୍ଗମ ସଲାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ତେର୍ଜାକିଆ ୱାର୍ଡର କଡ଼ଗାସାହି ଗାଁରୁ।

ତେର୍ଜାକିଆ ମୁଖ୍ୟ ରାସ୍ତାରୁ କଡ଼ଗାସାହି ଗାଁକୁ ଯିବା ବାଟରେ ପଡ଼େ ସାବନଯୋଡ଼ି ନାଳ। ଏହି ନାଳ ହିଁ ଗାଁ ବାସୀଙ୍କ ଯାତାୟାତରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି। ନାଳ ଉପରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ପୋଲ ନିର୍ମାଣ ହୋଇନଥିବା ବେଳେ ଗାଁକୁ ଯିବା ପାଇଁ ମଧ୍ୟ ନିତିଦିନିଆ ପକ୍କା ରାସ୍ତା ନାହିଁ। ଫଳରେ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ପରିବାର ବର୍ଷ ବର୍ଷ ଧରି ଯାତାୟାତ ଯନ୍ତ୍ରଣା ଭୋଗୁଛନ୍ତି । ଏହି ସାବନଯୋଡ଼ି ନାଳ ଅତିକ୍ରମ କଲେ ହିଁ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ ଆଦି ରହିଛି। ତେଣୁ ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିତିଦିନ ନାଳ ପାର ହୋଇ ଯାତାୟାତ କରିବାକୁ ପଡୁଛି। ବର୍ଷା ଦିନେ ନାଳରେ ପାଣି ବଢ଼ିଲେ ପରିସ୍ଥିତି ଆହୁରି ସଙ୍ଗିନ ହୋଇପଡ଼େ। କୋମଳମତି ଶିଶୁମାନଙ୍କୁ କିଏ କାଖରେ ଧରି ତ କିଏ ହାତ ଧରାଧରି ହୋଇ ଭରା ନାଳ ପାର କରାଉଥିବା ଦୃଶ୍ୟ ଗାଁର ଦୁର୍ଦ୍ଦଶାକୁ ସ୍ପଷ୍ଟ କରୁଛି। ଟିକିଏ ଅସାବଧାନତା ହେଲେ ଘଟିପାରେ ବଡ଼ ଅଘଟଣ। ତଥାପି ଶିକ୍ଷାର ଆଶାରେ ଛାତ୍ରଛାତ୍ରୀମାନେ ଏହି ବିପଦପୂର୍ଣ୍ଣ ରାସ୍ତା ଦେଇ ସ୍କୁଲ ଯାଉଛନ୍ତି। ବର୍ଷା ଦିନେ ନାଳରେ ବନ୍ୟାଜଳ ଆସିଲେ କଡ଼ଗାସାହି ଗାଁ ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡୁଛି।

୨୦୦୭ର ଦୁଃଖଦ ଘଟଣା ପରେ ବି ବଦଳିଲାନି ସ୍ଥିତି । ସାବନଯୋଡ଼ି ନାଳର ବିପଦ କୌଣସି ନୂଆ କଥା ନୁହେଁ। ୨୦୦୭ ମସିହାରେ ବାଲିଗୁଡ଼ା ଥାନା ଅଞ୍ଚଳର ଗଟାଙ୍ଗୀ ଗାଁର ଜଣେ ମାଆ ଓ ଝିଅ ଏହି ନାଳ ପାର ହେଉଥିବା ସମୟରେ ଭାସିଯାଇ ପ୍ରାଣ ହରାଇଥିବା ଗାଁବାସୀଙ୍କ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଅନେକ ଲୋକ ନାଳର ପ୍ରଖର ସ୍ରୋତରେ ଭାସିଯାଇଥିବା ବେଳେ ଉଦ୍ଧାର ହୋଇ ନୂଆ ଜୀବନ ପାଇଥିବା ମଧ୍ୟ ଜଣାପଡ଼ିଛି। ଏଭଳି ଦୁଃଖଦ ଘଟଣା ପରେ ନାଳ ଉପରେ ପୋଲ ନିର୍ମାଣ ପାଇଁ ବ୍ଲକଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଦାବି ହୋଇଆସୁଛି। ହେଲେ ୧୯ ବର୍ଷ ବିତିଗଲା ପରେ ବି ଦାବି ପୂରଣ ହୋଇନଥିବାରୁ ଗାଁବାସୀଙ୍କ ମନରେ ଅସନ୍ତୋଷ ବଢ଼ିଛି।

ଦୀର୍ଘଦିନ ଧରି ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ କଡ଼ଗାସାହି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଜୟପୁର-ନବରଙ୍ଗପୁର ନୂତନ ରେଳପଥ

ବୋରିଗୁମ୍ମା ତହସିଲ ପକ୍ଷରୁ ୨୫୧ ଏକର ହସ୍ତାନ୍ତର

ବୋରିଗୁମ୍ମା,୧୩।୯ (ସଂଚାର ବ୍ୟୁରୋ): ଜୟପୁର-ନବରଙ୍ଗପୁର ନୂତନ ରେଳପଥ ଆଶା ଆଉ ଟିକିଏ ଉଜ୍ଜ୍ୱଳ ହେବାକୁ ଯାଉଛି।ପୂର୍ବରୁ ରେଲୱେ ବିଭାଗ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ନିମନ୍ତେ ସର୍ଭେ କାର୍ଯ୍ୟ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟ ଶେଷ ହୋଇଥିବା ବେଳେ, ଏବେ ପ୍ରଶାସନ ଅଧିଗ୍ରହଣ ଜମିକୁ ରେଲୱେ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ତୃତୀୟ ପର୍ଯ୍ୟାୟ ରେ ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଦୁଲ୍ଲାଗୁଡ଼ା, ପର୍ଲି ଓ କାମରା ଗ୍ରାମର ପ୍ରାୟ ୪୦ ଏକର ଜମି ରେଳ ବିଭାଗ କୁ ହସ୍ତାନ୍ତର କରିଥିଲେ। ଚତୁର୍ଥ ପର୍ଯ୍ୟାୟ ରେ ବୋରିଗୁମ୍ମା ତହସିଲର ଦୁଇଟି ଗ୍ରାମ ଯଥା କାଳିଆଗୁଡା ଓ ଅଂଚଳା ଗ୍ରାମର ୮୨.୩୨ ଏକର ଜମି ରାଜସ୍ୱ ବିଭାଗ, ରେଳ ବିଭାଗକୁ ହସ୍ତାନ୍ତର କରିଥିଲେ। ଜମି ହରାଇଥିବା ମୋଟ ୯୪ ଜଣଙ୍କ ମଧ୍ୟରୁ ୮୪ ଜଣଙ୍କୁ ୧୨ କୋଟି ୩୨ ଲକ୍ଷ ପାଞ୍ଚ ହଜାର ପାଞ୍ଚ ଶହ ପଇଁତିରିସି ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର ଶୋଭନ କୁମାର ବେହେରା ସୂଚନା ଦେଇଛନ୍ତି। ଯେଉଁଠି ଜମି ଅଧିଗ୍ରହଣ ହୋଇଛି, ସେହି ସ୍ଥାନ ମାନଙ୍କରେ ଆଜି ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ଦୁଇଟି ଗ୍ରାମ କାଳିଆଗୁଡା ଓ ଅଂଚଳା ଗ୍ରାମର ୮୨.୩୨ ଏକର ଜମି କାଗଜପତ୍ର ରେଲୱେ ଇଷ୍ଟ କୋଷ୍ଟ ଯୋନର ସିନିଅର ସେକ୍ସନ ଇଂଜିନିୟର ଭେଙ୍କଟ ରାଜୁଙ୍କୁ ହସ୍ତାନ୍ତର କରିଥିଲେ।

ତେବେ ଜୟପୁର ତହସିଲର ମୋଟ ୨୨୦ ଏକର ଜମି ହସ୍ତାନ୍ତର ହେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ମାତ୍ର ୨୦ ଏକର ଜମି ଆମକୁ ହସ୍ତାନ୍ତର କରାଯାଇଛି ବୋଲି ରେଳ ବିଭାଗର ଏସଏସଇ ଭେଙ୍କଟ ରାଜୁ ସୂଚନା ଦେଇଛନ୍ତି।ଯେତେ ଶୀଘ୍ର ପ୍ରଶାସନ ରେଳ ବିଭାଗ କୁ ଜମି ହସ୍ତାନ୍ତର କରିବେ, ତୁରନ୍ତ ଜୟପୁର-ନବରଙ୍ଗପୁର ନୂତନ ରେଳପଥ କାର୍ଯ୍ୟ ଆରମ୍ଭ ହେବ ବୋଲି ଭେଙ୍କଟ ରାଜୁ କହିଛନ୍ତି।

ଆଗକୁ ପାର୍ବଣ, ପଟ୍ଟାମୁଣ୍ଡାଇ ପୁଲିସର ଫ୍ଲାଗମାର୍ଚ୍ଚ

ପଟ୍ଟାମୁଣ୍ଡାଇ,୧୩।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଏକ ସମ୍ବେଦନଶୀଳ ଅଂଚଳ ଭାବେ ପରିଚିତ । ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ବିଭିନ୍ନ ପର୍ବ ପର୍ବାଣୀ ପାଳନ କରିଥାନ୍ତି । ସାମ୍ପ୍ରଦାୟିକ ସଂପ୍ରୀତିର ସହର ଭାବେ ପଟ୍ଟାମୁଣ୍ଡାଇର ସମଗ୍ର ରାଜ୍ୟରେ ସୁଖ୍ୟାତି ରହିଛି । ମାତ୍ର କିଛି ଅସାମାଜିକ ତତ୍ତ୍ୱ ପଟ୍ଟାମୁଣ୍ଡାଇ ସହରର ସଦଭାବ ଓ ଭାଇଚାରାକୁ ନଷ୍ଟ କରିବା ପାଇଁ ବିଭିନ୍ନ ସମୟରେ ଅପଚେଷ୍ଟା କରିଆସୁଛନ୍ତି । ଆସନ୍ତାକାଲି ବିଘ୍ନବିନାଶକ ବିଦ୍ୟାଦାତା ଗଣେଶ ମହାପ୍ରଭୁଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଜନଗହଳି ବଢ଼ିବା ସହିତ ସମଗ୍ର ଅଂଚଳ ବିଭିନ୍ନ ପୂଜା ପର୍ବରେ ଉଲ୍ଲସିତ ହୋଇ ଏକ ଭିନ୍ନ ମାହୋଲ ସୃଷ୍ଟି କରିଥାଏ । ଏଭଳି ସ୍ଥିତିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ନୂତନ ଆଇଆଇସି ମାନସ ରଞ୍ଜନ ମଲ୍ଲିକ ଗଣେଶ ପୂଜା ସମେତ ଆଗାମୀ ବିଶ୍ୱକର୍ମା ଓ ଦୁର୍ଗା ପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ଓ କଡାକଡ଼ି ଭାବେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୁରା ଦମରେ ଲାଗି ପଡିଛନ୍ତି । ଏଇ ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ଆଇଆଇସି ଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ସଶସ୍ତ୍ର ପୋଲିସ ବାହିନୀ ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ଫ୍ଲାଗ ମାର୍ଚ୍ଚ କରିବା ସହିତ ଅସାମାଜିକ ତତ୍ତ୍ୱ ଉପରେ କଡା ନଜର ରଖିଛନ୍ତି । ଏଥି ସହିତ ରାତ୍ରିକାଳୀନ ପାଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି ।

ଶିବାନନ୍ଦ ଆଶ୍ରମରେ ବେଦମନ୍ତ୍ର ଓ ଗୀତା ଆବୃତ୍ତି ପ୍ରତିଯୋଗିତା

କେନ୍ଦ୍ରାପଡ଼ା,୧୩।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପରିସରରେ ଶ୍ରୀ ଚିଦାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବ ଉପଲକ୍ଷେ ଦିବ୍ୟ ଆଧ୍ୟାତ୍ମିକ ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଦମନ୍ତ୍ର, ଗୀତା ଆବୃତ୍ତି ଏବଂ ଦିବ୍ୟଜୀବନ ଓ ସ୍ୱାମୀ ଶିବାନନ୍ଦ, ଆଦି ଶଙ୍କରାଚାର୍ଯ୍ୟଙ୍କ ସନାତନ ଧର୍ମକୁ ଅବଦାନ ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡା ସହର ତଥା ଆଖପାଖ ଅଞ୍ଚଳର ବହୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।

ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦିବ୍ୟ ସାରସ୍ୱତ ଉତ୍ସବରେ ଡ. କାଳୀପ୍ରସନ୍ନ ଶତପଥୀ ଓ ପ୍ରଫେସର ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ ପ୍ରତିଯୋଗିତା ପରିଚାଳନା କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ଗୀତା ପୁସ୍ତକ ଓ ସ୍ମାରକୀ ପଦକ ପ୍ରଦାନ କରାଯାଇଥିଲା । ଶିବାନନ୍ଦ ବିଦ୍ୟା ମନ୍ଦିରର ଗୁରୁଜୀ, ଗୁରୁମାଙ୍କ ସମେତ ସହ ସମ୍ପାଦକ ଅଭିମନ୍ୟୁ ଗୋଛାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କଲେଜ କଲୋନୀ ପ୍ରାକ୍ଟିସିଂ ସ୍କୁଲର ଶିକ୍ଷୟିତ୍ରୀ ବନଲତା ଚୌଧୁରୀ ସ୍ୱତନ୍ତ୍ର ଭାବେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଇବା ସହ ପ୍ରେରଣା ପ୍ରଦାନ କରିଥିଲେ । ବ୍ରହ୍ମଚାରୀ ନୃସିଂହ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ମୁସଲିମ ଛାତ୍ରୀମାନେ ବୈଦିକମନ୍ତ୍ର ଓ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିବା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା ।

ଶିବାନନ୍ଦ ଆଶ୍ରମ ପକ୍ଷରୁ ପ୍ରତି ରବିବାର ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ବେଦମନ୍ତ୍ର ଓ ଗୀତା ଆବୃତ୍ତି ଶିକ୍ଷାଦାନ ପାଇଁ ନିଶୁଳ୍କ ବ୍ୟବସ୍ଥା କରାଯାଇଛି ବୋଲି ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ପ୍ରକାଶ କରିଛ